

ରାୟସାହେବ ଜଗତ୍‌ବନ୍ଧୁ ମହାପାତ୍ର

ଏ ଯୁଗର ଚିନ୍ତାଶୀଳ ବ୍ୟକ୍ତିମାନେ କହନ୍ତି ଯେ, ସାଂସାରିକ ଯାବତୀୟ ଦୁଃଖ କଷ୍ଟର ମୂଳ କାରଣ ପୁଞ୍ଜିବାଦ; ତେଣୁ ମନୁଷ୍ୟସମାଜରୁ ତାକୁ ଦୂର କରିବାକୁ ହେବ । ପକ୍ଷାନ୍ତରେ ଅନ୍ୟ କେତେକ କହନ୍ତି ଯେ, ବିଗତ ପ୍ରାୟ ତିନିଶହ ବର୍ଷ ମଧ୍ୟରେ ମାନବ ସଭ୍ୟତା ଯେଉଁ କ୍ଷିପ୍ର ଗତିରେ ଅଗ୍ରେଇଛି, ତାହା ପୁଞ୍ଜିବାଦ ବ୍ୟତିରେକେ ସମ୍ଭବ ହୋଇ ନ ଥାନ୍ତା; ତେଣୁ ପୁଞ୍ଜିବାଦକୁ କେବଳ ଗୋଟିଏ ଅବିମିଶ୍ର ଅମଙ୍ଗଳମୟ ପଦ୍ଧତି ବୋଲି ବୁଝିବା ଭୁଲ ।

ପୁଞ୍ଜିବାଦର କୁଫଳକୁ ନିବାରଣ କରିବାପାଇଁ ପୃଥିବୀର ବହୁତ ଦେଶରେ ବହୁବିଧ ସାମ୍ୟବାଦମୂଳକ ଗବେଷଣା ଓ ପରୀକ୍ଷା ଚାଲିଛି । କିନ୍ତୁ ଏ ପର୍ଯ୍ୟନ୍ତ ପୁଞ୍ଜିବାଦର ଉଚ୍ଛେଦ ସାଧିତ ହୋଇ ପାରି ନାହିଁ । ଯେପରି କି ସମଗ୍ର ପୃଥିବୀ କେବଳ ଅନ୍ଧାରରେ ବାଟ ଖୋଜି ବୁଲୁଛି । ଏହାର ପରିଣାମ କଣ ହେବ, କିଏ କହିପାରେ ?

সামাজিক সমস্যা

প্রথম খণ্ড

# ପୁଞ୍ଜିବାଦ ଓ ସାମ୍ୟବାଦ

ବା

## ସାମାଜିକ ଅର୍ଥନୀତି

ରାୟସାହେବ ଜଗଦ୍‌ବନ୍ଧୁ ମହାପାତ୍ର ଏମ୍. ଏ.

ପ୍ରକାଶକ

ଶ୍ରୀରାଧାରମଣ ପୁସ୍ତକାଳୟ

ବାଲୁବଜାର, କଟକ

ପ୍ରଥମ ମୁଦ୍ରଣ

୧୯୪୭

ପ୍ରାପ୍ତିସ୍ଥାନ

ଏକଟଙ୍କା

ଷ୍ଟାଣ୍ଡାଡ଼୍ ବୁକ୍ ମାର୍ଟ

ବାଲୁବଜାର, କଟକ

## ପ୍ରଥମ ପରିଚ୍ଛେଦ

# ସମାଜର ଆର୍ଥନୈତିକ ବ୍ୟବସ୍ଥା

— ଏକ —

ବିଶ୍ୱସୃଷ୍ଟିରେ ମନୁଷ୍ୟ ଗୋଟିଏ ସାମାଜିକ ଜୀବ । ସମାଜ ବ୍ୟତିରେକେ ମନୁଷ୍ୟର ଚଳିବା ଅସମ୍ଭବ । ପଶୁ ପକ୍ଷୀ ଆଦି ମନୁଷ୍ୟେତର ଜୀବଗୁଡ଼ିକ ସମାଜ ବ୍ୟତିରେକେ ଚଳି ପାରନ୍ତି । ସେମାନଙ୍କ ରହିବା ପାଇଁ ଘର ତୋଳିବାର ପ୍ରୟୋଜନ ନାହିଁ; ସଡ଼କ, ଡାକ୍ତରଖାନା, ସ୍କୁଲ, କଲେଜ, କଲ କାରଖାନା କୌଣସି ଜିନିଷର ଅବଶ୍ୟକତା ନାହିଁ । ପ୍ରକୃତି ସେମାନଙ୍କର ଖାଦ୍ୟ ସଜାଇ ରଖିଥାଏ । ତେଣୁ ସେମାନଙ୍କର ଚାଷ କରି ଫସଲ ଅମଦାନି କରିବା, ହାତ ଗୋଡ଼ର ବ୍ୟବହାର ଓ ବୁଦ୍ଧିର ପ୍ରୟୋଗଦ୍ୱାରା ଶିଳ୍ପ ଦ୍ରବ୍ୟ ତିଆରି କରିବାର ପ୍ରୟୋଜନ ହୁଏ ନାହିଁ ।

କିନ୍ତୁ ମଣିଷକୁ ନିଜର ଖାଦ୍ୟ ପାଇଁ, ନିଜର ଘର ପାଇଁ, ନିଜର ଶିକ୍ଷା ପାଇଁ ଓ ନିଜର ସଭ୍ୟତା ପାଇଁ ବୀତିମତ

ଧାରିବାହିକ ଭାବରେ ପରିଶ୍ରମ କରିବାକୁ ପଡ଼େ । କେବଳ ବ୍ୟକ୍ତିଗତ ପରିଶ୍ରମରେ ମଧ୍ୟ ତାର ସବୁ କାର୍ଯ୍ୟ ନିର୍ବାହ ହୋଇ ପାରେ ନାହିଁ । ବ୍ୟକ୍ତିଗତ ପରିଶ୍ରମ ଛଡ଼ା ତାକୁ ସଂଘବଦ୍ଧ ହୋଇ ସାମାଜିକ ଯୋଜନା କରି ସେ ଅନୁସାରେ ଗଣବଦ୍ଧ ପରିଶ୍ରମ ମଧ୍ୟ କରିବାକୁ ପଡ଼େ। ଗୋଟିଏ ରେଲଲାଇନ ବସାଇବା, ଗୋଟିଏ ବଡ଼ ସଡ଼କ କରିବା ବା ଗୋଟିଏ ବିଶ୍ୱବିଦ୍ୟାଳୟ କରିବାପାଇଁ ବ୍ୟକ୍ତିଗତ ପରିଶ୍ରମ ଯଥେଷ୍ଟ ନୁହେଁ । ଏଥିପାଇଁ ସଂଘବଦ୍ଧ ସମୂହ ଚେଷ୍ଟା ଦରକାର ।

ମଣିଷ ଚେଷ୍ଟା କରେ ଓ ତାର ସେଇ ଚେଷ୍ଟା ବା କାର୍ଯ୍ୟ ଫଳରେ ସେ ତାହାର ଆବଶ୍ୟକୀୟ ଦ୍ରବ୍ୟ, ଅନୁଷ୍ଠାନ ଓ ସେବା ପାଇଥାଏ । ଏଥିରୁ ବୁଝିବାକୁ ହେବ ନାହିଁ ଯେ, ଉତ୍ପାଦନର ମୌଳିକ ଶକ୍ତି ମନୁଷ୍ୟର । ମଣିଷ ସୋରିଷରୁ ତେଲ ବାହାର କରେ ସତ; ମାତ୍ର ଏଥିରୁ ବୁଝିବାକୁ ହେବ ନାହିଁ ଯେ ମଣିଷ ତେଲ ସୃଷ୍ଟି କରେ । ବସ୍ତୁତଃ ତେଲ କାଢ଼ିବାକୁ ହେଲେ ସୋରିଷର ପ୍ରୟୋଜନ ଏବଂ ସୋରିଷ ମଣିଷସୃଷ୍ଟ ଜିନିଷ ନୁହେଁ । ସୋରିଷ ପ୍ରକୃତିର ସୃଷ୍ଟି । ମଣିଷ ଉକ୍ତ ସୋରିଷ ସଂଗ୍ରହ କରି ତାକୁ ଘଣାରେ ବା କଳରେ ପେଡ଼ିବା-ଦ୍ୱାରା ସେଇ ସୋରିଷ ମଞ୍ଜି ଦେହରେ ଅଦୃଶ୍ୟମାନ ଅବସ୍ଥାରେ ଥିବା ତେଲ ଅଲଗା ହୋଇ ବାହାରି ପଡ଼େ । ଫଳତଃ ମଣିଷ ସୋରିଷ ରୂପରେ ଯାଉଥିବା ଜିନିଷଟିକୁ କେବଳ ଦୁଇ ଭାଗ କରିଦିଏ । ଗୋଟିଏ ଭାଗ ପିଡ଼ିଆ ଓ ଅନ୍ୟ ଭାଗ ତେଲ ହୁଏ । କିନ୍ତୁ ପିଡ଼ିଆ କିମ୍ବା ତେଲ କୌଣସିଟା ମନୁଷ୍ୟସୃଷ୍ଟ ଦ୍ରବ୍ୟ ନୁହେଁ ।

ସେହିପରି ଆମ୍ଭେମାନେ କହୁଁ, ମୁଁ ଏତେ ଭରଣ ଧାନ ଉତ୍ପନ୍ନ କଲି । ଏଥିରୁ ବୁଝିବାକୁ ହେବ ନାହିଁ ଯେ, ମୁଁ ଧାନ ସୃଷ୍ଟି କଲି । ମୋର କାର୍ଯ୍ୟ ହେଉଛି, ଜମିଟାକୁ ଉପଯୁକ୍ତ ଭାବରେ ଚାଷ କରି ଉକ୍ତ ଜମିରେ ଧାନ ମଞ୍ଜିଗୁଡ଼ିକୁ ନେଇ ବୁଣିଦେବା । ସୃଷ୍ଟିପ୍ରକ୍ରିୟାରେ ଉକ୍ତ ମଞ୍ଜିରୁ ଗଛ ବାହାରେ । ବୈଜ୍ଞାନିକମାନେ

କହନ୍ତି ଯେ, ଗଛଟି ମଞ୍ଜି ମଧ୍ୟରେ ଅଦୃଶ୍ୟମାନ ଅବସ୍ଥାରେ ଥାଏ । ଉପଯୁକ୍ତ ପରିସ୍ଥିତି ପାଇଲେ ତାହା ଆପେ ବଢ଼େ । ମଣିଷ କେବଳ ସେଇ ପରିସ୍ଥିତିର ଅନୁକୂଳ ଓ ପରିପୋଷକ ପରିଶ୍ରମ କରି ଜମି ଚଷ କରେ, ବାଡ଼ବଙ୍ଗା ବାନ୍ଧେ, ମଇ ଦିଏ ଇତ୍ୟାଦି । କିନ୍ତୁ ବର୍ଷା, ପାଣି, ଖରା ଆଦି ଗଛର ବଢ଼ିବା ପାଇଁ ଯେଉଁ ପାଣିପାଗ ଓ ବାୟୁ-ମଣ୍ଡଳ ପ୍ରୟୋଜନ, ମଣିଷର ସେଥିରେ ହାତ ନାହିଁ । ତେଣୁ କରି ସୋରିଷରୁ ତେଲ ବାହାର କରିବାରେ ଯେପରି ମଣିଷକୁ ନୂଆ କିଛି ସୃଷ୍ଟି କରିବାକୁ ପଡ଼େ ନାହିଁ, ସେହିପରି ମଞ୍ଜିରୁ ଗଛ ବାହାର କରିବାରେ ମଣିଷକୁ କିଛି ନୂତନ ସୃଷ୍ଟି କରିବାକୁ ପଡ଼େ ନାହିଁ । ସୋରିଷ ଦେହରେ ତେଲ ଯେପରି ପ୍ରକୃତିର ସୃଷ୍ଟି, ମଞ୍ଜିଦେହରେ ଗଛ ସେହିପରି ପ୍ରକୃତିର ସୃଷ୍ଟି ।

ପୁଣି ସେହିପରି ମଣିଷ ଯେତେବେଳେ କାଠରୁ ଖଟ, ବେଞ୍ଚ, ଚଉକି ତିଆରି କରେ କିମ୍ବା ଲୁହାରୁ କଡ଼, ରେଲଧାରଣା ବା କାରଖାନାର କଳ କବଜା ତିଆରି କରେ କିମ୍ବା ସୁନାରୁ ଗହଣା ଗଢ଼େ, ସେତେବେଳେ ସେ କେବଳ ପ୍ରକୃତିଦତ୍ତ ଉପକରଣକୁ ରୂପାନ୍ତର ଦେଇ ତାକୁ ମନୁଷ୍ୟର ବ୍ୟବହାରଯୋଗ୍ୟ କରେ । ବିନା ଲୁହାରେ ମଣିଷ ରେଲଧାରଣା ଗଢି ପାରିବ ନାହିଁ, କି ବିନା ସୁନାରେ ସୁନା ଗହଣା ଗଢ଼ି ହେବ ନାହିଁ, କି ବିନା କାଠରେ କାଠ ଜିନିଷ ତିଆରି କରି ହେବ ନାହିଁ । ମଣିଷ କେବଳ କରିବ ପରିଶ୍ରମ ଓ ତା ଫଳରେ ପ୍ରକୃତିସୃଷ୍ଟ ଜିନିଷକୁ ଦେବ ରୂପାନ୍ତର । ମଣିଷର ସୃଷ୍ଟି କରିବାର କ୍ଷମତା ନାହିଁ ।

ସେହିପରି ଦୋକାନୀ ଯେ ଦୋକାନ ଦିଏ, ତାର କାର୍ଯ୍ୟ ହେଉଛି ଯେଉଁଠାରେ ଯେଉଁ ଜିନିଷ ମିଳେ ତାକୁ ସଂଗ୍ରହ କରି ଯେଉଁଠାରେ ସେ ଜିନିଷ ଲୋକଙ୍କ ଦରକାରରେ ଆସିବ ସେହିଠାରେ ତାକୁ ଗଚ୍ଛିତ ରଖିବା । ତେଣୁ ସେ ଯାହାରେ ସୃଷ୍ଟି ଯାହା

କରେ, ଅର୍ଥାତ୍ ଧାନ ମଞ୍ଜି ଯେଉଁ ଓଳିଆରେ ପଡ଼ି ରହିଲେ ମୋଟେ ଗଛ ହେବ ନାହିଁ, ସେଠାରୁ ତାକୁ ନେଇ ଯେଉଁଠାରେ ଓ ଯେଉଁ ପରିସ୍ଥିତିରେ ରଖିଲେ ସେଥିରୁ ଗଛ ହୋଇ ଫଳ ହେବ, ସେହିଠାରେ ତାକୁ ରଖେ, ଅର୍ଥାତ୍ ବୁଣେ, ଦୋକାନୀ ମଧ୍ୟ ସେହିପରି ଯେଉଁଠାରେ ଯେଉଁ ଜିନିଷ ମଣିଷର ପ୍ରୟୋଜନରେ ଆସିବ ନାହିଁ ସେଠାରୁ ତାକୁ ଆଣି ଯେଉଁଠାରେ ଲୋଡ଼ା ସେହିଠାରେ ଗଚ୍ଛିତ ରଖେ ।

ଖଣିରେ ଯେଉଁମାନେ କାମ କରନ୍ତି ସେମାନେ ପୃଥିବୀର ଗମ୍ଭୀରତମ ପ୍ରଦେଶରେ ଥିବା କୋଇଲା, ଲୁହା, ସୁନା ପ୍ରଭୃତି ଜିନିଷଗୁଡ଼ିକୁ ମନୁଷ୍ୟର ପ୍ରୟୋଜନରେ ନ ଆସିପାରିବା ସ୍ଥାନରୁ ଆଣି ତାକୁ ପ୍ରୟୋଜନୀୟ ରୂପ ଦେଇ, ଯେଉଁଠାରେ ତାହା ପ୍ରୟୋଜନ, ସେଠାକୁ ପଠାଇ ଦିଅନ୍ତି । ପ୍ରକୃତରେ କିନ୍ତୁ ଜଣେ ଲୋକ ବା ଦଳେ ଲୋକ ଏ ସମସ୍ତ କାର୍ଯ୍ୟ କରନ୍ତି ନାହିଁ । ଦଳେ ଲୋକ ଖଣି ଖୋଳି କୋଇଲା ବା ସୁନା ଉପରକୁ ଆଣନ୍ତି; ଆଉ ଦଳେ ଲୋକ ତାକୁ ପ୍ରୟୋଜନୀୟ ରୂପାନ୍ତର ଦିଅନ୍ତି । ଆଉ ଦଳେ ବା କେତେଦଳ ଲୋକ ସେ ସମସ୍ତକୁ ବୋହି ନେଇ ପ୍ରୟୋଜନ ସ୍ଥାନରେ ଉପସ୍ଥାପିତ କରନ୍ତି । ଏ ସମସ୍ତେ କରନ୍ତି ପରିଶ୍ରମ । ଏହାର ସାମଗ୍ରୀ ଯୋଗାଏ ପ୍ରକୃତି । ଏ ସମସ୍ତ ସାମଗ୍ରୀ ଓ ସମସ୍ତ ପରିଶ୍ରମ କେବଳ ମାନବ ସମାଜର ସେବାରେ ଲାଗେ । ମାନବ ସମାଜ ବଞ୍ଚି ରହିବା ପାଇଁ ଏ ସମସ୍ତ ସାମଗ୍ରୀ ଓ ସମସ୍ତ ପରିଶ୍ରମ ଲୋଡ଼ା ।

ଆଉ ଦଳେ ଲୋକ ସମାଜରେ ଅଛନ୍ତି, ଯଥା—ସ୍କୁଲଶିକ୍ଷକ, ସଙ୍ଗୀତଜ୍ଞ, ବଗୁରପଣ୍ଡ ଇତ୍ୟାଦି । ଏମାନେ ପରିଶ୍ରମ କରନ୍ତି ସମାଜର ଉପକାର ନିମନ୍ତେ । ମାତ୍ର କୃଷୀ ଯେପରି ଫସଲ ଉତ୍ପନ୍ନ କରେ, ଶିଳ୍ପୀ ଯେପରି ଶିଳ୍ପ ଦ୍ରବ୍ୟ ଉତ୍ପନ୍ନ କରେ, ଏମାନେ ସେପରି କିଛି ଦୃଶ୍ୟମାନ ଜିନିଷ ଉତ୍ପାଦନ କରନ୍ତି ନାହିଁ । ଶିକ୍ଷକ ଶିକ୍ଷା ଦିଏ, ତା ଫଳରେ ଛାତ୍ରମାନେ ଶିକ୍ଷିତ ହୋଇ ସମାଜର ସେବାପାଇଁ ସମର୍ଥ

ହୁଅନ୍ତି । ସଙ୍ଗୀତଜ୍ଞ ଗୀତ ଗାଏ; ତା ଫଳରେ ଶ୍ରୋତାମାନଙ୍କ ମନରେ ସାମୟିକ ଆନନ୍ଦ ଆସେ । କୃଷୀର କୃଷିରୁ ଉତ୍ପନ୍ନ ଫସଲ ଖାଇ ଯେପରି ମନୁଷ୍ୟ ତୃପ୍ତି ଲାଭ କରେ, ସଙ୍ଗୀତଜ୍ଞର ସଙ୍ଗୀତ ଶୁଣି ମଧ୍ୟ ମନୁଷ୍ୟ ଭିନ୍ନ ଧରଣର ତୃପ୍ତି ପାଏ । ଉଭୟ ତୃପ୍ତି ସମାଜ ନିମନ୍ତେ ପ୍ରୟୋଜନ । ବିଚାରପତି ବିଚାର କରି ବିବାଦ ନିଷ୍ପତ୍ତି କରେ । ଏଥିରେ ସମାଜରୁ ଅଶାନ୍ତି ଦୂର ହୋଇ ଶାନ୍ତି ଆସେ । ଏହା ମଧ୍ୟ ସମାଜର ତୃପ୍ତି ପାଇଁ ।

ବଞ୍ଚି ରହିବାକୁ ହେଲେ ମନୁଷ୍ୟର ପ୍ରୟୋଜନ ହୁଏ କେତେକ ଦୃଶ୍ୟମାନ ପଦାର୍ଥ ଓ କେତେକ ଅଦୃଶ୍ୟମାନ ସେବା । ଏହି ପଦାର୍ଥ ଓ ସେବାର ଉତ୍ପାଦନ ନିମନ୍ତେ ସମାଜ ସବୁବେଳେ ବ୍ୟକ୍ତିଗତ ଭାବରେ ହେଉ ବା ସଂଘବଦ୍ଧ ଭାବରେ ହେଉ, ପରିଶ୍ରମ କରେ । ଗୋଟିଏ ବିଶ୍ବବିଦ୍ୟାଳୟ, ଗୋଟିଏ କାରଖାନା ବା ଗୋଟିଏ ଡାକ୍ତରଖାନା—ଏ ସବୁ ଗୋଟିଏ ଗୋଟିଏ ମନୁଷ୍ୟକୃତ ସଂଘବଦ୍ଧ ଅନୁଷ୍ଠାନ । ଏମାନଙ୍କ ପରିଶ୍ରମ ଫଳରେ ଦୃଶ୍ୟମାନ ଓ ଅଦୃଶ୍ୟମାନ ଦ୍ରବ୍ୟ ଓ ସେବାର ସୃଷ୍ଟି ହୁଏ । ମଣିଷର ବଞ୍ଚି ରହିବାପାଇଁ ଏ ଉଭୟ ପ୍ରକାର ପରିଶ୍ରମର ପ୍ରୟୋଜନ । ଏହି ପ୍ରୟୋଜନ ଫଳରେ ଯାହା ଉତ୍ପନ୍ନ ହୁଏ, ତାହା ସମାଜର ଉପଭୋଗରେ ଲାଗେ ଓ ଏହା ବ୍ୟତିରେକେ ସମାଜ ତିଷ୍ଠିବା ଅସମ୍ଭବ ।

—ଦୁଇ—

ମନୁଷ୍ୟସମାଜକୁ ବଞ୍ଚାଇ ରଖିବାକୁ ହେଲେ ପ୍ରତ୍ୟେକ ଲୋକକୁ ଉପଯୋଗମତେ ଦୃଶ୍ୟମାନ ଓ ଅଦୃଶ୍ୟମାନ ଦ୍ରବ୍ୟ ଓ ସେବାର ଉତ୍ପାଦନ ନିମନ୍ତେ ପରିଶ୍ରମ କରିବାକୁ ହେବ । ଏହି ପରିଶ୍ରମର ଫଳସମଷ୍ଟିରୁ ସମାଜର ଜୀବନଧାରଣ, ବିଳାସ ଓ ବ୍ୟସନ ସମ୍ଭବ ହୁଏ । ସମସ୍ତଙ୍କ ପରିଶ୍ରମର ମିଳିତ ଫଳ ପ୍ରତ୍ୟେକର ସୁଖସ୍ବାଚ୍ଛନ୍ଦ୍ୟ ନିମନ୍ତେ ସମସ୍ତଙ୍କ ମଧ୍ୟରେ ବଣ୍ଟା ହୁଏ ।

ଅବଶ୍ୟ କେହି ଜଣେ ଲୋକ ଏକ ଯାଗାରେ ବସି ଏ ସମସ୍ତ ଜିନିଷ ଓ ସେବାଗୁଡ଼ିକ ଏକାଠି କରି ତାହାର ବଣ୍ଟନ କାର୍ଯ୍ୟ ଦୃଶ୍ୟମାନ ଭାବରେ କରେ ନାହିଁ । ଅନେକ ସମୟରେ ଉତ୍ପାଦନର କ୍ରିୟା ସହିତ ବଣ୍ଟନର କ୍ରିୟା ଏପରି ମିଳିତ ଭାବରେ ଚାଲେ ଯେ, ତାହାର ପାର୍ଥକ୍ୟ ବିଶେଷ ଅନୁଧ୍ୟାନ ନ କଲେ ବୁଝାପଡ଼େ ନାହିଁ । ମନେକର ଜଣେ ଚାଷୀ ଚାଷ କରି ନିଜର କ୍ଷେତର ଫସଲ ନିଜେ ଭୋଗ କଲା । ଦେଶରେ ଶାନ୍ତି ଓ ଶୃଙ୍ଖଳା ନ ଥିଲେ ତା'ର ନିଜ ଫସଲ ସେ ହୁଏ ତ ନିର୍ବିଘ୍ନରେ ନିଜ ଘରକୁ ନେଇ ପାରନ୍ତା ନାହିଁ । ଜଳସେଚନର ସମୁଚିତ ବ୍ୟବସ୍ଥା ନ ଥିଲେ, ହୁଏ ତ ତା' ଜମିରେ ଯେତେ ଫସଲ ହେଉଛି, ତହିଁରୁ ଅନେକ କମ୍ ହୁଅନ୍ତା ବା ମୋଟେ ହୋଇପାରନ୍ତା ନାହିଁ । ତା' ଜମିର ଚାରିପାଖ ଜମିରେ ଚାଷ ନୋହୁଥିଲେ ତା'ର ଚାଷ କରିବାରେ ବହୁତ ଅସୁବିଧା ଥାନ୍ତା । ରାସ୍ତାଘାଟ ନ ଥିଲେ ତା'ର ଜମିର ଧାନ ଘରକୁ ବୋହି ନେବାକୁ ଅସୁବିଧା ହୁଅନ୍ତା । ତା' ପରେ, ସେ କେବଳ ଚାଷକାର୍ଯ୍ୟରେ ବ୍ୟାପୃତ ଥିବାବେଳେ ତା'ର ଫସଲ ଛଡ଼ା ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ( ଯଥା :—ଲୁଣ, କିରାସିନି, ଚିନି, ଲୁଗା ଇତ୍ୟାଦି ) ସେ ସମାଜରୁ ଅକ୍ଲେଶରେ ପାଇ ପାରିବ ଏ ବିଶ୍ୱାସ ତାର ନ ଥିଲେ ସେ କେବଳ ଚାଷକାର୍ଯ୍ୟରେ ନିଜକୁ ବ୍ୟାପୃତ ରଖିପାରନ୍ତା ନାହିଁ ଓ ତା' ନ କରି ପାରିଲେ ସେ ଉପଯୁକ୍ତ ପରିମାଣରେ ଶସ୍ୟ ପାଇପାରନ୍ତା ନାହିଁ । ଅତଏବ ଏଥିରୁ ସ୍ପଷ୍ଟ ବୁଝାଯିବ ଯେ, ତା'ର ନିଜର ଫସଲ ଉତ୍ପାଦନ କରିବା କାର୍ଯ୍ୟରେ ସାମାଜିକ ବ୍ୟବସ୍ଥା ତାକୁ ବିଶେଷ ପରିମାଣରେ ସାହାଯ୍ୟ କରୁଛି । ସମାଜର ଏ ଦାନପାଇଁ ସେ କି ପ୍ରତିଦାନ ଦିଏ ? ସେ ନିଜ ଶକ୍ତିମତ ପରିଶ୍ରମ କରି ଯାହା ଉତ୍ପନ୍ନ କରେ, ସେଥିରୁ ନିଜର ପ୍ରୟୋଜନୀୟ ଅଂଶଟା ରଖିଦେଇ ସମାଜରେ ଯେଉଁମାନେ ଚାଷକରି ପାରନ୍ତି ନାହିଁ କିମ୍ବା କରନ୍ତି ନାହିଁ କିମ୍ବା ଯାହାଙ୍କର ଚାଷ କରିବାର ସୁଯୋଗ ନାହିଁ, ସେହିମାନଙ୍କ ବ୍ୟବହାରପାଇଁ ଅନ୍ୟ ଅଂଶଟା ଦେଇ

ହଏ । ତା ପରିବର୍ତ୍ତିରେ ସମାଜରେ ଅନ୍ୟ ଲୋକମାନଙ୍କଦ୍ୱାରା ପ୍ରସ୍ତୁତ ତା'ର ପ୍ରୟୋଜନୀୟ ଅନ୍ୟାନ୍ୟ ଜିନିଷ ସେ ପାଏ ।

ମୋଟ ଉପରେ ସମାଜରେ ଦୈନନ୍ଦିନ ପରିଶ୍ରମ ଦ୍ୱାରା ଉତ୍ପନ୍ନ ଦ୍ରବ୍ୟ ଓ ସେବାର ଭାଗ ପ୍ରତ୍ୟେକ ଲୋକ ସବୁ ମୁହୂର୍ତ୍ତିରେ ଗ୍ରହଣ କରୁଛି । ଏହି ଉତ୍ପାଦନ ଓ ବଣ୍ଟନ କାର୍ଯ୍ୟ ସବୁବେଳେ ଚାଲିଛି । ସ୍ଥୂଳତଃ ସମାଜର ସମସ୍ତ ଲୋକଙ୍କର ପରିଶ୍ରମରେ ଯାହା ଉତ୍ପନ୍ନ ହେଉଛି, ତାହା ସମୟକ୍ରମେ ସେହି ସମସ୍ତଙ୍କ ମଧ୍ୟରେ ବଞ୍ଚି ରହିବା ନିମନ୍ତେ, ବିଳାସ ନିମନ୍ତେ ଓ ବ୍ୟସନ ନିମନ୍ତେ ବିଭିନ୍ନ ପ୍ରକାରେ ବଣ୍ଟା ହେଉଅଛି ।

ପ୍ରତ୍ୟେକ ଲୋକ ସମାଜରେ ରହି ସମାଜନିର୍ଦ୍ଦିଷ୍ଟ ବା ସମାଜ-ସ୍ୱୀକୃତ ମାର୍ଗରେ ବା ସମାଜର ତତ୍କାଳୀନ ଅବସ୍ଥିତି ଓ ବିକାଶ ହେତୁରୁ ସମ୍ଭବ ହେଉଥିବା ମାର୍ଗରେ ନିଜର ଜୀବିକା ନିମନ୍ତେ ପରିଶ୍ରମ କରେ । ପରିଣାମରେ ସମାଜନିର୍ଦ୍ଦିଷ୍ଟ, ସମାଜସ୍ୱୀକୃତ ବା ସମାଜସମ୍ଭବ ମାର୍ଗରେ ସେ ଉକ୍ତ ପରିଶ୍ରମୋଚିତ ପାରିଶ୍ରମିକ ଗ୍ରହଣ କରେ ଅର୍ଥାତ୍ ତା'ର ପ୍ରୟୋଜନୀୟ ଦ୍ରବ୍ୟ ଓ ସେବା ଗ୍ରହଣ କରି ଜୀବିକା ନିର୍ବାହ କରେ, ଆମୋଦ ପ୍ରମୋଦ କରେ ଓ ତହୁଁ ଅଧିକ ହେଲେ ବିଳାସ-ବ୍ୟସନ ମଧ୍ୟ କରେ । ଏହି ଉତ୍ପାଦନ ଓ ବଣ୍ଟନ କ୍ରିୟାର ପରିଣାମ ସମାଜର ତୃପ୍ତିରେ ପର୍ଯ୍ୟବସିତ ହୁଏ । ମାନବ ସମାଜର ଭୌତିକ ତୃପ୍ତି ନିମନ୍ତେ ଅର୍ଥନୈତିକ ଜଗତର ଏହି ଉତ୍ପାଦନ ଓ ବଣ୍ଟନ କ୍ରିୟା ଧାରାବାହିକ ମତେ ଚାଲିଛି ।

ଏଠାରେ ପ୍ରଶ୍ନ ଉଠିପାରେ, ଏ ସବୁର ନିୟନ୍ତ୍ରଣ କରୁଛି କିଏ ? ଏହାର ଉତ୍ତର ଏତେ ସହଜ ନୁହେଁ । ବାସ୍ତବିକ କେହି ଜଣେ ଲୋକ ବା କୌଣସି ଦଳେ ଲୋକ ବା କୌଣସି ଗୋଟିଏ ଜାତି, ଧର୍ମ ବା ସମ୍ପ୍ରଦାୟ ଏ ଉତ୍ପାଦନ ଓ ବଣ୍ଟନ କ୍ରିୟାକୁ ନିୟନ୍ତ୍ରିତ କରୁ ନାହିଁ ।

ସମାଜର ଯାହା ଯାହା ପ୍ରୟୋଜନ, ତାହା ତିଆରି କରିବା ନିମନ୍ତେ କୋଟି କୋଟି ନରନାରୀ ପ୍ରତିଦିନ ଅକ୍ଲାନ୍ତ ପରିଶ୍ରମ କରି ଖାଦ୍ୟ, ଲୁଗା, ଘର, ମଟରଗାଡ଼ି, ସଡ଼କ, ଚଉକି, ସ୍କୁଲ, ଔଷଧ, ଗହଣା, ବିଜୁଳିବତୀ, ମିଠାଇ ଇତ୍ୟାଦି ମନୁଷ୍ୟର ଯାବତୀୟ ପ୍ରୟୋଜନୀୟ ଦ୍ରବ୍ୟ ତିଆରି କରିବାରେ ଲାଗିଛନ୍ତି ।

ସମାଜର କେତେ ଖାଦ୍ୟ ମୋଟ ଉପରେ ଦରକାର, କେତେ ମିଠାଇ, କେତେ ଗହଣା, କେତେ ବିଜୁଳିବତୀ ସମାଜର ପ୍ରୟୋଜନ ଏ ବିଷୟରେ ତିଆରି କରୁଥିବା ଲୋକଙ୍କ ମଧ୍ୟରୁ କେହି ଠିକ୍ ଜାଣେନା । ପ୍ରତ୍ୟେକ ଲୋକ ତାର ନିଜ ରୁଚି ଅନୁସାରେ ବ୍ୟବସାୟ କରେ । 'ତୁ ଅମୁକ ବ୍ୟବସାୟ କର' ବା 'ଅମୁକ ଜିନିଷରୁ ଏତେ ତିଆରି କର' ଏପରି ନିର୍ଦ୍ଦେଶ ସମାଜ ପକ୍ଷରୁ ତାକୁ କେହି ଦିଏ ନାହିଁ । ସେ ବ୍ୟବସାୟ କଲାବେଳେ ଜାଣେ ନା ମୋଟ ଉପରେ ମାନବ ସମାଜର କେତେ ଭାଗ ଲୋକ ସେହି ବ୍ୟବସାୟରେ ନିଯୁକ୍ତ ଅଛନ୍ତି । ସେ ଅନ୍ଧଭାବରେ ତାର ପୁଞ୍ଜିକୁ ଗୃହି ନିଜ ଦେହର ବଳ ଓ ମାନସିକ ଯୋଗ୍ୟତା ଅନୁସାରେ କାର୍ଯ୍ୟ କରିପାଏ । ତାର ଜିନିଷଗୁଡ଼ିକ କିଏ କିଣିବ ସେ ବିଷୟରେ ଆଗରୁ ସେ କିଛି ବିଚାରେନାହିଁ । କିମ୍ବା ଯଦି କୌଣସିଠାରେ ସେ ଆଗରୁ ଖବର ପାଏ, ଉକ୍ତ ଖବର ବା ଅର୍ଡ଼ରର ସମଷ୍ଟି ସାରାପୃଥିବୀରେ ଉତ୍ପନ୍ନ ହେଉଥିବା ଉକ୍ତ ଜିନିଷର ସମଷ୍ଟିର ଯେ ଗୋଟିଏ ଅତି କ୍ଷୁଦ୍ର ଭଗ୍ନାଂଶ ହୋଇ ପାରେ, ଏ କଥା ମଧ୍ୟ ବୁଝିପାରେନାହିଁ ।

ପ୍ରତ୍ୟେକ ଲୋକ ଅନ୍ଧଭାବରେ ଏହିପରି ବୃତ୍ତି ବ୍ୟବସାୟ କରି ଗୃଲିଛି । ତେଣେ ପ୍ରତ୍ୟେକ ଲୋକ ତାର ପ୍ରୟୋଜନ ଅନୁସାରେ ନିଜ ପରିଶ୍ରମ ପରିବର୍ତ୍ତିରେ ଆବଶ୍ୟକୀୟ ଜିନିଷ ଗ୍ରହଣ କରି ଜୀବନ ଚଳାଉଛି ।

ମନେକର ଜଣେ ଗ୍ରାମ୍ୟ ସ୍କୁଲ ଶିକ୍ଷକ; ତାର ବ୍ୟବସାୟ ହେଉଛି ପିଲାଙ୍କୁ ଶିକ୍ଷା ଦେବା । କେଉଁ ଅଜଣା ମଫସଲ ଗାଁର ଅଜଣା କୋଣରେ ସେ ରହୁଛି । ମାତ୍ର ତାର ଚଳିବାପାଇଁ ପ୍ରୟୋଜନ ହେଉଛି ବମ୍ବାଇରେ ତିଆରି ହେଉଥିବା ଲୁଗା, ବିଲାତରେ ତିଆରି ହେଉଥିବା ଲଣ୍ଠନ, କଲିକତାରେ ତିଆରି ହେଉଥିବା ଡିଆସିଲି, ଅଷ୍ଟ୍ରେଲିଆରେ ଉତ୍ପନ୍ନ ହେଉଥିବା ଗହମ, ଆମେରିକା ବା କଟନିରୁ ଆସୁଥିବା ସିମେଣ୍ଟ, ଜର୍ମାନୀରେ ତିଆରି ହେଉଥିବା ଔଷଧ, ଜାଭାରୁ ଆସୁଥିବା କୁଇନାଇନ ଓ ଚିନି ଇତ୍ୟାଦି ଇତ୍ୟାଦି । ପିଲାଙ୍କୁ ପାଠ ପଢ଼ାଇ ସେ ସମାଜକୁ ଯେଉଁ ସେବା ଦାନ କରେ ସେଇ ପରିଶ୍ରମ ବଦଳରେ ସେ ବିଭିନ୍ନ ଦେଶରେ ଉତ୍ପନ୍ନ ହେଉଥିବା ଉପର ଲିଖିତ ସମସ୍ତ ଜିନିଷ ପାଏ । ମାତ୍ର ସେ ଜାଣେ ନା କେଉଁ ଦେଶର କେଉଁ ବ୍ୟକ୍ତି ତାର ବ୍ୟବହାରରେ ଲାଗୁଥିବା ଲଣ୍ଠନ, ଡିଆସିଲି, ଗହମ, ସିମେଣ୍ଟ, ଔଷଧ, କୁଇନାଇନ ଓ ଚିନିକୁ କେତେ ପରିଶ୍ରମ କରି ତିଆରି କରିଛି । ପକ୍ଷାନ୍ତରେ ଦୂର ଦେଶରେ ଯେଉଁମାନେ ଏସବୁ ଜିନିଷ ଅକ୍ଳାନ୍ତ ପରିଶ୍ରମ କରି ତିଆରି କରିଛନ୍ତି, ସେମାନେ ମଧ୍ୟ ଜାଣନ୍ତି ନାହିଁ ଯେ ଫୁଲନଖରା ସ୍କୁଲର ଶିକ୍ଷକ ଶ୍ରୀ ପଦୁବଣ୍ଟାଲଙ୍କ ସେବାରେ ଏ ଜିନିଷଗୁଡ଼ିକ ଲାଗିବ ।

ଅର୍ଥାତ୍ ଏ ବିରାଟ ସୃଷ୍ଟିରେ ଜିନିଷର ଆଦାନ ପ୍ରଦାନ ଏପରି ଭାବରେ ଚାଲିଛି ଯେ ସ୍ରଷ୍ଟା, ଉତ୍ପାଦକ ଓ ଭୋକ୍ତାର ସଂଶ୍ରବ ବା ସାକ୍ଷାତ ପରିଚୟ ନ ଥାଇ ସୁଦ୍ଧା ଏ ବିଶାଳ ସରବରାହ ଆପଣା ଛାଏଁ ଛାଏଁ ହୋଇଯାଉଛି । ଏଥିର ନିୟାମକ କେହି ନାହିଁ । ପ୍ରତ୍ୟେକ ଲୋକ ନିଜ ନିଜ ରୁଚି ଅନୁସାରେ ସ୍ୱାଧୀନ ଭାବରେ ବ୍ୟବସାୟ କରିପାରେ ଏବଂ ପ୍ରତ୍ୟେକ ଲୋକ ଉପଭୋଗ କରିବା ପାଇଁ ନିଜ ଆୟକୁ ସ୍ୱାଧୀନ ଭାବରେ ବ୍ୟୟ କରିପାରେ । ମୁଁ ଇଚ୍ଛାକଲେ ମୋର ଆୟର ତିନି ଭାଗ ଯଦି ସିନେମା ଦେଖି ଦେଖି ଖର୍ଚ୍ଚ କରିଦେବି, ସମାଜ ସେଥିରେ ବାଧା

ଦେବ ନାହିଁ । ମୋର କୃତ କର୍ମର ଫଳ ମୁଁ ଭୋଗିବି ମାତ୍ର । ସେହିପରି ମୁଁ ଇଚ୍ଛାକଲେ ଗୃହକର୍ମ କରି ପେଟ ପୋଷିପାରେ ବା ବ୍ୟବସାୟ ଦ୍ୱାରା ଜୀବିକା ନିର୍ବାହ କରିପାରେ । ମୁଁ ତେଲ ପେଳିଲେ ବା ଗୃହକର୍ମ ଚଳାଇଲେ ବା ସ୍କୁଲରେ ଶିକ୍ଷକ ହେବାକୁ ଇଚ୍ଛା କଲେ ସମାଜ ମୋତେ ବାଧା ଦେଇ ପାରିବ ନାହିଁ ।

ଅବଶ୍ୟ ଯେଉଁ ଦେଶମାନଙ୍କରେ ଜାତିଭେଦ ଆଦି ପ୍ରଥା ଅଛି, ଅଥବା ଯେଉଁ ଦେଶରେ ବଣିକସଙ୍ଘମାନଙ୍କର ଧାରାବାହିକ ପଦ୍ଧତି ସ୍ଥିର ଅଛି, ସେ ଦେଶମାନଙ୍କରେ ମନୁଷ୍ୟର ନିଜ ଇଚ୍ଛାମତେ ବ୍ୟବସାୟ କରିବାର ସ୍ୱାଧୀନତାରେ ବାଧା ଥାଇପାରେ । ଆମ ଦେଶରେ ବ୍ରାହ୍ମଣ ହଳ କରିବାକୁ ଇଚ୍ଛା କଲେ ସୁଦ୍ଧା ଜାତିଗତ କଟକଣା ତାକୁ ବାଧା ଦେଉଛି । ସେହିପରି ଅନ୍ୟ ଦେଶମାନଙ୍କରେ ବାହାରୁ ଲୋକ ଆସି କୌଣସି ବ୍ୟବସାୟରେ ପଶିଲେ ତାକୁ ବଣିକ-ସଙ୍ଘ ବାଧା ଦେଇପାରେ; ମାତ୍ର ବ୍ୟାବସାୟିକ ସ୍ୱାଧୀନତାର ଏ ସବୁ ଅନ୍ତରାୟ କାଳକ୍ରମେ ଉଭେଇ ଯାଉଛି । ପଣ୍ଡିତ କୃପାସିନ୍ଧୁ ହୋତା ବ୍ରାହ୍ମଣଙ୍କର ହଳ କରିବା ଅଧିକାର ସପକ୍ଷରେ ଲଢ଼ିବାକୁ ଅଣ୍ଟା ଭିଡିଲେଣି ଓ ବିଦେଶରେ ମଧ୍ୟ ବଣିକସଙ୍ଘମାନଙ୍କର ଏହି ଦଳଗତ ନୀତି କାଳକ୍ରମରେ ଯେତେଦୂର ସମ୍ଭବ କୋହଳ ହୋଇ ଯାଇଛି ଓ ଯାଉଛି ।

ମୋଟ ଉପରେ ସମାଜର ଶାନ୍ତି ବା ସ୍ୱାସ୍ଥ୍ୟ ଦୃଷ୍ଟିରୁ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ କେତେ ଗୁଡ଼ିଏ ବ୍ୟବସାୟ ( ଯଥା— ଅସ୍ତ୍ରଶସ୍ତ୍ର ନିର୍ମାଣ, ବା ଅବକାରୀ ଦ୍ରବ୍ୟ ଉତ୍ପାଦନ ଆଦି ) ଛାଡିଦେଲେ ମୋଟ ଉପରେ ସମାଜରେ ବାସ କରୁଥିବା ପ୍ରତ୍ୟେକ ଲୋକକୁ ତାର ରୁଚି ଅନୁସାରେ ବ୍ୟବସାୟ ବାଛି ନେବାର ସୁଯୋଗ ରହିଛି । ପକ୍ଷାନ୍ତରରେ ସରକାରଙ୍କୁ ଦେୟ ଖଜଣାଗଣ୍ଡାକ କଥା ଛାଡିଦେଲେ ପ୍ରତ୍ୟେକ ଲୋକ ନିଜ ଇଚ୍ଛା ଓ ରୁଚି ଅନୁସାରେ ନିଜର ଆୟକୁ ବ୍ୟୟ କରିବାର ସୁଯୋଗ ପାଇବାର ବ୍ୟବସ୍ଥା ଅଛି ।

—ତିନି—

ସମାଜର ସମ୍ଭୋଗ ପାଇଁ ଯେତିକି ଜିନିଷ ଓ ସେବା ମୋଟ ଉପରେ ଲୋଡ଼ା, ସମାଜର ସମସ୍ତେ ମିଶି ସେତିକି ଜିନିଷ ଓ ସେବା ଉତ୍ପନ୍ନ କରୁଅଛନ୍ତି । ଯେଉଁମାନେ ଉତ୍ପନ୍ନ କରୁଛନ୍ତି, ସେମାନେ ସମାଜର ପ୍ରୟୋଜନ କେତେ, ସେ ବିଷୟରେ ଧାରଣା କରିପାରନ୍ତି ନାହିଁ ଓ ପ୍ରୟୋଜନ ମଧ୍ୟରୁ ଅନ୍ୟମାନେ ସେ ବ୍ୟବସାୟର କେତେ ଅଂଶ ଉତ୍ପନ୍ନ କରିବାରେ ଲାଗିଛନ୍ତି ତାହା ମଧ୍ୟ ଜାଣନ୍ତି ନାହିଁ । ଏହିପରି ନ ଜାଣି ବିଭିନ୍ନ ଦେଶର ଲୋକେ ବିଭିନ୍ନ ଦ୍ରବ୍ୟ ସ୍ୱଇଚ୍ଛାରେ ଉତ୍ପନ୍ନ କରିବାରେ ଫଳ କଣ ହୋଇପାରେ ସେ କଥା ଦେଖାଯାଉ ।

ଚାଷୀ ଗହମ ଚାଷ କରେ । ମାନି ପୃଥିବୀରେ ମୋଟ ଉପରେ କେତେ ଗହମ ଦରକାର ସେ ଜାଣେ ନାହିଁ, ବା ଅନ୍ୟ କେତେଲୋକ ଗହମ ଚାଷରେ ଲାଗିଛନ୍ତି, ତା ମଧ୍ୟ ଜାଣେ ନାହିଁ । ତେଣୁ ତା ଫସଲ ଉଠିବା ପରେ ଯଦି ତା ଗହମଟା ପ୍ରଚୁର ବଳକା ହୋଇ ପଡ଼େ, ସେ ତାହା ଅତ୍ୟନ୍ତ ଅଳ୍ପ ମୂଲ୍ୟରେ ବିକ୍ରୟ କରିବାକୁ ବାଧ୍ୟ ହୁଏ; ପୁଣି ତାହା ଫଳରେ ସମଗ୍ର ଜଗତରେ ଗହମର ମୂଲ୍ୟ କମିଯାଏ, କାରଣ କୌଣସିଠାରେ ଶସ୍ତାରେ ଗହମ ମିଳିଲେ ଲୋକେ ଅନ୍ୟତ୍ର ମହର୍ଘରେ କାହିଁକି କିଣିବେ ? ନାହିଁ ଯଦି ତାର ଫସଲ ଉଠିବାବେଳକୁ ଦେଖାଗଲା ଯେ ବଜାରରେ ଗହମ ଆଦୌ ନାହିଁ, ତେବେ ତା' ଗହମର ମୂଲ୍ୟ ବଢ଼ିଯାଏ ଓ ସମଗ୍ର ଜଗତରେ ଗହମ ଦୁର୍ମୂଲ୍ୟ ହୋଇଉଠେ, କାରଣ ସେତେବେଳେ ଗହମର ଆବଶ୍ୟକତା ଯେତେ ଅଛି ଉତ୍ପନ୍ନ-ଦ୍ରବ୍ୟ ତାଠାରୁ କମ୍ ଅଛି । ଏତିକିବେଳେ ଚାଷୀର ଅଧିକ ଲାଭ ହୁଏ ।

ଗହମ ଆମଦାନି ଅଧିକ ହେବା ଫଳରେ ଯଦି ଗହମର ମୂଲ୍ୟ କମ୍ ହେଲା, ପର ବର୍ଷକୁ ଅନେକ ଲୋକ ହୁଏତ ଗହମ ପରିବର୍ତ୍ତିରେ ମକା, ମାଣ୍ଡିଆ ଆଦି ଅନ୍ୟାନ୍ୟ ଫସଲ କରିବାରେ ଲାଗି ପଡ଼ନ୍ତି । ଫଳରେ

ସେ ବର୍ଷ ଗହମ ପରିମାଣ କମିଯିବାରେ ଗହମର ମୂଲ୍ୟ ବଢ଼ିଯାଏ । ଯେଉଁ ବର୍ଷ ଯେ ବ୍ୟବସାୟରେ ଲୋକସାନ ହେଲା, ସେ ବର୍ଷ ସେ ବ୍ୟବସାୟରେ ସେ ଲୋକ ହୁଏତ ସର୍ବସ୍ୱାନ୍ତ ହୁଏ; ମାତ୍ର ସମାଜ ସେଥିପାଇଁ ଭ୍ରୂକ୍ଷେପ କରେ ନାହିଁ । କାରଣ ବ୍ୟବସାୟୀ ସ୍ୱାଧୀନ; ଲାଭ ହେଲେ ଯେପରି ସେ ଧନୀ ହେବ, ଲୋକସାନ ହେଲେ ସେ ସେହିପରି ଦରିଦ୍ର ହେବ ।

ପୁଣି ଯେଉଁ ବର୍ଷ ଗହମର ମୂଲ୍ୟ ବେଶି ହୁଏ, ତହିଁ ପର ବର୍ଷ ବହୁତ ଜମିରେ ଅନ୍ୟ ଚାଷ ପରିବର୍ତ୍ତିରେ ଲୋକେ ଅଧିକ ଲାଭ ଆଶାରେ ଗହମ ଚାଷ କରିବା ଫଳରେ ହୁଏତ ଗହମ ପୁଣି ଶସ୍ତା ହୋଇଯାଏ । ଏହିପରି ମୂଲ୍ୟର ହ୍ରାସ ବୃଦ୍ଧିକୁ ଆଶ୍ରୟ କରି ଦ୍ରବ୍ୟର ଉଣା ଅଧିକ ଉତ୍ପାଦନ ନିୟନ୍ତ୍ରିତ ହୋଇଥାଏ ।

ଚାଷବାସରେ ବିଶେଷତ୍ୱ ଏହି ଯେ, ସବୁ ଜମିର ଉର୍ବରତା ସମାନ ନୁହେ । କେତେକ ଜମି ଅତ୍ୟନ୍ତ ଉର୍ବର ଓ କେତେକ ନିହାତି ଅନୁର୍ବର ଜମି । ମୋଟ ଉପରେ ସବୁଥିରୁ ଉତ୍ପନ୍ନ ଦ୍ରବ୍ୟ ଯଦି ସମାଜର ପ୍ରୟୋଜନରେ ଆସିବାର କଥା, ତେବେ ଗହମର ଦାମ ସବୁଠାରୁ ଅନୁର୍ବର ଜମିରୁ ଉତ୍ପନ୍ନ ଗହମର ଦାମ ସଙ୍ଗେ ସମାନ ହେବ, ନୋହିଲେ ଅନୁର୍ବର ଜମିର ଚାଷୀ ଚାଷ କରିବ କାହିଁକି ? ତେଣୁ ଉର୍ବର ଜମିର ମାଲିକମାନେ ତାଙ୍କ ଫସଲର ଦାମ ବାବଦରେ ଯାହା ପାଇବେ, ତାହା ଅନୁର୍ବର ଜମି ଚଷୁଥିବା ଲୋକ ଯାହା ପାଇବ, ତାଠାରୁ ଢେର ବେଶୀ ।

ଏହି ଅଧିକାଂଶରେ ଲାଭ । ଏହି ଲାଭଟାହିଁ ଉକ୍ତ ଜମିର 'ଖଜଣା' ବା 'ସ୍ୱତ୍ୱାଂଶ' ବୋଲି ବୁଝିବାକୁ ହେବ । ଜମି ଗୁଡ଼ିକର ଉର୍ବରତାର ତାରତମ୍ୟ ନ ଥିଲେ ଓ ସମାଜର ସମ୍ଭୋଗ ନିମନ୍ତେ ସବୁଠାରୁ ନିକୃଷ୍ଟ ଜମିର ଚାଷ ପ୍ରୟୋଜନ ନୋହିଥିଲେ, ଉକ୍ତ 'ଖଜଣା' ବା 'ସ୍ୱତ୍ୱାଂଶ' ନାମକ ଦେୟର ପ୍ରୟୋଜନ ହୁଅନ୍ତା ନାହିଁ । ଏହି 'ଖଜଣା' ବା

'ସ୍ୱତ୍ୱାଂଶ'ର ଉତ୍ପତ୍ତି ବା ଆବଶ୍ୟକତା ଉପରେ ଓ କେଉଁଠାରେ ହୁଏ ଆଲୋଚନା କରାଯାଉ ।

ଘର ବା ବାସଗୃହ କଥା ଦେଖାଯାଉ । ସମାଜରେ ଯେତେ-ଲୋକ ଅଛନ୍ତି, ସମସ୍ତଙ୍କର ବାସଗୃହ ଲୋଡ଼ା । ଲୋକ ଲଣ୍ଡନରେ ଥାଉ, କଲିକତାରେ ଥାଉ ବା ଫୁଲନଖରା ଗାଁରେ ଥାଉ, ତାର ବାସଗୃହ ଦରକାର । ମାତ୍ର ଲଣ୍ଡନ ଘରର ଉପଯୋଗିତାଠାରୁ କଲିକତା ଘରର ଉପଯୋଗିତା ଊଣା ଓ ତା ଅପେକ୍ଷା ଫୁଲନଖରା ଘରର ଉପଯୋଗିତା ଆହୁରି ଊଣା । କୋଲମାନେ ଯେଉଁ ଘରଖଣ୍ଡିମାନ ସାଙ୍ଗେ ସାଙ୍ଗେ ଧରି ଯାଗାକୁ ଯାଗା ଯାଉଥାନ୍ତି, ସେ ଘରର ଉପଯୋଗିତା ତାଠାରୁ ଆହୁରି ଊଣା । ତେଣୁ ଲଣ୍ଡନ ଘରେ 'ଖଜଣା' ବା 'ସ୍ୱତ୍ୱାଂଶ' ସବୁଠାରୁ ବେଶି, କଲିକତାରେ ତାଠାରୁ କମ୍ ଓ ଫୁଲନଖରାରେ ସବୁଠାରୁ କମ୍ । କୋଲଘରର ସ୍ୱତ୍ୱାଂଶ ପ୍ରାୟ କିଛି ନାହିଁ ।

ମାତ୍ର ଶିଳ୍ପଜାତ ଦ୍ରବ୍ୟମାନଙ୍କରେ ଏପରି ସ୍ୱତ୍ୱାଂଶ ବା ଖଜଣା ଅଂଶ କିଛି ନାହିଁ । ଅବଶ୍ୟ କେହି ଯଦି ଗୋଟିଏ ନୂଆ ଧରଣର ଜିନିଷ ଆବିଷ୍କାର କଲେ, କିମ୍ବା ନୂଆ ଧରଣର କଳ କାରଖାନା ଆଣି ଶସ୍ତାରେ ଜିନିଷ ଉତ୍ପନ୍ନ କରିପାରିଲେ, ସେ କିଛିକାଳ ପାଇଁ ଗୋଟାଏ ସ୍ୱତ୍ୱାଂଶ ବା ଖଜଣା ଅଂଶ ଧରଣର ଲାଭ ପାଇବ । ମାତ୍ର ଜମିବାଡ଼ି ପରି କଳକାରଖାନା ବା ନୂଆ ଧରଣର ଶିଳ୍ପ ତ ସୀମାବଦ୍ଧ ନୁହେ । ଜମି କିଏ କେହି ବଢ଼ାଇ ପାରିବ ନାହିଁ; ଶିଳ୍ପ ବା କଳ ତ ଯେତେଇଚ୍ଛା ସେତେ ପରିମାଣରେ ବଢିପାରେ । ତେଣୁ ଶିଳ୍ପଜାତ ଦ୍ରବ୍ୟମାନଙ୍କରେ ସ୍ୱତ୍ୱାଂଶ ବେଶିକାଳ ସ୍ଥାୟୀ ହୋଇ ପାରେ ନାହିଁ । ଯେଉଁ ବ୍ୟବସାୟ ବେଶି ଲାଭଜନକ ହେବ, ବହୁ ବ୍ୟବସାୟୀ ସେଥିରେ ଲାଗି ପଡ଼ନ୍ତି । ଫଳରେ ଉକ୍ତ ବ୍ୟବସାୟରୁ ସ୍ୱତ୍ୱାଂଶ ଉଡ଼ିଯାଏ । ଯେଉଁ ବ୍ୟବସାୟରେ କ୍ଷତି ହୁଏ, ସେ ବ୍ୟବସାୟରେ ବହୁତ ବେପାରୀ କ୍ଷତିଗ୍ରସ୍ତ ହୋଇ ଉକ୍ତ ବ୍ୟବସାୟ ଛାଡ଼ି ଅନ୍ୟ ବ୍ୟବସାୟ ଧରନ୍ତି; ସମାଜ ସେଥିପ୍ରତି ଭ୍ରୂକ୍ଷେପ କରେ ନାହିଁ ।

ବ୍ୟବସାୟ ବାଣିଜ୍ୟ ଏହିପରି ଆପେ ଆପେ ଚାଲିଛି । ତାର ନିୟାମକ କେହି ନାହିଁ । କିନ୍ତୁ ସମସ୍ତ ଜଗତ ଏଇ ସୂତ୍ରରେ ଆବଦ୍ଧ ହୋଇ ଏପରି ଭାବରେ ଚାଲିଛି ଯେ, ଆମେରିକାରେ ଫସଲ ହାନି ହେଲେ ଭାରତରେ ଦୁର୍ଭିକ୍ଷ ପଡ଼ୁଛି କିମ୍ବା ଭାରତରେ ଫସଲ ଖୁବ୍ ଭଲ ହେଲେ ବିଲାତରେ ଗହମ ଶସ୍ତାରେ ମିଳୁଛି । କେଉଁ ଅଦୃଶ୍ୟମାନ ପ୍ରଣାଳୀରେ ଏ ସବୁର ଯୋଗସୂତ୍ର ନିୟନ୍ତ୍ରିତ ହେଉଛି ତାହା ଭାବିଲେ ବିସ୍ମିତ ହେବାକୁ-ହୁଏ । ମାତ୍ର ଯୁଗ ଯୁଗ ଧରି ସମାଜର ପ୍ରତ୍ୟେକ ଲୋକ ଅଜ୍ଞଭାବରେ ଏପରି କାର୍ଯ୍ୟ କରୁ କରୁ ଫଳରେ ସମାଜର ପ୍ରଗତି ପଥରେ ବିଶେଷ କିଛି ବାଧା ଦେଉ ନାହିଁ ।

## ଦ୍ୱିତୀୟ ପରିଚ୍ଛେଦ

## ପୁଞ୍ଜିବାଦ

—ଏକ—

ପୂର୍ବବର୍ତ୍ତୀ ଅଧ୍ୟାୟରେ ଯାହା ସବୁ ଆଲୋଚନା କରାଗଲା ସେଥିରୁ ଅନୁମାନ କରିବାର ନୁହେ ଯେ, ପ୍ରତ୍ୟେକ ଲୋକ ତାର ପରିଶ୍ରମ ଅନୁସାରେ ମୋଟ ଉତ୍ପନ୍ନ ଦ୍ରବ୍ୟ ଓ ସେବାରୁ ଯଥାର୍ଥ ଅଂଶ ପାଏ । ସମାଜରେ ସମସ୍ତେ ବେଶି ଅର୍ଜନ କରିବା ଉଦ୍ଦେଶ୍ୟରେ ପରିଶ୍ରମ କରନ୍ତି, ମାତ୍ର କାହାର ଆୟ ହୁଏ ବେଶି ଓ କାହାର ହୁଏ କମ୍ । ଏପରି କାହିଁକି ହୁଏ ? ଏହାର ଅନେକ କାରଣ ଅଛି । ପ୍ରଥମରେ ସମସ୍ତଙ୍କ ପରିଶ୍ରମର ମୂଲ୍ୟ ସମାନ ହୋଇ ନ ପାରେ । ଯାହାର ବଳ ବେଶି, ସେ ବେଶି ପରିଶ୍ରମ କରିପାରିବ ଏବଂ ଯାହାର ବଳ କମ୍, ସେ କମ୍ ପରିଶ୍ରମ କରିବ । ତେଣୁ ବଳୁଆ ମଜୁରିଆ ବେଶି ମଜୁରି ପାଏ ଓ ଦୁର୍ବଳ ମଜୁରିଆ ଅଳ୍ପ କାମ କରି ଅଳ୍ପ ମଜୁରି ପାଏ । ପୁଣି ଯାହାର ବୁଦ୍ଧି ବେଶି ସେ ଅଳ୍ପ ପରିଶ୍ରମରେ ବହୁତ ଉତ୍ପାଦନ କରିପାରେ ଓ ସେଥିପାଇଁ କୌଶଳୀ ଲୋକ ବେଶି ରୋଜଗାର କରେ । ତୃତୀୟରେ ଶିକ୍ଷିତ ଲୋକ ଯେଉଁ ଧରଣର ପରିଶ୍ରମ କରିପାରେ, ଅଶିକ୍ଷିତ ଲୋକ ସେ ଧରଣର ପରିଶ୍ରମ ସେପରି ଭାବରେ କରି ପାରିବ ନାହିଁ । ଏକାଳର ଶିକ୍ଷା ବହୁ ବ୍ୟୟସାପେକ୍ଷ, ତେଣୁ ଯେଉଁମାନେ ବହୁ ବର୍ଷ ଧରି ବହୁ ବ୍ୟୟରେ ଶିକ୍ଷା ଅର୍ଜନ କରିଥାନ୍ତି, ସେମାନେ ଅଶିକ୍ଷିତ ଲୋକମାନଙ୍କଠାରୁ ବେଶି ରୋଜଗାର କରୁଛନ୍ତି ।

କିନ୍ତୁ ଏସବୁ ସାଧାରଣ କାରଣ ଛଡ଼ା କେତେକ ବିଶେଷ କାରଣ ମଧ୍ୟ ଅଛି । ପ୍ରତ୍ୟେକ ଲୋକ ପରିଶ୍ରମ କରି ସମାଜ ପାଇଁ କେତେକ ଦ୍ରବ୍ୟ ବା ସେବା ଉତ୍ପନ୍ନ କରେ । ସମାଜର ସେହି ଦ୍ରବ୍ୟ ଓ ସେହି ସେବାର ପ୍ରୟୋଜନୀୟତା ଯେତିକି, ସେହି ପରିମାଣରେ ତାର ମୂଲ୍ୟର ତାରତମ୍ୟ ହୁଏ । ତା ଛଡ଼ା ସେହି ଦ୍ରବ୍ୟ ଓ ସେହି ସେବା କେତେ ପରିମାଣରେ ମିଳୁଛି, ତା ଉପରେ ମଧ୍ୟ ଉକ୍ତ ଦ୍ରବ୍ୟ ବା ସେବାର ମୂଲ୍ୟ ନିର୍ଭର କରେ । ମନେକର ଜଣେ ରେଶମ ଲୁଗା ତିଆର କରୁଛି । ସମାଜର ମୋଟରେ ୧୦ ଲକ୍ଷ ଗଜ ରେଶମ ଲୁଗା ଦରକାର । ପ୍ରସ୍ତୁତ ସମସ୍ତ ରେଶମ ଲୁଗା ଯଦି ମୋଟ ୯ ଲକ୍ଷ ଗଜ ହୁଏ, ତେବେ ସେ ଜିନିଷର ଚାହିଦା ବେଶି ହେବାରୁ ତାର ମୂଲ୍ୟ ବଢ଼ିଯିବ ଏବଂ ପ୍ରତ୍ୟେକ ରେଶମଲୁଗାବେପାରୀ ଅତ୍ୟନ୍ତ ଲାଭ କରିବେ । ସେହି ଅନୁପାତରେ ରେଶମ ଲୁଗା ବ୍ୟବସାୟରେ ନିଯୁକ୍ତ ଥିବା ଲୋକମାନଙ୍କର ଆୟର ହାର ବେଶି ହେବ । ପୁଣି ଦେଖ, ଜଣେ ଅକ୍ଷି-ଡାକ୍ତର । ସଂସାରରେ ଯେତେ ଅକ୍ଷିରୋଗ ହୁଏ, ତାକୁ ଚିକିତ୍ସା କରିବା ନିମନ୍ତେ ଯଦି ଖୁବ୍ ବେଶି ଅକ୍ଷି-ଡାକ୍ତର ଥାନ୍ତି, ତେବେ ଅକ୍ଷି-ଡାକ୍ତରମାନଙ୍କର ରୋଜଗାର କମିଯିବ । ପକ୍ଷାନ୍ତରରେ ଯଦି ଖୁବ୍ ଅଳ୍ପ ଡାକ୍ତର ଥାନ୍ତି, ତେବେ ଅକ୍ଷିଡାକ୍ତରମାନଙ୍କୁ ଦିନରାତି ଖଟିବାକୁ ହେବ ଓ ସେମାନେ ପ୍ରତ୍ୟେକ ରୋଗୀ ଦେଖିବାକୁ ବେଶି ବେଶି ଟଙ୍କା ନେବେ ।

ମୋଟ ଉପରେ ସମାଜରେ ପ୍ରତ୍ୟେକ ଲୋକ ତାର ପରିଶ୍ରମ ଅନୁପାତରେ ମୋଟ ଦ୍ରବ୍ୟ ଓ ସେବାର ଭାଗ ପାଏ ନାହିଁ । ସେ ଯେଉଁ ଜିନିଷ ବା ସେବା ଉତ୍ପନ୍ନ କରେ, ତାର ପ୍ରୟୋଜନୀୟତା ଓ ତାହାର ସଂଖ୍ୟା ବା ପରିମାଣ ଉପରେ ଉକ୍ତ ଲୋକର ପାରିଶ୍ରମିକ ନିର୍ଭର କରେ । ତା ମଧ୍ୟରେ ଶିକ୍ଷିତ, ବୁଦ୍ଧିମାନ୍, କର୍ମଠ, ବଳବାନ୍ କର୍ମୀ ଯଥାକ୍ରମରେ ଅଶିକ୍ଷିତ, ବୁଦ୍ଧିହୀନ, କର୍ମକୁଣ୍ଠ ଓ ଦୁର୍ବଳ କର୍ମୀ ଠାରୁ ଅଳ୍ପହାରରେ ପାରିଶ୍ରମିକ ମଧ୍ୟ ପାଏ ।

ପୂର୍ବେ ପୃଥିବୀ ଯେତେବେଳେ ଅନୁନ୍ନତ ଅବସ୍ଥାରେ ଥିଲା, କୃଷିବାସର ଆବିଷ୍କାର ହୋଇ ନ ଥିଲା, ଲୋକେ ଲୁଗା ପିନ୍ଧି ଜାଣି ନ ଥିଲେ ଓ ରାନ୍ଧିବା କାହାରିକୁ ଜଣା ନ ଥିଲା, ସେତେବେଳେ ପ୍ରତ୍ୟେକ ଲୋକ ଯାହା ପାଉଥିଲା, ତାହା ଖାଉଥିଲା ବା ପିନ୍ଧୁଥିଲା । ମାତ୍ର ଯେତେବେଳେ ଲୋକସଂଖ୍ୟା ବଢ଼ିଲା ଓ ମନୁଷ୍ୟ ତାର ଖାଦ୍ୟ ବା ପରିଧେୟ ସହଜରେ ପାଇପାରିଲା ନାହିଁ, ଅଥବା ଯେତେବେଳେ ଭଲ ଧରଣର ଖାଦ୍ୟ ବା ପରିଧେୟପ୍ରତି ମନୁଷ୍ୟ ଅଭ୍ୟସ୍ତ ହୋଇ ପଡ଼ିଲା, ସେତେବେଳେ ତାକୁ ବେଶି ପରିଶ୍ରମ କରିବାକୁ ପଡ଼ିଲା । କେବଳ କୃଷି କରିବାକୁ ବା କେବଳ ଲୁଗା ବୁଣିବାକୁ ଏତେ ସମୟ ବା କୌଶଳର ଆବଶ୍ୟକତା ହେଲା ଯେ, କୌଣସି ଜଣେ ଲୋକ ନିଜର କୃଷିତକ କରି, ନିଜର ଲୁଗା ଦିଖଣ୍ଡ ବୁଣି, ନିଜର ଲଙ୍ଗଳ ଫାଳ ଗଢ଼ି, ନିଜର ଘର ଖଣ୍ଡି ତୋଳି ଚଳିବା ସୁବିଧାଜନକ ହେଲା ନାହିଁ । ତେଣୁ ସମାଜରେ ପରିଶ୍ରମର ବିଭାଗ ହୋଇ ଉଠିଲା । ଯେ ଲୁଗା ବୁଣିଲା, ସେ କେବଳ ନିଜ ପାଇଁ ନ ବୁଣି ଅନେକ ଲୋକଙ୍କ ପାଇଁ ବୁଣିଲା ଓ ଲୁଗା ବୁଣିବା ଛଡ଼ା ଅନ୍ୟ କୌଣସି କାର୍ଯ୍ୟ କରିବା ତାର ଆବଶ୍ୟକ ହେଲା ନାହିଁ । ସେ ଲୁଗା ତିଆରି କରି ନିଜେ ପିନ୍ଧିଲା ଓ ବାକି ଯାହା ବଳିଲା, ତାକୁ ଦେଇ ଧାନ, ଗୁଡ଼ଲ, ହାଣ୍ଡି, ସୋରିଷ, ମୁଗ ଆଦି ତାର ଅନ୍ୟ ଯାହା କିଛି ଦରକାର ସବୁ ବଦଳେଇ ଆଣିଲା । ସେହିପରି ଯେ କୃଷି କଲା, ସେ ଆପଣା ଭାତଗଣ୍ଡାକ ରଖି ବାକି ଅଂଶଟା ବଦଳାଇ ଲୁଗା, ତେଲ, ଲୁଣ ଆଦି ସଂଗ୍ରହ କରି ଚଳିଲା ।

କ୍ରମେ କ୍ରମେ ଲୋକସଂଖ୍ୟା ଅଧିକ ବଢ଼ି ଚାଲିଲା । ପୁଣି ପ୍ରତ୍ୟେକ ଲୋକର ପ୍ରୟୋଜନୀୟ ଦ୍ରବ୍ୟ ଓ ସେବାର ସମଷ୍ଟି ମଧ୍ୟ ବଢ଼ି ଚାଲିଲା । ମଣିଷ ନୂଆ ନୂଆ ଜିନିଷର ବ୍ୟବହାର ଶିଖିଲା ଓ ବିଜ୍ଞାନର ପ୍ରଗତି ଅନୁସାରେ ତାକୁ ବହୁତ ରକମର ନୂତନ ଅଭାବ ଓ ତୃପ୍ତିର ସମ୍ମୁଖୀନ ହେବାକୁ ପଡ଼ିଲା । ମଣିଷ ବିଜୁଳିବତୀ,

ପାଣିକଳ, ପେଟ୍ରୋମାଙ୍କୁ ଅଲୁଅ, ଖବର କାଗଜ, ରେଡ଼ିଓ ଆଦ ବହୁତ ନୂଆ ନୂଆ ଜିନିଷ ଓ ଉଚ୍ଚ ଧରଣର ଚିକିତ୍ସା, ଜଟିଳ ଧରଣର ଶିକ୍ଷା ଆଦ ବହୁତ ନୂତନ ଧରଣର ସେବା ମଧ୍ୟ ଲୋଡ଼ା ବସିଲା । ଏ ସବୁ ଫଳରେ ଜିନିଷ ବଦଳାଇ ଅନ୍ୟ ଜିନିଷ ନେବା ଅଣିବା ଅସୁବିଧାଜନକ ହୋଇଉଠିଲା । ଫୁଲନଖରର ଯଦୁ ବିଶ୍ୱାଳ ଆମେରିକାରୁ ମଟରଗାଡ଼ି ଖଣ୍ଡିଏ କିଣିବାକୁ ଚାହିବ, ତା ପକ୍ଷରେ ତାର ପ୍ରସ୍ତୁତ ଧାନ ଦେଇ କିଣିବା ସମ୍ଭବ ହେବ କିପରି ? ଖଣ୍ଡିଏ ମଟର ଗାଡ଼ି ପରିବର୍ତ୍ତିରେ ତାକୁ ପ୍ରାୟ ହଜାରେ ଗାଡ଼ି ଧାନ ଦେବାକୁ ହେବ ଓ ସେ ସବୁ ନେଇ ଆମେରିକାର ମଟରଦୋକାନୀ ପାଖରେ ପହଞ୍ଚାଇବାକୁ କେତେ ବ୍ୟୟ ଓ ସମୟ ଲାଗିବ, ତାହା ଅନୁମାନ କରିହେବ ନାହିଁ । ପୁଣି ଆମେରିକାର ମଟରଦୋକାନୀ ତ ଚାଉଳ ଖାଏ ନାହିଁ । ଏତେ ଚାଉଳ ନେଇ ସେ ବା କଅଣ କରିବ ? ଏ ସବୁ ପରିସ୍ଥିତିକୁ ସୁଧାରିବା ପାଇଁ ସମାଜ ଗୋଟିଏ ସ୍ୱତନ୍ତ୍ର ପନ୍ଥା ଅନୁସରଣ କଲା । ତାହା ହେଉଛି ଟଙ୍କା ବା ମୁଦ୍ରା । ପ୍ରତ୍ୟେକ ଲୋକର ପରିଶ୍ରମର ମୂଲ୍ୟ ଟଙ୍କାରେ ଧାର୍ଯ୍ୟ ହେଲା ଓ ଟଙ୍କା ବଦଳରେ ଯେ ଯେପରି ଧରଣର ଯେଉଁ ଜିନିଷ ବା ସେବା ଚାହିବ, ତାହା ତାକୁ ମିଳିପାରିବାର ସୁବିଧା ଆଇନ ବଳରେ କରାହେଲା । ଟଙ୍କା କେହି ଖାଏ ନାହିଁ । ଟଙ୍କାର କାର୍ଯ୍ୟ ହେଉଛି କେବଳ ଜିନିଷ ଓ ସେବାର ଆଦାନ ପ୍ରଦାନରେ ସାହାଯ୍ୟ କରିବା । ତେଣୁ ଟଙ୍କା ବା ମୁଦ୍ରାକୁ ସମାଜଦ୍ୱାରା ନିର୍ଦ୍ଧାରିତ ଗୋଟିଏ 'ଦାବୀପତ୍ର' ବୋଲି ବୁଝିଲେ ଭୁଲ ହେବ ନାହିଁ ।

ତେଣୁ ଟଙ୍କାଟା କେବଳ ଜିନିଷ ଓ ସେବା ଆଦାନ ପ୍ରଦାନର ଗୋଟାଏ ମାନଦଣ୍ଡ ରୂପରେ ବ୍ୟବହୃତ ହେବାକୁ ଲାଗିଲା । ଫଳରେ ପ୍ରତ୍ୟେକ ଲୋକ ତାର ନିର୍ଦ୍ଦିଷ୍ଟ ବ୍ୟବସାୟରେ ସ୍ୱାଧୀନ ଅଥଚ 'ଅନ୍ଧ ଭାବରେ କାର୍ଯ୍ୟ କରି ଚାଲେ । ତାର ପରିଶ୍ରମର ମୂଲ୍ୟ ସମାଜର ରୀତି ଅନୁସାରେ ଟଙ୍କା ବା ମୁଦ୍ରାରେ

ନିର୍ଦ୍ଧାରିତ ହୁଏ ଓ ଉକ୍ତ ଟଙ୍କା ବା ମୁଦ୍ରା ପରିବର୍ତ୍ତିରେ ସେ ତାର ଅନ୍ୟାନ୍ୟ ଜିନିଷ ପାଏ ।

ଦଶୋଟି ଟଙ୍କା ଦେଲେ ଯେବେ ମୁଁ ମାସେ କାଳ ଦିନକୁ ଦୁଇ ଘଣ୍ଟା ଲେଖାଏଁ ଖଟିବାକୁ ରାଜି ହେବି, ତେବେ ଧରାଯିବ ଯେ ମୋର ଦିନକୁ ଦୁଇ ଘଣ୍ଟା ଲେଖାଏଁ ମାସେ ଖଟିବାର ମୂଲ୍ୟ ଦଶୋଟି ଟଙ୍କା; ଅର୍ଥାତ୍ ଏହିପରି ମାସେ ପରିଶ୍ରମ କଲେ ମୋତେ ଯେତେ କଷ୍ଟ ହେବ, ଦଶୋଟି ଟଙ୍କା ପାଇଲେ ମୋର ସେତିକି ଆନନ୍ଦ ହେବ । ଦୁଇଟି ପଇସା ଦେଲେ ଯଦି ମୁଁ ଘଣ୍ଟାଏ ପରିଶ୍ରମ କରି ବୋଝଟିଏ ବୋହି ନେବାକୁ ରାଜି ହେବି, ତେବେ ଧରାଯିବ ଯେ ମୋର ଘଣ୍ଟାଏ ପରିଶ୍ରମର ମୂଲ୍ୟ ଦୁଇଟି ପଇସା; ଅର୍ଥାତ୍ ଦୁଇଟି ପଇସା ପାଇଲେ ମୋର ଯେତିକି ଆନନ୍ଦ ହେବ ଓ ଘଣ୍ଟାଏ ପରିଶ୍ରମ କଲେ ମୋର ଯେତିକି କଷ୍ଟ ହେବ, ସେ ଦୁହେଁ ପରସ୍ପର ସମାନ୍ ।

ଜଗତରେ ଏପରି କେତେକ ଜିନିଷ ଅଛି, ଯାହାର ମୂଲ୍ୟ ଟଙ୍କା ବା ମୁଦ୍ରାରେ ଧରିହେବ ନାହିଁ, ଯଥା:—ଆକାଶରେ ଚନ୍ଦ୍ରର ଶୋଭା ଦେଖି ମୁଁ ଯେତେ ପରିମାଣରେ ମୁଗ୍ଧ ହେଲି, ତାର ମୂଲ୍ୟ କେତେ ? ମୋର ପୁଅ କାନ୍ଦିବାରୁ ମୋ ମନରେ ଯେଉଁ ଦୁଃଖ ହେଲା ତାର ମୂଲ୍ୟ କେତେ ? ତେଣୁ ଏ ସବୁ ତୃପ୍ତି ବା କଷ୍ଟର ମୂଲ୍ୟ ଆର୍ଥନୈତିକ ହିସାବରୁ ବାଦ୍ ଦିଆଯାଏ । ତଥାପି ଏ ସବୁ ଧରଣର ଶ୍ରମ ବା ତୃପ୍ତିକୁ ବାଦ୍ ଦେଲେ ମଧ୍ୟ, ବାକି ଜଗତରେ ଏତେ ପ୍ରକାରର ପରିଶ୍ରମ ଓ ତୃପ୍ତି ଅଛି ଯେ, ସେ ସବୁକୁ ଟଙ୍କା ପଇସାର ମୂଲ୍ୟରେ ହିସାବ କରି ମନୁଷ୍ୟର ସମସ୍ତ ଆର୍ଥନୈତିକ ବିକାଶର ଯଥାର୍ଥ ପରିକଳ୍ପନା କରାଯାଇପାରେ ।

## —ଦୁଇ—

ପରିଶ୍ରମ ବିଭାଗ ହେବାରୁ ଅବଶ୍ୟ ଅନେକ ସୁବିଧା ହେଲା । ଯାହାର ଯେଉଁ ଜିନିଷ ତିଆରି କରିବାରେ ଦକ୍ଷତା ଅଛି, ସେ କେବଳ ସେହି କାର୍ଯ୍ୟରେ ନିଜକୁ ପୂର୍ଣ୍ଣଭାବରେ ନିୟୋଜିତ କରି ରଖିଲା । ଯେ ଭଲ ଚାଷ କରେ, ସେ କେବଳ ଚାଷ କରିବାରେ ଲାଗିଲା । ତାକୁ ଯଦି ନିଜର ଗୃହ କରିବାକୁ ପଡୁଥାନ୍ତା, ନିଜର ଲୁଗା ବୁଣିବାକୁ ପଡୁଥାନ୍ତା, ସେ ଆଉ ଚାଷ କରିବାରେ ଦିନସାରା ଲାଗି ରହନ୍ତା କିପରି ? ସମାଜ ତାର ଏହି କାମଗୁଡ଼ିକର ଅନ୍ୟ ବ୍ୟବସ୍ଥା କରୁଥିବାରୁ ସେ କେବଳ ଗୋଟିଏ କାର୍ଯ୍ୟରେ ନିଯୁକ୍ତ ହୋଇ ରହିପାରେ । ଫଳରେ ଯାହାର ଯେଉଁଥିରେ ସବୁଠାରୁ ଭଲ ଦକ୍ଷତା ଅଛି, ସେ ସେହି କାର୍ଯ୍ୟରେ ଅନବରତ ବ୍ୟାପୃତ ରହିବାରୁ ମୋଟ ଉପରେ ଭଲ ଭଲ ଧରଣର ଜିନିଷ ଓ ଅପେକ୍ଷାକୃତ ବେଶି ଜିନିଷ ସମାଜକୁ ମିଳିଲା ।

ପୁଣି, ଜଣେ ଲୋକ ଯଦି ସବୁଦିନେ ଗୋଟିଏ କାମ କରେ, ତାର ସେଥିରେ ଦକ୍ଷତା ନ ଥିଲେ ମଧ୍ୟ କାଳକ୍ରମେ ଆସିଯାଏ । ଖଜଣାଖାନାରେ ପୋଦ୍ଦାର ସବୁ ଟଙ୍କା ଗଣିଲାବେଳେ ଜଣାଯାଏ, ସତେ ଯେପରି ସେମାନେ ଆଖି ବୁଜି ଠକ୍ ଠକ୍ ଗଣି ଚାଲିଛନ୍ତି । ସାଇକଲଶିଖାଳୀ ଭଲ କରି ସାଇକଲ ଶିଖିଗଲେ ବା ପହଁରାଶିଖାଳୀ ଭଲକରି ପହଁରା ଶିଖିଗଲେ, ସାଇକଲ ଚଳାଇଲାବେଳେ ବା ପହଁରିବାବେଳେ ପରିଶ୍ରମ କରୁଛନ୍ତି ବୋଲି ବୁଝିପାରନ୍ତି ନାହିଁ । ସମସ୍ତେ ସମାଜରେ ଏହିପରି ଅଭ୍ୟସ୍ତ କାର୍ଯ୍ୟରେ ବ୍ୟାପୃତ ରହିବାର ସୁଯୋଗ ପାଇବାରୁ ଧନସମ୍ପାଦନର ପନ୍ଥା ସୁଗମ ହୁଏ ।

ଶ୍ରମବିଭାଗ ଫଳରେ ଆଉ କେତେକ ସୁବିଧା ମଧ୍ୟ ହେଲା । ଖାଲି ଯେ ମଣିଷ ମଣିଷ ଭିତରେ ଶ୍ରମବିଭାଗ ହେଲା, ତା ନୁହେଁ

ମଣିଷ ସହିତ କଳକାରଖାନାର ମଧ୍ୟ ଶ୍ରମବିଭାଗ ହେଲା । ଯେତେବେଳେ ଗୋଟିଏ କାର୍ଯ୍ୟ କଳରେ ହେବା ସମ୍ଭବ ହୋଇଉଠେ, ମଣିଷ ନିଜେ ଆଉ ସେ କାର୍ଯ୍ୟ କରିବା ଲାଭଜନକ ମନେ କରେ ନାହିଁ । ଚାଉଳକଳମାନ ହେବା ଦିନରୁ ଦେଶରୁ ଢିଙ୍କି ପ୍ରାୟ ଉଠି ଯାଉଛି; କାରଣ କଳ ଚାଉଳ ଶସ୍ତା ପଡ଼ୁଛି । କଳ ଲୁଗା ମିଳିଲା ଦିନଠାରୁ ହାତବୁଣା ଲୁଗାର ପ୍ରସାର ବହୁତ କମିଯାଇଛି; କାରଣ ହାତବୁଣା ଲୁଗାଠାରୁ କଳ ଲୁଗା ଶସ୍ତା ଓ ସୁନ୍ଦର । କଳ ସୂତା ମିଳିବା ଦିନଠାରୁ ହାତ ତିଆରି ସୂତା ପ୍ରାୟ ମିଳୁ ନାହିଁ ।

ଗୋଟିଏ ଢିଙ୍କି ତପ୍ ତପ୍ କରି ଦିନକେ ଯେତେ ଚାଉଳ କରିବ, ଗୋଟିଏ ତନ୍ତ ଖଟ୍ ଖଟ୍ କରି ଦିନକେ ଯେତେ ଲୁଗା ବୁଣିବ, ଗୋଟିଏ ତାକୁଡ଼ି ଦିନକେ ଯେତେ ସୂତା କାଟିବ; ଗୋଟିଏ ଗୋଟିଏ କଳ ତାର ବହୁ ସହସ୍ର ଗୁଣ ଚାଉଳ, ଲୁଗା ବା ସୂତା ମୁହୂର୍ତ୍ତ ମଧ୍ୟରେ ତିଆରି କରିପାରିବ ।

କିନ୍ତୁ କଳକାରଖାନା ଗୁଡ଼ିକ ବଡ଼ ବ୍ୟୟସାଧ୍ୟ ପଦାର୍ଥ । ସେଗୁଡ଼ିକରୁ ପୁରା ଲାଭ ଉଠାଇବାକୁ ହେଲେ ସେଗୁଡ଼ିକୁ ଚବିଶ ଘଣ୍ଟା ଖଟାଇବା ଦରକାର ଓ ତାକୁ ଚାଲୁ କରିବାପାଇଁ ଚବିଶ ଘଣ୍ଟା ଲୋକ ମଧ୍ୟ ମହଜୁଦ୍ ଥିବା ଦରକାର । ଏହି କାରଣରୁ କଳ କାରଖାନାମାନଙ୍କରେ ସ୍ଥାୟୀ ଶ୍ରମିକବସତିର ପ୍ରୟୋଜନ ହୁଏ । ଏହାଦ୍ୱାରା ଉପକାର ଏତିକି ହୁଏ ଯେ, କଳକାରଖାନା ସାହାଯ୍ୟରେ ବର୍ଦ୍ଧିଷ୍ଣୁ ଲୋକସଂଖ୍ୟାର ବର୍ଦ୍ଧିଷ୍ଣୁ ପ୍ରୟୋଜନ ଜିନିଷମାନ ଶସ୍ତା ଓ ସୁବିଧାରେ ଯୋଗାଇବାକୁ ସମାଜ ପକ୍ଷରେ ସହଜ ହୁଏ । କିନ୍ତୁ ଏହି ସ୍ଥାୟୀ ଶ୍ରମିକବସତିର ବସବାସର ଅସୁବିଧା, ସେମାନଙ୍କର ଅସ୍ୱାସ୍ଥ୍ୟକର ପରିସ୍ଥିତି ଓ ସାରା ଜୀବନ ଧରି କଳ ପାଖରେ ବସି ଫଟ୍ ଫଟ୍ କରିବାର ଦୁର୍ବିସହତା ଯୋଗୁଁ ଅନେକ ନୂତନ ଧରଣର ସମସ୍ୟା ଉପୁଜି ଉଠେ ।

ପୁଣି ବିଜ୍ଞାନର ପ୍ରଗତି ଅନୁସାରେ ଏହି କଳକାରଖାନା ଗୁଡ଼ିକ କ୍ରମେ କ୍ରମେ ଛୋଟରୁ ବଡ଼ ହୋଇ ଚାଲିଛି । ଗୋଟିଏ ଚିନିକଳ ବସାଇବା ଏକ ବିରାଟ ବ୍ୟାପାର ଓ ଗୋଟିଏ ରେଲକମ୍ପାନୀର ସମସ୍ତ ଉପକରଣ ସଂଗ୍ରହ କରିବା ଅତ୍ୟନ୍ତ ବ୍ୟୟସାପେକ୍ଷ କାମ । ଫଳରେ ଦିନକୁ ଦିନ ବ୍ୟବସାୟ ବାଣିଜ୍ୟ କେବଳ 'ପୁଞ୍ଜୀ'ର ଜୋର ଦରକାର କରେ । କୋଟି କୋଟି ଟଙ୍କାରେ ଗୋଟିଏ କାରଖାନା ଖୋଲିବାକୁ ହେଲେ ପୁଞ୍ଜୀପତିର ପ୍ରୟୋଜନ । ପୁଣି ଜଣେ ଜଣେ ପୁଞ୍ଜିପତି ଦେଶର ଚାରିଆଡ଼େ ଅନେକ ଅନେକ କଳକାରଖାନା ଖୋଲି ବ୍ୟବସାୟର ପ୍ରସାର ବଢ଼ାଉଛନ୍ତି । ଆମ ଦେଶରେ ବିର୍ଲା ବା ଟାଟା ବହୁତ କାରଖାନା ଖୋଲିବାରେ ସମର୍ଥ ହୋଇଛନ୍ତି । ସେମାନଙ୍କର ବାର୍ଷିକ କୋଟି କୋଟି ଟଙ୍କା ଲାଭ ହେଉଛି । ପକ୍ଷାନ୍ତରେ ଗାଁ ଗହଳରେ ଲୋକେ ଖାଇବାକୁ ପାଉ ନାହାନ୍ତି । ତେଣୁ ବର୍ତ୍ତମାନ ଯୁଗରେ ଯାହାର ପୁଞ୍ଜୀ ନାହିଁ, ତାର ବ୍ୟବସାୟ କରିବାର ସାମର୍ଥ୍ୟ ନାହିଁ ବୋଲି ବୁଝିବାକୁ ହେବ । ସାମର୍ଥ୍ୟ ନ ଥିବା ସ୍ଥଳେ ସ୍ୱାଧୀନତାର ଅର୍ଥ କିଛି ନୁହେଁ । ତୁମେ ତୁମ ଇଚ୍ଛାମତେ ଯେ କୌଣସି ବ୍ୟବସାୟ କରିବାକୁ ସ୍ୱାଧୀନ; କିନ୍ତୁ ତୁମ ହାତରେ ପୁଞ୍ଜୀ ନ ଥିଲେ ତ ତୁମେ ଲାଭଜନକ କୌଣସି ବ୍ୟବସାୟ କରିପାରିବ ନାହିଁ । ତେବେ ଏ ସ୍ୱାଧୀନତାର ଅର୍ଥ କଣ ? ଏହି କାରଣରୁ ଆଜିକାଲି କାଳର ବ୍ୟବସାୟପଦ୍ଧତିକୁ ପୁଞ୍ଜିବାଦ ( Capitalism ) କୁହାଯାଏ ।

—ତିନି—

ବାସ୍ତବିକ ଆଜିକାଲି ପୁଞ୍ଜିପତିମାନଙ୍କର ଯୁଗ । ଯେଉଁମାନଙ୍କର ଅଜସ୍ର ପଇସା ଅଛି, ସେହିମାନେହିଁ ବ୍ୟବସାୟରେ ପଶିଲେ ଲାଭ କରି ପାରିବେ । ଆଜିକାଲି ଗୋଟିଏ କଳକାରଖାନା ଖୋଲିବାକୁ ହେଲେ ଖୁବ୍ ମୂଲ୍ୟବାନ୍ ଯନ୍ତ୍ରପାତି ତ କିଣିବାକୁ ହେବ; ତା ଛଡ଼ା ଉକ୍ତ କଳଗୁଡ଼ିକୁ ବୈଜ୍ଞାନିକ ରୀତିରେ ଚାଲୁ କରିବାପାଇଁ ଉଚ୍ଚ ଦରମାର

ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରିବାକୁ ହେବ । ଯାହାର ପଇସା ଅଛି, ସେ ତାହା କରିପାରେ । ତାର ନିଜର ବ୍ୟବସାୟ ଚଳାଇବାର ଦକ୍ଷତା ନ ଥିଲେ ମଧ୍ୟ ସେ ଖୁବ୍ ଉଚ୍ଚ ଶିକ୍ଷିତ ମାନେଜର ରଖି ତାର କାରଖାନାଗୁଡ଼ିକ ଉନ୍ନତ ଧରଣର କରିପାରେ । ପୁଣି ଆବଶ୍ୟକ ହେଲେ ସେ ନିଜର ପଇସା ଜୋରରେ ପରର ପଇସାକୁ ମଧ୍ୟ ଖଟାଇ ପାରେ । ମନେକର ବମ୍ବାଇର ଜଣେ ପୁଞ୍ଜିପତି ଓଡ଼ିଶାର ଗୋଟିଏ ଗଡ଼ଜାତରେ ଗୋଟାଏ କୋଇଲା ଖଣି ଖୋଲିବାକୁ ଚାହିଁବ । ସେ ସେଠାରେ ଗୋଟିଏ କମ୍ପାନୀ ଖୋଲିପାରେ । ଉକ୍ତ କମ୍ପାନୀର ଅଂଶପତ୍ର ବଜାରରେ ବିକି ସେ ଦେଶର ଅନେକ ଲୋକଙ୍କଠାରୁ ଟଙ୍କା ଉଠାଇପାରେ । ନିଜେ କେତେକ ଅଂଶ ଅବଶ୍ୟ କିଣି ରଖି, ଯେତେକ ଗୁରୁତର ସମସ୍ୟା ସବୁଥିରେ ନିଜର କର୍ତ୍ତୃତ୍ୱ ବଜାୟ ରଖି, ପର ପଇସା ବଳରେ ନିଜେ ନିଜର କାମ ହାସଲ କରିପାରେ । ଏପରି ଗୋଟିଏ କମ୍ପାନୀର ପ୍ରତ୍ୟେକ ଅଂଶ ମନେ କର ଦଶୋଟି ଟଙ୍କା । ଯେଉଁମାନେ ଏହି ଅଂଶ ଗୁଡ଼ିକୁ କିଣନ୍ତି ସେମାନେ ଦେଶର ଅନେକ ସ୍ଥାନର ଲୋକ । ସେମାନଙ୍କର ନିଜ ନିଜର ବ୍ୟବସାୟ ରହିଛି । ଗୋଟିଏ କୋଇଲା ଖଣିରେ ତାଙ୍କର ଦଶ ଟଙ୍କାର ଗୋଟିଏ ଅଂଶ ଅଛି ବୋଲି ସେମାନେ କଣ ଉକ୍ତ କୋଇଲା ଖଣି ବିଷୟରେ ଦିନରାତି ଭାବିବାକୁ ଇଚ୍ଛା କରିପାରିବେ ? ସେମାନେ ଅଂଶଟି କିଣି ନିଶ୍ଚିନ୍ତ ରହନ୍ତି, ବର୍ଷ ଶେଷରେ ଟଙ୍କାଏ କି ଦୁଇ ଟଙ୍କା ହୁଏ ତ ଲାଭ ପାଆନ୍ତି । ପୁଣି ତାଙ୍କର ଟଙ୍କା ବିଶେଷ ଦରକାର ପଡ଼ିଲେ ଉକ୍ତ ଅଂଶଟି ମଧ୍ୟ ଅନ୍ୟ ଲୋକଙ୍କୁ ବିକିଦିଅନ୍ତି ।

ପୁନଶ୍ଚ ଯାହାର ପଇସା ଅଛି, ତାର ଯେ କେବଳ ବଡ଼ ଧରଣର କାରଖାନା ଖୋଲି ଚଳାଇବା ସହଜ, ସେତିକି ନୁହେ । ଦେଶର କେଉଁ ଅଜଣା କୋଣରେ କି ଲାଭଜନକ ବ୍ୟବସାୟ ଖୋଲିଲେ ତାର ବ୍ୟବସାୟ ଅଧିକ ପ୍ରସାର ଲାଭ କରିବ, ଏ ପ୍ରାଥମିକ ଜ୍ଞାନ ବିଷୟରେ ତାକୁ ନିଜେ ମୁଣ୍ଡ ଖଟାଇବାକୁ ପଡ଼େ ନାହିଁ । ଆଜିକାଲି ଜଗତରେ ଏ

ବିଷୟରେ ମଧ୍ୟ ବିଶେଷଜ୍ଞ ଅଛନ୍ତି । ସେମାନେ କେବଳ ବ୍ୟବସାୟ କରି ବୁଲୁଛନ୍ତି—କେଉଁଠାରେ କେଉଁ ବ୍ୟବସାୟ ହେବ, ଏ ବିଷୟରେ ପ୍ରାଥମିକ ଯୋଜନା ପ୍ରସ୍ତୁତ କରିବାକୁ । ସେମାନେ ଏ ସମସ୍ତ ଯୋଜନା ପ୍ରସ୍ତୁତ କରି ବଡ଼ ବଡ଼ ପୁଞ୍ଜିପତିମାନଙ୍କୁ ତାଙ୍କର ଯୋଜନା ଯୋଗାନ୍ତି ଓ ସେମାନଙ୍କର ମନୋମତ ହେଲେ ତାଙ୍କଠାରୁ ପାରିଶ୍ରମିକ ନେଇ ଉକ୍ତ ଯୋଜନା ତାଙ୍କୁ ଦେଇଦିଅନ୍ତି । ତେଣୁ ପୁଞ୍ଜିପତିକୁ ଏ ଦିଗରେ ମଧ୍ୟ ମଥା ଖଟାଇବାକୁ ପଡ଼େ ନାହିଁ । ପଇସା ଜୋରରେ ଏ ବାଟରେ ମଧ୍ୟ ତାକୁ ଦିବ୍ୟ ଦୃଷ୍ଟି ମିଳିଯାଏ ।

ପୁନଶ୍ଚ ତାର କାରଖାନାମାନଙ୍କର ଦୈନନ୍ଦିନ କାରବାରପାଇଁ ମଧ୍ୟ ପ୍ରୟୋଜନ ହେଲେ ବ୍ୟାଙ୍କମାନଙ୍କରୁ ସେ ଅଳ୍ପକାଳ ପାଇଁ ଟଙ୍କା ଧାର କରି ପ୍ରତ୍ୟେକ କାରଖାନାର ବ୍ୟବସାୟ ଖର୍ଚ୍ଚ ଚଳାଇବାର ସୁଯୋଗ ଅଛି । ଫୁଲନଖରର ଯଦୁ ବିଶ୍ୱାଳ ପାନ ଦୋକାନଟିଏ ଖୋଲିବାପାଇଁ ଯଦି କୌଣସି ବଡ଼ ବ୍ୟାଙ୍କ ପାଖରେ ମୂଳଧନ ଧାର ମାଗେ, ତେବେ ଦୁଇଟି ଚଇତନ ଖାଇ ସେ କାନମୁଣ୍ଡା ଆଉଁସି ଫେରି ଆସିବ । ମାତ୍ର ଟାଟା କମ୍ପାନୀର ପ୍ରୟୋଜନ ହେଲେ ସେ ଅକ୍ଳେଶରେ କୋଟି କୋଟି ଟଙ୍କା ଯେ କୌଣସି ବ୍ୟାଙ୍କରୁ ଧାର ପାଇବ ।

ପୁନଶ୍ଚ କୌଣସି ନୂଆ କାରଖାନା ଖୋଲିବାକୁ ହେଲେ, ପୁଞ୍ଜିପତିକୁ ମଧ୍ୟ ପ୍ରାଥମିକ ମୂଳଧନ ପାଇଁ ବ୍ୟାଙ୍କମାନଙ୍କରୁ ଯଥେଷ୍ଟ ସାହାଯ୍ୟ ମିଳେ । ଅନେକ ସମୟରେ ସେହି ବ୍ୟାଙ୍କମାନେ ମଧ୍ୟ ଉକ୍ତ ମୂଳଧନର ଅନେକ ଅଂଶ କିଣି ନିଅନ୍ତି ଓ କାଳକ୍ରମେ ଅଳ୍ପ କିଛି କମିଶନ ନେଇ ଉକ୍ତ ଅଂଶଗୁଡ଼ିକୁ ଅସ୍ତେ ଅସ୍ତେ ଦେଶର ଜନସାଧାରଣଙ୍କୁ ବିକିଦିଅନ୍ତି । ତେଣୁ ପୁଞ୍ଜିପତି ପକ୍ଷରେ କୌଣସି ନୂତନ ବ୍ୟବସାୟର ପ୍ରାଥମିକ ମୂଳଧନ ଉଠାଇବାରେ ମଧ୍ୟ ଯଥେଷ୍ଟ ସୁଯୋଗ ରହିଛି । ସେ କେବଳ ଘରେ ବସି ମାୟାର ସଂସାର ସୃଷ୍ଟି କରିପାରେ ।

ପୁଣି ପ୍ରୟୋଜନ ହେଲେ ପୁଞ୍ଜିପତି ତାର କାରଖାନାମାନଙ୍କର ଋଣପତ୍ର ମଧ୍ୟ ବିକ୍ରୟ କରି ବଜାରରୁ ଅର୍ଥ ସଂଗ୍ରହ କରିପାରେ । ଏ ବିଗରେ ଅଳ୍ପ କିଛି କମିଶନ ପାଇ ବ୍ୟାଙ୍କମାନେ ମଧ୍ୟ ତାର ସହାୟତା କରନ୍ତି । ଯେଉଁମାନେ ଋଣପତ୍ର କିଣନ୍ତି, ସେମାନେ ଅବଶ୍ୟ ସୁଧ ପାଆନ୍ତି; କିନ୍ତୁ ଏମାନେ କମ୍ପାନୀର ସଭା ସମିତିରେ ଅଂଶୀଦାରମାନଙ୍କ ପରି ଭୋଟ ଦେଇପାରନ୍ତି ନାହିଁ ।

## —ଚାରି—

ଖାଲି ସେତିକି ନୁହେଁ; ନିଜ କାରଖାନାରେ ପ୍ରସ୍ତୁତ ଜିନିଷ ବିକିବାରେ ପୁଞ୍ଜିପତିର ଯଥେଷ୍ଟ ସୁବିଧା ରହିଛି । ତାର ଜିନିଷ ମୋଟ ଦରରେ କିଣି ନେବାପାଇଁ ମୋଟଦରିଆ ବେପାରୀ ଅଛନ୍ତି । ତାର କାରଖାନାର ସମସ୍ତ ଜିନିଷ ସେ ଜଣେ ବା କେତେ ଜଣ ମୋଟ-ଦରିଆ ବେପାରୀଙ୍କୁ ଦେଇଦେଲେ ତାର କାମ ସରିଲା । ଏଇ ମୋଟ-ଦରିଆ ବେପାରୀମାନେ ପୁଣି ଦଲାଲମାନଙ୍କ ସାହାଯ୍ୟରେ ଆଗରୁ ମୋଟଦରିଆ ଅର୍ଡର ସଂଗ୍ରହ କରନ୍ତି । ଦଲାଲମାନଙ୍କ ସମିତିରେ କୌଣସି ଜିନିଷ ତିଆର ହେବାର ବର୍ଷକ ଆଗରୁ ତାର ବିକି ସରିଥାଏ । ତେଣୁ କାରଖାନାର ମାଲିକର କାର୍ଯ୍ୟ ହେଉଛି, ଜିନିଷ ତିଆର କରି ମୋଟା ବେପାରୀଙ୍କୁ ଧରିଦେବା । ଉକ୍ତ ମୋଟା ବେପାରୀମାନଙ୍କର କାର୍ଯ୍ୟ ହେଉଛି, ଦଲାଲମାନଙ୍କ ସାହାଯ୍ୟରେ ଛୋଟ ଛୋଟ ମୋଟା ବେପାରୀଙ୍କୁ ଧରିଦେବା । ଦଲାଲମାନଙ୍କର କାର୍ଯ୍ୟ ହେଉଛି ତାଙ୍କର ସମିତିରେ କସି ଜିନିଷ ତିଆରି ହେବା ଆଗରୁ ତାର ବିକାକିଣା ସ୍ଥିର କରିବା । ସମାଜରେ ଏହିପରି କାର୍ଯ୍ୟର ବିଭାଗ ହୋଇ ରହିଛି । କିନ୍ତୁ ତାହା ଫୁଲନଗରର ଯଦୁ ବିଶ୍ୱାଲର ପାନ ଦୋକାନର ସୁବିଧା ପାଇଁ ନୁହେଁ, କେବଳ ଟାଟା, ବିର୍ଲା ଆଦି ବଡ଼ ବଡ଼ ପୁଞ୍ଜିପତିଙ୍କ ସୁବିଧା ପାଇଁ ।

ପୁଣି, ପୁଞ୍ଜିପତି ଯେ ଗ୍ରାହକମାନଙ୍କ ରୁଚି ଅନୁସାରେ ଜିନିଷ ପ୍ରସ୍ତୁତ କରେ, ତା ନୁହେଁ । ଅବଶ୍ୟ ପୁଞ୍ଜିପତି ଚେଷ୍ଟା କରେ

ଗ୍ରାହକମାନେ ପସନ୍ଦ କରିବା ଭଳି ଜିନିଷ ତିଆର କରିବାକୁ; ମାତ୍ର ଅଧିକାଂଶ ସମୟରେ ଗ୍ରାହକମାନେ ପୁଞ୍ଜିପତିଦ୍ୱାରା ପ୍ରସ୍ତୁତ ଜିନିଷ ଦେଖି ନିଜର ରୁଚି ସ୍ଥିର କରନ୍ତି ।

ଆମ୍ଭେମାନେ ଯେତେବେଳେ ଲୁଗା କିଣିବାକୁ ଯାଉଁ, ଆଗ ଦୋକାନୀକୁ କହୁଁ, 'ତୁମ ଲୁଗା ଦେଖାଅ' । ସେ ଦେଖାଇବା ଲୁଗା ମଧ୍ୟରୁ ଆମେ ପସନ୍ଦ କରୁଁ । ଅର୍ଥାତ୍ ଆମେ ଲୁଗା ଦୋକାନକୁ ଗଲାକ୍ଷଣି ପ୍ରକାରାନ୍ତରେ ପଚାରୁଁ, 'ପୁଞ୍ଜିପତି ମହାଶୟ ଆମ ସୁବିଧା ନିମନ୍ତେ କି କି ଲୁଗା ପଠାଇଛନ୍ତି ?' ତା ମଧ୍ୟରୁ ଆମର ରୁଚି ଆମେ ସ୍ଥିର କରୁଁ ।

ବସ୍ତୁତଃ ଆଜିକାଲି ଜଗତଟାହିଁ ପୁଞ୍ଜିପତିର । ପୁଞ୍ଜୀ ନ ଥିବା ଲୋକର ବ୍ୟବସାୟରେ ସ୍ଥାନ ନାହିଁ । ତେଣୁ ଆଜିକାଲିର ବ୍ୟବସାୟ ପଦ୍ଧତିକୁ ପୁଞ୍ଜିବାଦ କୁହାଯାଉଛି ।

# ତୃତୀୟ ପରିଚ୍ଛେଦ

## ପୁଞ୍ଜିବାଦର ଉପକାରିତା

—ଏକ—

ଏଠାରେ ପ୍ରଶ୍ନ ଉଠିପାରେ, ଏପରି ଭାବରେ ସମାଜରେ ବ୍ୟବସାୟ ଚଳିବାଦ୍ୱାରା କି ଉପକାର ହେଉଅଛି ? ଏହାର ଉତ୍ତର ଦେବାକୁ ହେଲେ ଟିକିଏ ଭାବିବାକୁ ପଡ଼େ ।

ପ୍ରଥମେ ଦେଖିବାକୁ ହେବ ଯେ, ଏପରି ବ୍ୟବସାୟର ସ୍ୱାଧୀନତା ଅନ୍ୟ କୌଣସି ପନ୍ଥାରେ ମିଳିବ କି ନାହିଁ । ବର୍ତ୍ତମାନ ଜଗତରେ ତୁମେ ଯଦି କେଉଁଠାରୁ କିଛି ପୁଞ୍ଜି ସଂଗ୍ରହ କରିପାରିବ, ତୁମେ ଯେ କୌଣସି ଜାତି, ଧର୍ମ ବା ସମ୍ପ୍ରଦାୟର ଲୋକ ହୁଅ ନା କାହିଁକି, ଅକ୍ଳେଶରେ ବ୍ୟବସାୟ-ରାଜ୍ୟରେ ପ୍ରବେଶ କରିବ । ଆଜିକାଲି ଜଗତରେ ସାଧାରଣ ବୁଦ୍ଧି ଥିବା ଲୋକ ଯଦି ସାଧୁଭାବରେ ଉଦ୍ୟମ କରେ, ସେ ମଧ୍ୟ ପୁଞ୍ଜିପତିର ସହାୟତା ନେଇ କାର୍ଯ୍ୟ କରିପାରିବ । ଖୁବ୍ ଭାବି ଚିନ୍ତି ଗୋଟିଏ ସୁନିଶ୍ଚିତ ବ୍ୟବସାୟ ପଦ୍ଧତି ସ୍ଥିର କରିପାରିଲେ ବ୍ୟାବସାୟିକ ବ୍ୟାଙ୍କରୁ ମଧ୍ୟ ସାହାଯ୍ୟ ମିଳିବ ।

କମ୍ପାନୀ ସୃଷ୍ଟି କଲେ ଅଂଶ ବିକ୍ରି ବାହାରୁ ମଧ୍ୟ ଅର୍ଥର ସାହାଯ୍ୟ ଅପ୍ରୋଜନ କରିହେବ । ଆମ ଦେଶରେ ଏ ପର୍ଯ୍ୟନ୍ତ ଏହାର ଦୃଷ୍ଟାନ୍ତ ବେଶି ନାହିଁ । ତେବେ ଆର୍. ଏନ୍. ମୁଖର୍ଜି ଓ ଅଲ୍ଲମୋହନ ଦାସ ପ୍ରଭୃତି କେତେକ ବ୍ୟବସାୟୀ କାଳକ୍ରମେ ଏ ଦିଗରେ ଖୁବ୍ ଦକ୍ଷତା ଯେ ନ ଦେଖାଇଛନ୍ତି, ତାହା ନୁହେ । ମୋଟ ଉପରେ ବର୍ତ୍ତମାନ ଜଗତରେ ବ୍ୟାବସାୟିକ ସ୍ୱାଧୀନତାର ଯଥେଷ୍ଟ ସୁଯୋଗ ଅଛି । ଏହା ଫଳରେ ବ୍ୟକ୍ତିଗତ ଉତ୍ସାହ, ସାହସ ଓ ବୁଦ୍ଧିର ନିମନ୍ତେ ବ୍ୟବସାୟ-ରାଜ୍ୟରେ ଉନ୍ମୁକ୍ତ କ୍ଷେତ୍ର ରହିଛି ।

ଅବଶ୍ୟ ଅନେକ କ୍ଷେତ୍ରରେ ପୁଞ୍ଜିପତିର ସୁଯୋଗ ବେଶି ଅଛି; ଅର୍ଥାତ୍ ପୁଞ୍ଜିପତି ଯେତେ ସୁବିଧାରେ କାର୍ଯ୍ୟ ନିର୍ବାହ କରିପାରିବ, ମଧ୍ୟବିତ୍ତ ଲୋକ ତାହା କରିପାରିବ ନାହିଁ । ତଥାପି ଏକଥା ଅସ୍ୱୀକାର କରିହେବ ନାହିଁ ଯେ, ଉତ୍ସାହ, ସାହସ ଓ ବୁଦ୍ଧିର ଥିବା ବ୍ୟକ୍ତି ଯଥାର୍ଥ ଚେଷ୍ଟା କଲେ ନିଜ ନିମନ୍ତେ ସୁଯୋଗ ଓ ସୁବିଧା ଖୋଜି ନେଇପାରିବ ।

ଏପରି ହେବାଦ୍ୱାରା ଜଗତରେ ଯେତେ ଯେଉଁଠାରେ ସୁଯୋଗ ଅଛି, ପ୍ରତ୍ୟେକ ଲୋକ ତାହା ନିଜ ସ୍ୱାର୍ଥ ନିମନ୍ତେ ଖୋଜି ବୁଲୁଛି । ସ୍ୱାର୍ଥଠାରୁ ବଡ଼ ଜିନିଷ ଜଗତରେ ନାହିଁ । ପ୍ରତ୍ୟେକ ଲୋକ ନିଜ ସ୍ୱାର୍ଥ ସିଦ୍ଧି ନିମନ୍ତେ ଯେତେ ପରିଶ୍ରମ ଓ ଉଦ୍ୟମ କରିପାରେ, ଅନ୍ୟ କୌଣସିପାଇଁ ସେ ଏତେ ଶ୍ରମ ସ୍ୱୀକାର କରିବାକୁ ସାଧାରଣତଃ ରାଜି ହେବ ନାହିଁ । ଅତଏବ ବ୍ୟବସାୟ-ଜଗତ୍‌ର ବର୍ତ୍ତମାନ ଯୁଗରେ ପ୍ରଧାନ ପ୍ରେରଣା ଆସୁଛି ପ୍ରତ୍ୟେକ ଲୋକର ବ୍ୟକ୍ତିଗତ ସ୍ୱାର୍ଥରୁ । ପ୍ରତ୍ୟେକ ଲୋକ ନିଜ ସ୍ୱାର୍ଥ ସିଦ୍ଧି କରିବାକୁ ଉଦ୍ୟମ କରିବାର ଅର୍ଥ ସମାଜର ସମଷ୍ଟି ସମସ୍ତଙ୍କର ସ୍ୱାର୍ଥ ବୃଦ୍ଧି କରିବା । ଫଳରେ ଏହାଦ୍ୱାରା ସମାଜର ସମସ୍ତ ଇଚ୍ଛା, ଆକାଙ୍କ୍ଷା ଓ ଅଭାବ ସୁବିଧାଜନକ ଉପାୟରେ ସିଦ୍ଧ ହେଉଅଛି । ଏ ବିଶାଳ ବ୍ୟବସାୟ-ରାଜ୍ୟକୁ କେହି ଯଦି

ଜଣେ ନିଯୁକ୍ତିତ କରନ୍ତା ଓ ସମାଜର ଅନ୍ୟମାନେ ଯଦି ତାର କଥା ମାନି ଖଣି ଖୋଳନ୍ତେ, ତେଲ ପେଡ଼ନ୍ତେ ବା ଲୁଗା ବୁଣନ୍ତେ, ତେବେ କାର୍ଯ୍ୟରେ ସେମାନଙ୍କର ଏତେ ଉନ୍ମାଦନା ଆସନ୍ତା ନାହିଁ । ଲୋକେ ନିଜ ଇଚ୍ଛାରେ ନିଜ ସ୍ୱାର୍ଥ ପାଇଁ ଯେତେ ଶ୍ରମ ସ୍ୱୀକାର କରିବାକୁ ରାଜି ହେବେ, ଅନ୍ୟର ଇଙ୍ଗିତରେ ସମାଜର ସମୂହ କଲ୍ୟାଣ ପାଇଁ ଏତେ ଶ୍ରମ ସ୍ୱୀକାର କରିବା ସମ୍ଭବପର ହେବ ନାହିଁ ।

ପ୍ରକୃତି ମନୁଷ୍ୟର ବ୍ୟବହାରଯୋଗ୍ୟ ଯେତେ ସାମଗ୍ରୀ ପୃଥିବୀରେ ସଜାଇ ରଖିଛି, ପ୍ରତ୍ୟେକ ଲୋକ ଧନିକ ସାହାଯ୍ୟରେ ସେଗୁଡ଼ିକୁ ନିଜର ଲାଭ ଆଶାରେ ବ୍ୟବସାୟରେ ଲଗାଇବାକୁ ଚେଷ୍ଟା କରିବା ଦ୍ୱାରା ମୋଟ ଉପରେ ସବୁ ଜିନିଷ ମଣିଷର କାର୍ଯ୍ୟୋପଯୋଗୀ ହୋଇ ଉଠୁଛି । ମଣିଷର ଚେଷ୍ଟାରେ ପୃଥିବୀର କେଉଁ ଅଜଣା କୋଣରେ ଥିବା କୋଇଲା, କିରାସିନି, ଲୁହା ଆଦି ଜିନିଷ ଆସି ସହର ବଜାରରେ ସମାଜର ବ୍ୟବହାର ନିମନ୍ତେ ଜମି ହେଉଛି । ଯେଉଁମାନେ ଏ ସବୁ ବ୍ୟବସାୟରେ ଲାଗିଛନ୍ତି, ସେମାନେ କେବଳ ନିଜର ଲାଭ ପାଇଁ । କିନ୍ତୁ ଫଳରେ ସମାଜର ସମସ୍ତ ଅଭାବ ଦୂର ହେଉଛି । ବହି ଦୋକାନୀ ବହି ବିକୁଛି ନିଜର ଲାଭ ପାଇଁ, ଗ୍ରନ୍ଥକାର ଗ୍ରନ୍ଥ ଲେଖୁଛି ନିଜର ଲାଭ ପାଇଁ, କିନ୍ତୁ ତା ଫଳରେ ତ ଛାତ୍ର ବା ପଠନେଚ୍ଛୁ ଲୋକର ପଢ଼ିବାର ତୃଷ୍ଣା ପୂର୍ଣ୍ଣ ହେଉଛି । ଚାଷୀ ଚାଷ କରୁଛି ନିଜର ଲାଭ ପାଇଁ; କିନ୍ତୁ ପ୍ରତ୍ୟେକ ଚାଷୀ ଏପରି କରିବାରେ ତ ପ୍ରତ୍ୟେକ ଜମିରେ ଚାଷ ହେଉଛି ଓ ପ୍ରତ୍ୟେକ ଲୋକର ଖାଦ୍ୟଲିପ୍ସା ଚରିତାର୍ଥ ହେଉଛି । ଯଦି ଚାଷୀ ନିଜର ଜୀବିକାପାଇଁ ଚାଷ ନ କରି ସମାଜର ଇଙ୍ଗିତରେ ପରୋପକାର ନିମନ୍ତେ ଚାଷ କରନ୍ତା କିମ୍ବା ବହି ଦୋକାନୀ ଯଦି ବିନା ଲାଭରେ କେବଳ ସମାଜର ହିତ ପାଇଁ ବହି ବିକନ୍ତା, ତେବେ ହୁଏ ତ ସମାଜର ବ୍ୟବହାର ପାଇଁ ଏତେ ଫସଲ ଓ ଏତେ ବହି ମିଳନ୍ତା ନାହିଁ ।

ବର୍ତ୍ତମାନ ଯୁଗରେ ପୁଞ୍ଜିପତି ଯେପରି ବ୍ୟବସାୟରୁ ଲାଭ ଉଠାଏ, କ୍ଷତି ହେଲେ ସେଇ ସହେ । ତା ଲାଗି ସମାଜ ଭ୍ରୂକ୍ଷେପ କରେ ନାହିଁ । ପ୍ରତ୍ୟେକ ବ୍ୟବସାୟରେ ହାନି ଓ ଲାଭ ଉଭୟ ଅଛି । ଲାଭ ପାଇଁ ସମସ୍ତେ ବ୍ୟବସାୟ କରନ୍ତି, ସମାଜକୁ ଜିନଷ ଯୋଗାଇବା ପାଇଁ ରାତିଦିନ ଅକ୍ଲାନ୍ତ ପରିଶ୍ରମ କରନ୍ତି; କିନ୍ତୁ ବ୍ୟବସାୟରେ କ୍ଷତି ହେଲେ ସମାଜ କଣ ତାଙ୍କୁ 'ଅଦ୍ଧା' କରେ ? ମୋଟ ଉପରେ ସମାଜରେ ପ୍ରତ୍ୟେକ ଲୋକର ବ୍ୟାବସାୟିକ ସ୍ୱାଧୀନତା ଥିବା ହେତୁରୁ ଯେ କ୍ଷତି ସହିବାକୁ ପ୍ରସ୍ତୁତ ଥାଏ, ଲାଭ କେବଳ ସେହି ପାଏ । ଏପରି ବ୍ୟବସାୟ ନ ହୋଇ ଯଦି ସମାଜର ନିର୍ଦ୍ଦେଶମତେ ସମାଜର ଇଙ୍ଗିତରେ ବ୍ୟବସାୟ କରା ହେଉଥାନ୍ତା, ତେବେ କ୍ଷତିବେଳେ କାଏ ପିଠିରେ ପଡ଼ନ୍ତା ?

•

ବର୍ତ୍ତମାନ ସମାଜ ଯେପରି କି ବ୍ୟବସାୟୀମାନଙ୍କୁ କହିଦେଉଛି, "ବାବା, ସ୍ୱଚ୍ଛନ୍ଦରେ ବ୍ୟବସାୟ କର, ଆମ୍ଭର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଜିନଷ ଯୋଗାଅ, ଲାଭ ହେଲେ ତୁମର, କ୍ଷତି ହେଲେ ତୁମର । ତୁମର କ୍ଷତି ଲାଭ ବିଷୟରେ ଆମେ ମୁଣ୍ଡ ଘୁରାଇବୁଁ ନାହିଁ ।" ସମାଜ ଏତିକି କହି ନିଶ୍ଚିନ୍ତ ରହେ । ବ୍ୟବସାୟୀ ଖଟି ମରେ । ଆଜ ଦେଶରେ ଦୁର୍ଭିକ୍ଷ—ଚାଉଳ ନାହିଁ । ବ୍ୟବସାୟୀ ଦେଖିଲା ଯେ ବଙ୍ଗଳାରୁ ଚାଉଳ ଆଣିପାରିଲେ ତାର ବହୁତ ଲାଭ ହେବ । ସେ ରାତିଦିନ ଧାଇଁ, ରେଲରେ ଡଙ୍ଗାରେ ଯାଇ, ଶଗଡ଼ରେ ଗାଁ ଗାଁ ବୁଲି, ବଙ୍ଗଳାର କେଉଁ ଗାଁ ଗହଳରୁ ଧାନ ଚାଉଳ ଯୋଗାଡ଼ କଲା । କାହାକୁ ଲାଞ୍ଚ ଦେଇ, କାହାକୁ ମିଛ କହି, କେଉଁଠି ଥାନାରେ ଅଟକ ରହି, ରାତି ରାତି ଚାଉଳ ଦଶ ଶଗଡ଼ ନେଇ ଆସିଲା । ସବୁ ଲାଭ ପାଇଁ । କିନ୍ତୁ ଲୋକେ ନିଶ୍ଚିନ୍ତରେ ଶୋଇ ରହିଲେ, ଚାଉଳ ଆସି ପହଞ୍ଚିଲା ତ କିଣିନେଲେ ।

ଅବଶ୍ୟ ଅତିରିକ୍ତ ଲାଭ ନେବା ଦୋଷରେ ତାକୁ ଅନେକ ସମୟରେ ଚୋର, ହୃଦୟହୀନ, ମୁନାଫାଖୋର ଆଦି ଗାଳି ଶୁଣିବାକୁ ପଡ଼େ । ତଥାପି ବିଚାର କରି ବୁଝିଲେ ଜଣାଯିବ ଯେ, ସେ ବଟସ୍ତ

ଅକ୍ଳାନ୍ତ ପରିଶ୍ରମ କରି ସମାଜ ନିଶ୍ଚିନ୍ତ ହୋଇ ଶୋଇଥିବାବେଳେ ଧନପତି ଧାଇଁ ଧପୁଡ଼ି ଯଥାସମୟରେ ଜିନିଷ ଆଣି ପହଞ୍ଚାଇଛି ।

ପକ୍ଷାନ୍ତରେ ଦେଖ, ଯେତେବେଳେ ସମାଜ ପକ୍ଷରୁ ଫସଲର ବିହନ ବଣ୍ଟାହୁଏ, ଅଧିକାଂଶ ସମୟରେ ବୁଣା ସମୟ ବିତିଯିବା ପରେ ତାହା ଚାଷୀମାନଙ୍କୁ ମିଳେ । ସେତେବେଳେ ଚାଷୀ ଅଧିକ ଦାମରେ ହେଲେ ମଧ୍ୟ ବଜାରର ବେପାରୀଠାରୁ ବିହନ କିଣି ଗୁଜରାଣ ଚଳାଏ । ଏପରି ହେବା ଦ୍ୱାରା ସୁବିଧା ଏତିକି ହୁଏ ଯେ, ସମାଜ ବା ସରକାର ଲାଭକ୍ଷତିର ଚିନ୍ତା ମୁଣ୍ଡାନ୍ତି ନାହିଁ । କ୍ଷତି ସହିବାକୁ ଯେ ପ୍ରସ୍ତୁତ, ସେଇ କେବଳ ଲାଭରେ ହକ୍‌ଦାର ହୁଏ ।

ପୁନଶ୍ଚ ପୁଞ୍ଜିବାଦର ଆଉ ଏକ ସୁବିଧା ଯେ, ଖୁବ୍ ଛୋଟଠାରୁ ଖୁବ୍ ବଡ଼—ଦୁଇ ଟଙ୍କା ମୂଳଧନର ପାନ ଦୋକାନଠାରୁ ଦୁଇକୋଟି ମୂଳଧନର ଲୁହା କୋମ୍ପାନୀ ଯାଏ, ସବୁ ଧରଣର ବ୍ୟବସାୟ ଏଥିରେ ସମ୍ଭବ ।

ତୁମେ ଯେତିକି ଇଚ୍ଛା ସେତିକି ବ୍ୟବସାୟ କରିପାର । ତୁମେ ଏକାକୀ ଦୋକାନ ଖଣ୍ଡିଏ କରିପାର, ଦୁଇ ଜଣ ମିଶି କରିପାର, କମ୍ପାନୀଟିଏ ଗଢ଼ି କରିପାର କିମ୍ବା ଦଶଟି କମ୍ପାନୀ ଗଢ଼ି ସେଥିରେ ତୁମର କର୍ତ୍ତୃତ୍ୱ ପୁରାପୁରି ରଖିପାର । ତୁମେ ସମବାୟ ବିଭାଗ ଜରିଆରେ କୋ-ଅପରେଟିଭ୍ ବ୍ୟବସାୟ କରିପାର, ବଣିକସଂଘ ବା ଶ୍ରମିକସଂଘ ଗଢ଼ି ଯେତେ ପ୍ରକାର ନୂଆ ଯୋଜନା କରିପାର—ଲାଭ ତୁମର, କ୍ଷତି ତୁମର । ସମାଜକୁ ଯେତେବେଳଯାଏ ତୁମେ ସେ ଚିନ୍ତାରେ ଜଡ଼ିତ ନ କରିଛ, ସେତେବେଳଯାଏ କେହି ତୁମର ବ୍ୟବସାୟ ପଦ୍ଧତିରେ ବାଧା ଦେବ ନାହିଁ ।

ସରକାର ଯଦି ପୁଞ୍ଜିବାଦ ପଦ୍ଧତିରେ ବ୍ୟବସାୟ କରିବସନ୍ତି ( ଯଥା :—ସରକାରୀ ରେଲକମ୍ପାନୀ, ସରକାରୀ ଡାକ ବ୍ୟବସାୟ ) ତେବେ ମଧ୍ୟ ଏଥିରେ ବାଧା ନାହିଁ । ଅର୍ଥାତ୍ ପୁଞ୍ଜିବାଦ

ପଦ୍ଧତିରେ ପ୍ରଗତିର ପଥ ସବୁବେଳେ ଉନ୍ମୁକ୍ତ । ପକ୍ଷାନ୍ତରେ ସମାଜ ଯଦି ସମସ୍ତ ବ୍ୟବସାୟ-ବାଣିଜ୍ୟକୁ ନିୟନ୍ତ୍ରିତ କରନ୍ତା, ପ୍ରଗତିର ପଥ ଏତେ ସୁଗମ ହୁଅନ୍ତା ନାହିଁ, ଗୋଟିଏ ଯୋଜନା ନେଇ ସମସ୍ତଙ୍କୁ ଚଳିବାକୁ ହୁଅନ୍ତା ।

## —ଦୁଇ—

ପୁଞ୍ଜିବାଦ ପଦ୍ଧତିରେ କଳକାରଖାନାର ଅଦ୍ଭୁତ ବଢ଼ିଯିବା ଫଳରେ ମନୁଷ୍ୟ ଓ କଳକାରଖାନା ମଧ୍ୟରେ ଶ୍ରମର ବିଭାଗ ହୋଇ ଖୁବ୍ ଶସ୍ତାରେ ଜିନିଷପତ୍ର ଉତ୍ପନ୍ନ ହୁଏ ।

ପ୍ରତ୍ୟେକ ଲୋକ, ପ୍ରତ୍ୟେକ କାରଖାନା ଦିନରାତି ଉଦ୍ୟମ କରନ୍ତି, କିପରି ଅନ୍ୟଠାରୁ ଶସ୍ତାରେ ସେମାନେ ନୂଆ ନୂଆ ଧରଣର ଜିନିଷ ତିଆରି କରିପାରିବେ । ସବୁବେଳେ ନୂଆ ନୂଆ ଧରଣର ଉନ୍ନତ କଳକାରଖାନା ନିୟୋଗ କରି ସମାଜକୁ ଶସ୍ତା ସୁନ୍ଦର ଜିନିଷ ଯେ ଯୋଗାଇପାରିବ, ତାହାରିହିଁ ସବୁଠାରୁ ବେଶି ଲାଭ ହେବ । ଯୁଦ୍ଧ ପୂର୍ବରୁ ଜାପାନୀମାନେ ଏ ଦେଶକୁ ଶସ୍ତା ଜିନିଷ ଯୋଗାଇ କିପରି ଲାଭବାନ୍ ହୋଇଥିଲେ ଏହା ସମସ୍ତଙ୍କୁ ଜଣା ଥିବ । ବଜାରରେ ଗ୍ରାହକ ପାଇବାପାଇଁ ପୂର୍ଣ୍ଣ ପ୍ରତିଯୋଗିତା ନ ଥିଲେ, ଏତେ ଶସ୍ତାରେ ଜିନିଷ ମିଳନ୍ତା ନାହିଁ । ସବୁ ବ୍ୟବସାୟୀଙ୍କର ଭୟ, କାଳେ ତାଙ୍କ ଜିନିଷ ବଜାରରେ ନ କଟିବ, କାଳେ ତାଙ୍କଠାରୁ ଅଳ୍ପ ଶସ୍ତାରେ କିଏ ଜିନିଷ ଯୋଗାଇ ଦେଇ ବେଶି ଲାଭ ଉଠାଇନେବ । ବଜାରରେ ଏହିପରି ପ୍ରତିଯୋଗିତା ହେବା ଫଳରେ ସମାଜର ଲୋକମାନେ ଯେତେ ଶସ୍ତାରେ ଜିନିଷ ପାଇପାରିବା କଥା, ସେତେ ଶସ୍ତାରେ ପାଆନ୍ତି ।

ପକ୍ଷାନ୍ତରେ ମଣିଷ ମଣିଷ ମଧ୍ୟରେ, ମଣିଷ ଓ କଳକାରଖାନା ମଧ୍ୟରେ ଶ୍ରମବିଭାଗ ହେବା ଦ୍ୱାରା ବ୍ୟବସାୟୀମାନେ ତାଙ୍କର ବ୍ୟୟସଙ୍କୋଚ କରି ଅଳ୍ପ ମୂଲ୍ୟରେ ଜିନିଷପତ୍ର ଉତ୍ପନ୍ନ କରିବାକୁ ମଧ୍ୟ ସମର୍ଥ ହୁଅନ୍ତି ।

ଏହା ସମସ୍ତଙ୍କୁ ଜଣା ଯେ, ଯେଉଁ ବ୍ୟବସାୟରେ ପୂର୍ଣ୍ଣ ପ୍ରତିଯୋଗିତା ଥାଏ, ସେଠାରେ ଜିନିଷପତ୍ର ଖୁବ୍ ଶସ୍ତାରେ ମିଳେ। ମଟରବାଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଲେ ମଟର ଭଡ଼ା ଶସ୍ତା ହୋଇଯିବାର ଅନୁଭୂତି ଓଡ଼ିଶାରେ ବହୁତ ଲୋକଙ୍କର ଥିବ । ମାଛ ଧରାବା ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଯେଉଁ ଦିନ ଲାଗିଯାଏ, ସେ ଦିନ କଟକ ବଜାରରେ ଖୁବ୍ ଶସ୍ତାରେ ମାଛ ମିଳେ । ତେଣୁ ବୁଝିବାକୁ ହେବ ଯେ, ପୁଞ୍ଜିବାଦ ପଦ୍ଧତିରେ ପୂର୍ଣ୍ଣ ପ୍ରତିଯୋଗିତା ସମ୍ଭବ ହେଉଥିବାରୁ ଜିନିଷପତ୍ର ଯେତେ ଶସ୍ତାରେ ମିଳିପାରେ ଅନ୍ୟ କୌଣସି ପଦ୍ଧତିରେ ଏତେ ଶସ୍ତାରେ ମିଳନ୍ତା ନାହିଁ ।

କିପରି କଲେ ଜିନିଷ ଶସ୍ତାରେ ମିଳିବ, ଏଥିଲାଗି ପୁଞ୍ଜିପତିମାନଙ୍କ ମଧ୍ୟରେ ସବୁବେଳେ ପ୍ରତିଯୋଗିତା ଓ ଚେଷ୍ଟା ଲାଗି ରହିଛି । ବଡ଼ ବଡ଼ କଳ କାରଖାନାମାନ ତିଆରି କରିବାର ଉପକାରିତା ଏହିଠାରେ । ଖୁବ୍ ବଡ଼ କଳଟିଏ ଚବିଶ ଘଣ୍ଟା କାମ କଲେ ଯେତେ ଜିନିଷ ଉତ୍ପନ୍ନ କରିପାରିବ, ମଣିଷ ନିଜ ହାତରେ ବା ଛୋଟ କଳ ସାହାଯ୍ୟରେ ଏତେ ଶସ୍ତାରେ ଜିନିଷ କେବେହେଲେ ପ୍ରସ୍ତୁତ କରିପାରିବ ନାହିଁ । ଢିଙ୍କିକୁଟା ଚାଉଳ କଳକୁଟା ଚାଉଳଠାରୁ କେବେହେଲେ ଶସ୍ତା ହୋଇପାରିବ ନାହିଁ ବା ହାତବୁଣା ଲୁଗା କଳଲୁଗାଠାରୁ କେବେ ହେଲେ ଶସ୍ତା ହୋଇପାରିବ ନାହିଁ । ମଣିଷର ହାତ କ୍ଲାନ୍ତ ହୋଇ ପଡ଼ିପାରେ, ମାତ୍ର କଳ ତ ଆଉ ଶୋଇବ ନାହିଁ । 'ଦାରୁମୟ ପୁମାନ୍' ପରି ସେ ଦିନରାତି ଚାଲିଥିବ; କେବଳ ବନ୍ଦ କଲେ ବନ୍ଦ ହେବ ।

ପୁଣି କୋଇଲା-ଚାଳିତ କଳଠାରୁ ତେଲ-ଚାଳିତ କଳ ଶସ୍ତା । ତେଲ-ଚାଳିତ କଳଠାରୁ ବିଜୁଳି-ଚାଳିତ କଳ ଶସ୍ତା ଓ ତାଠାରୁ ଜଳବିଦ୍ୟୁତ୍ ଚାଳିତ କଳ ଅଧିକ ଶସ୍ତା ଜିନିଷ ଉତ୍ପନ୍ନ କରେ । ବ୍ୟବସାୟୀମାନେ ପ୍ରତିଯୋଗିତାମୂଳକ ବ୍ୟବସ୍ଥାରେ ସ୍ୱାଧୀନ ଭାବରେ କାର୍ଯ୍ୟ କରୁଥିବାରୁ ଯେଉଁ ବାଟରେ ଶସ୍ତା ଜିନିଷ ତିଆରି କରିହେବ,

ଆଗରୁ ସତର୍କ କରାଇ ଦିଅନ୍ତି ଯେ ଦେଖ, ଅମୁକ କମ୍ପାନୀର ଭବିଷ୍ୟତ ଭଲ ନୁହେଁ; ତେଣୁ ଲୋକେ ବିପଦ ପଡ଼ିବା ଆଗରୁ ସାବଧାନ ହୋଇଯାଆନ୍ତି । ଅଥବା କେଉଁ ଜିନିଷର ଦାମ ଭବିଷ୍ୟତକୁ ବଢିବ ବା କେଉଁ ଜିନିଷର ଦାମ ଭବିଷ୍ୟତକୁ କମିବ—ଦଲାଲମାନେ ଏ ବିଷୟରେ ଦେଶବାସୀଙ୍କୁ ଓ ଏପରିକି ବ୍ୟବସାୟୀମାନଙ୍କୁ ସୂଚନା ଦିଅନ୍ତି । କୌଣସି ଜିନିଷର ଦାମ ବଢ଼ିବାର ଜାଣିଲେ ବ୍ୟବସାୟୀମାନେ ସେଥିରେ ବେଶୀ ଟଙ୍କା ଖଟାନ୍ତି, ଫଳରେ କାଳକ୍ରମେ ଉକ୍ତ ଜିନିଷର ଦାମ ଯେତେ ବଢ଼ନ୍ତା ସେତେ ବଢ଼େ ନାହିଁ । ସେହିପରି କୌଣସି ଜିନିଷର ଦାମ କମିବାର ହେଲେ, ଛୋଟ ଛୋଟ ବ୍ୟବସାୟୀ ସେ ବେପାରରୁ ବାହାରିଯାନ୍ତି । ଫଳରେ ଜିନିଷର ଦାମ ଯେତେ କମିବାର ଆଶଙ୍କା, ସେତେ କମେ ନାହିଁ ।

ଆଉ ଏକପ୍ରକାର ଦଲାଲ ଅଛନ୍ତି, ଯେଉଁମାନେ କି ଫସଲ କିଣାବିକାର ବନ୍ଦୋବସ୍ତ କରନ୍ତି । ମନେକର ଆମେରିକାରେ ଫୋର୍ଡ଼ କମ୍ପାନୀର ଲକ୍ଷ ଲକ୍ଷ ଶ୍ରମିକଙ୍କୁ ବର୍ଷସାରା ଖାଦ୍ୟ ଯୋଗାଇବା ପାଇଁ ଜଣେ ଲୋକ ଠିକା ନେଲା; ଦର ମଧ୍ୟ ଆଗରୁ ଧାର୍ଯ୍ୟ ହୋଇଗଲା । ସେ ଭାବିଲା, ଯଦି ଏ ବର୍ଷ ମଧ୍ୟରେ ଦର କମିଯାଏ, ତେବେ ତ ମୁଁ ବର୍ଷସାରା ଅଧିକ ଲାଭ ଉଠାଇବି; କିନ୍ତୁ ଯଦି ଦର ବଢ଼ିଗଲା, ମୋର ତ ବହୁତ ଲୋକସାନ ହେବ । ତେଣୁ ସେ ସବୁ ଦେଶର ଦଲାଲମାନଙ୍କୁ ଖବର ଦେଲା, ଯେଉଁ ଦେଶରେ ଏତେ ଦରରୁ କମରେ ଚାଉଳ ବା ଗହମ ମିଳିବ, ମୋତେ ଆର ବର୍ଷପାଇଁ ଏତେ ଲକ୍ଷ ମହଣ କିଣାଇଦିଅ ।

ତେଣେ ଦେଖ, ଜଣେ ବଡ଼ ଚାଷୀ ପଞ୍ଜାବରେ ଜଳସେଚନର ବ୍ୟବସ୍ଥା ହେବା ଫଳରେ ବହୁତ ବ୍ୟୟ କରି ଦଶହଜାର ଏକର ଜମିରେ ଧାନ ଓ ଗହମ ଫସଲ କରୁଛି । ତାର ଖର୍ଚ୍ଚକୁ ଚାହିଁ ସେ ଭାବୁଛି, ଏତେ ଦରରୁ କମ ହେଲେ ତ ମୋତେ

ପୋଷାଇବ ନାହିଁ, ମୁଁ କାହିଁକି ଖର୍ଚ୍ଚାନ୍ତ ହେବି ? ସେ ଦଲାଲମାନଙ୍କୁ ଖବର ଦେଲା, ଆସନ୍ତା ବର୍ଷ ଏତେ ଟଙ୍କାଠାରୁ ବେଶି ଦରରେ ଯଦି କେହି ଚାଉଳ ବା ଗହମ କିଣିବାକୁ ଲୋଡ଼ିବ, ତେବେ ମୋର ଏତେ ଲକ୍ଷ ମହଣ ଚାଉଳ ବା ଗହମ ବିକ୍ରୀ କରାଇ ଦେବାର ବ୍ୟବସ୍ଥା କର ।

ଦଲାଲ ତାର ଅଫିସରେ ବସି ଦୁଇ ଅକ୍ଷର ଖବର ପାଇ, ପଞ୍ଜାବ ଲୋକର ଧାନ ଓ ଗହମ ଆମେରିକା ଲୋକକୁ ବିକି ଦେଲା; ଉଭୟ ଦିଗରୁ କମିଶନ ପାଇଲା ।

ଏଥିରେ ସମାଜର କି ଉପକାର ହେଲା ? ପ୍ରଥମତଃ ପଞ୍ଜାବର କୃଷୀ ନିର୍ଦ୍ଦିଷ୍ଟ ଲାଭ ଆଶାରେ ଫସଲରେ ଲାଗିଲା । ଏ ଆଶା ନ ପାଇଥିଲେ ସେ ହୁଏ ତ କୃଷି କରି ନ ଥାନ୍ତା । ଦ୍ୱିତୀୟରେ ଆମେରିକାର କୂଲିମାନଙ୍କର ଧାରାବାହିକ ଖାଇବାର ଦର ବର୍ଷକପାଇଁ ନିଶ୍ଚିତ ହୋଇଗଲା । ଫୋର୍ଡ କମ୍ପାନୀର ମାଲିକମାନେ ସେ ଦିଗରେ ନିଶ୍ଚିନ୍ତ ରହିଲେ ଓ ଠିକାଦାର ମଧ୍ୟ ନିଶ୍ଚିନ୍ତ ରହିଲା । ତୃତୀୟରେ ବର୍ଷ ଆଗରୁ ଏ ଦରଧାର୍ଯ୍ୟ କାର୍ଯ୍ୟ ଦଲାଲମାନେ କରିଦେବାରୁ ହଠାତ୍ ଦର ବଢ଼ିଯାଇ ବା କମିଯାଇ ଦେଶରେ ଯେଉଁ ଅନିଶ୍ଚିତ ପରିସ୍ଥିତି ହୁଅନ୍ତା ତାହା ଆଉ ଘଟିବାର ସୁଯୋଗ ରହିଲା ନାହିଁ । ଅବଶ୍ୟ ଦଲାଲମାନେ ନିଜ ଲାଭପାଇଁ ପରିଶ୍ରମ କଲେ, କିନ୍ତୁ ସମାଜର ମଧ୍ୟ ଉପକାର ହେଲା ।

ବ୍ୟବସାୟରେ ବ୍ୟୟ ସଂକୋଚ କରିବାପାଇଁ ବ୍ୟବସାୟୀମାନେ ଆହୁରି ଅନେକ ପ୍ରକାର ପନ୍ଥା ଅନୁସରଣ କରନ୍ତି ।

କଳଦ୍ୱାରା କାମ କଲେ କାର୍ଯ୍ୟ ଶସ୍ତାରେ ହୁଏ ବୋଲି ତ ଆଗରୁ କୁହାଯାଇଛି । ଏବେ ପୁଣି ଉକ୍ତ କଳସବୁ କିପରି ଶସ୍ତାରେ ତିଆରି, ସେଥି ନିମନ୍ତେ ସେହି କଳସବୁ ପୁଣି ବଡ଼ ବଡ଼ କଳ ସାହାଯ୍ୟରେ

ପ୍ରସ୍ତୁତ କରାହେଉଛି । ଏହା ଫଳରେ କଳଗୁଡ଼ିକ ତ ଶସ୍ତାରେ ମିଳୁଛି; ତା ଛଡ଼ା ପ୍ରତ୍ୟେକଟି କଳତିଆରି ହୋଇଥିବାରୁ ତାହାର ଆକାର, ପରିସର, ଓଜନ ଏପରିକି ଅଙ୍ଗ ପ୍ରତ୍ୟଙ୍ଗ, ପେଚ, କବଜା ସୁଦ୍ଧା ଠିକ୍ ଏକ ପ୍ରକାରର ହେଉଛି । ତେଣୁ ପେଚଟିଏ କି କଳର ଗୋଟିଏ ଅଙ୍ଗ ଭାଙ୍ଗିଗଲେ କି ନଷ୍ଟ ହୋଇଗଲେ, ତାହା ବଦଳାଇବା ପାଇଁ ପୁଣି କଳ କିଣା ଯାଇଥିବା କମ୍ପାନୀକୁ ଲେଖିବାକୁ ପଡ଼ୁ ନାହିଁ । ବଜାରରେ ମିଳୁଥିବା ଯେ କୌଣସି କମ୍ପାନୀ ତିଆରି ସେହିପରି ପେଚଟିଏ, କବ୍ଜାଟିଏ କିମ୍ବା କଳର ଅଙ୍ଗ ପ୍ରତ୍ୟଙ୍ଗଟିଏ କିଣି ଆଣିଲେ ତାହା ଉକ୍ତ କଳର ଉକ୍ତ ଜାଗାରେ ଠିକ୍ ଫିଟ୍ ହୋଇ ଯାଉଛି; ସୁତାଏ ହେଲେ ତାରତମ୍ୟ ହେବାର ଜୁ ନାହିଁ । ଟିକିଏ ତାରତମ୍ୟ ହେଉଥିଲେ, କଳକବ୍ଜା ଆଉ ଚଳନ୍ତା ନାହିଁ ଓ କାମ ଅନେକ ଦିନଯାଏ ବନ୍ଦ ହୋଇଯାନ୍ତା ।

ଏହାଦ୍ୱାରା ଆହୁରି ଏକ ଲାଭ ହେଉଛି ଯେ, ଗୋଟିଏ କମ୍ପାନୀ ଯଦି କଳ ତିଆରି କଲା, ଆଉ ଗୋଟିଏ ଛୋଟ କମ୍ପାନୀ ବା କେତେଗୁଡ଼ିଏ ଛୋଟ ଛୋଟ କମ୍ପାନୀ ଉକ୍ତ କଳର ଅଙ୍ଗ ପ୍ରତ୍ୟଙ୍ଗ ତିଆରି କରିବାରେ ଲାଗିଗଲେ । ଫଳରେ ଏ ଦିଗରେ ମଧ୍ୟ ନୂତନ ରକମର ଶ୍ରମବିଭାଗ ହେଲା ଓ ତା ଫଳରେ ଶସ୍ତାରେ ଜିନିଷ ତିଆରି ହୋଇପାରିଲା ।

ପୁଞ୍ଜିବାଦ ଯୁଗର ଆଉ ଗୋଟିଏ ଲକ୍ଷଣ ଯେ, ଯେଉଁଠାରେ ଗୋଟିଏ କାରଖାନା ଖୋଲାଯାଏ, ସେଠାରେ ଅନ୍ୟ କଳକାରଖାନା ସୁବିଧାରେ ହୋଇପାରେ ।

ଭାରତର ଅଧିକାଂଶ କଳକାରଖାନା କଲିକତା, ବମ୍ବାଇ, ଦିଲ୍ଲୀ, କାନପୁର, ଯାମସେଦପୁର ସହରରେ ଅବସ୍ଥିତ । କାହିଁକି ଏହି ସହରମାନଙ୍କରେ କଳକାରଖାନା ବେଶି ହୋଇଛି ଓ ଅନ୍ୟ ସ୍ଥାନମାନଙ୍କରେ ଅଳ୍ପ ଅଛି, ଏହାର ବିଶେଷ କାରଣ ଅଛି ।

ଯେଉଁ ସ୍ଥାନମାନଙ୍କରେ କଞ୍ଚାମାଲ ଓ ଶକ୍ତି ଏକା ଜାଗାରେ ମିଳେ, ସେଠାରେ ସୁବିଧାରେ କାରଖାନା ହୋଇପାରେ । ଅଧିକାଂଶ କଳ କୋଇଲାରେ ଚାଲେ । କୋଇଲା ଭାରି ପଦାର୍ଥ । ତାକୁ ବୋହି ନେବାପାଇଁ ବହୁତ ଖର୍ଚ୍ଚ ଲାଗେ । କୋଇଲାଖଣି ଠାରୁ ବହୁ ଦୂରରେ କଳକାରଖାନା କଲେ ଖର୍ଚ୍ଚା ବଢ଼ିଯିବ ଓ ତାହାହେଲେ ଜିନିଷର ଦାମ ବଢିଯିବ । ସେହିପରି କଞ୍ଚାମାଲଠାରୁ ଦୂରରେ କାରଖାନା କଲେ କଞ୍ଚାମାଲ ଗୁଡ଼ିକୁ ବୋହିବାର ଖର୍ଚ୍ଚ ମଧ୍ୟ ବଢ଼ିଯିବ । ତେଣୁ ଏପରି ଜାଗାରେ ବ୍ୟବସାୟ ହୁଏ, ଯେଉଁଠାରେ ଉଭୟକୁ ସୁବିଧା ହେବ । ଯାମସେଦପୁରର ଲୁହା କାରଖାନା ସେହି ଦୃଷ୍ଟିରୁ ଲୁହାଖଣି ଓ କୋଇଲାଖଣିର ନିକଟରେ ଅବସ୍ଥିତ ।

କଲିକତାର ଯୋଟ କାରଖାନା ମଧ୍ୟ ଯୋଟ ଅଞ୍ଚଳର ମଧ୍ୟରେ । କୋଇଲା କଲିକତାକୁ ଆସିବାକୁ ବେଶି ଖର୍ଚ୍ଚ ପଡ଼େ ନାହିଁ ।

ଲୁଗାକଳ ଅଧିକାଂଶ ବମ୍ବାଇରେ । କାରଣ ବମ୍ବାଇ ନିକଟରେ ତୁଳା ବେଶି ହୁଏ ଓ ଜଳ ବିଦ୍ୟୁତ୍‌ଶକ୍ତି ସେଠାରେ ଶସ୍ତା । ଦକ୍ଷିଣ ଅଫ୍ରିକା ଓ ବଙ୍ଗଳାରୁ ସେଠାକୁ ସହଜରେ କୋଇଲା ଆସେ । କୋଇଲା ଜାହାଜରେ ଆସିବାକୁ ବେଶି ଭଡ଼ା ଲାଗେ ନାହିଁ । କାରଣ ଜାହାଜର ମାଲିକମାନେ ଜାହାଜ ତଳେ କେତେକ ଭାରି ଜିନିଷ ନ ଆଣିଲେ ଜାହାଜଟା ମଙ୍ଗ ପର୍ଯ୍ୟନ୍ତ ବୁଡ଼ି ରହିବ ନାହିଁ ଓ ତାହା ନୋହିଲେ ଚାଲିବା ସମୟରେ ଅଧିକ ହଲିବ । କୋଇଲା ଏହିପରି ଅତ୍ୟାବଶ୍ୟକ କାରଣରେ ଜାହାଜରେ ବୋଝାଇ ହେଉଥିବାରୁ ସେଥିପାଇଁ ଭଡ଼ା କମ୍ ଲାଗେ ।

ବାଉଁଶ ନିକଟରେ ମିଳିବା ହେତୁ ଆମ ଓଡ଼ିଶାର ସମ୍ବଲପୁରରେ କାଗଜ କଳ ସୁବିଧାରେ ହୋଇପାରିଛି ।

ଗୋଟିଏ ଜାଗାରେ ଉପର୍ଯ୍ୟୁକ୍ତ କୌଣସି କାରଣରୁ ଗୋଟିଏ ବଡ଼ ଧରଣର କାରଖାନା ବସିଲେ, ଅନ୍ୟ ଛୋଟ ଛୋଟ କାରଖାନା ତା ଚାରିଆଡ଼େ ହୋଇଉଠେ । କାରଣ, ବଡ଼ କାରଖାନା ଯେଉଁ ଜିନିଷଗୁଡ଼ିକ ଫିଙ୍ଗିଦିଏ, ସେଗୁଡ଼ିକୁ କାର୍ଯ୍ୟରେ ଲଗାଇ ସାନ କାରଖାନାଟିଏ ଚାଲିପାରେ । ପୁଣି ଯେଉଁଠାରେ ବଡ଼ କାରଖାନାଟିଏ ଥାଏ, ସେଠାରେ କୁଲି ମିଳିବାରେ କଷ୍ଟ ପଡ଼େ ନାହିଁ, କାରଣ ଗାଁ ଗହଳରୁ ଅନେକ ଲୋକ ସେଠାକୁ କାମ ପାଇଁ ଯାଆନ୍ତି । ବିଶେଷଜ୍ଞମାନଙ୍କର ମଧ୍ୟ ଅଭାବ ସେଠି ହୁଏ ନାହିଁ । ବଡ଼ କାରଖାନାର ବିଶେଷଜ୍ଞମାନଙ୍କଠାରୁ ମଧ୍ୟ ଛୋଟ କାରଖାନାର ମାଲିକ ଅଳ୍ପ ବ୍ୟୟରେ ପଚାରି ବୁଝି କାର୍ଯ୍ୟ କରିପାରେ । ପୁଣି ବଡ଼ କାରଖାନାର ପ୍ରୟୋଜନୀୟ ଜିନିଷ ଯୋଗାଇବାପାଇଁ ମଧ୍ୟ କେତୋଟି ଛୋଟ କାରଖାନା ଚାଲିପାରେ ।

ଏହି ସବୁ କାରଣରୁ ବଡ଼ ବଡ଼ ସହରମାନ କ୍ରମେ କ୍ରମେ କଳକାରଖାନାରେ ଭରି ଉଠେ । ଏ ସବୁର କିନ୍ତୁ ଉଦ୍ଦେଶ୍ୟ ଏକ — ସମାଜକୁ ଯେତେଦୂର ସମ୍ଭବ ଶସ୍ତାରେ ଜିନିଷ ଯୋଗାଇବା ।

ବଡ଼ ବଡ଼ ଜାଗାମାନଙ୍କରେ ଆଜିକାଲି ଶ୍ରମବିଭାଗର ପଦ୍ଧତି ଏତେ ଉନ୍ନତ ହେଲାଣି ଯେ, କୁଲିମାନେ କୋଡ଼ିଠାରୁ କେଉଁ ଅଙ୍ଗକୁ କେଉଁ ଅଙ୍ଗକୁ କେତେ ଜୋରରେ କେତେ ଦୂରଯାଏଁ ଚଲାଇବେ, ସେଗୁଡ଼ିକ ମଧ୍ୟ ଆଗରୁ ବିଶେଷଜ୍ଞମାନେ ସ୍ଥିର କରନ୍ତି । ଯେପରି କଲେ ସବୁଠାରୁ ଶୀଘ୍ର ଓ ଅଳ୍ପ ପରିଶ୍ରମରେ କାର୍ଯ୍ୟ ହୋଇପାରିବ, ତାହା ଆଗରୁ ସ୍ଥିର ହୋଇ ପ୍ରତ୍ୟେକ କର୍ମୀର କାର୍ଡରେ ଲେଖା ହୋଇ ରହିଥାଏ । ଶ୍ରମିକର କେବଳ ସେତିକି କରିବାର କଥା । ଆମେରିକାରେ ଏହାକୁ ବୈଜ୍ଞାନିକ ପରିଚାଳନା ବୋଲି କହନ୍ତି । ଏହାର ଉଦ୍ଦେଶ୍ୟ ମଧ୍ୟ ସେଇ ଏକ—ଶସ୍ତାରେ ଜିନିଷ ଯୋଗାଇବା ।

ପୁଞ୍ଜିବାଦପଦ୍ଧତି ବିରୁଦ୍ଧରେ ବହୁତ କିଛି କହିବାକୁ ଥିଲେହେଁ ଉପରୋକ୍ତ ବିଷୟମାନ ଭଲଭାବରେ ବିଚାର କଲେ ବୁଝାଯିବ ଯେ, ଏହା ବହୁ ଯୁଗ ଧରି ସମାଜର ବହୁତୋମୁଖୀ ଉପକାର କରି ଆସିଛି । ବିଗତ କେତେ ଶତାବ୍ଦୀ ଧରି ପୁଞ୍ଜିବାଦ ବିରୁଦ୍ଧରେ ଯେଉଁ ସବୁ ତୁମୁଳ ସାମାଜିକ ଆନ୍ଦୋଳନ ଚାଲି ଆସୁଛି, ସେ ସବୁର କାରଣ ଓ ପରିଣତି ବିଷୟ ପରବର୍ତ୍ତୀ ଅଧ୍ୟାୟଠାରୁ ଆଲୋଚନା କରାଯାଉ ।

## ଚତୁର୍ଥ ପରିଚ୍ଛେଦ

# ପୁଞ୍ଜିବାଦର ଅପକାରିତା ଓ ତାର ପ୍ରତିକାର

—ଏକ—

ଯେତେ ଦିନ ପର୍ଯ୍ୟନ୍ତ ପୁଞ୍ଜିବାଦ ପଦ୍ଧତି ପୂର୍ଣ୍ଣ ପ୍ରତିଯୋଗିତାମୂଳକ ଥିଲା, ସେତେଦିନଯାଏ ଏହାଦ୍ୱାରା ସମାଜର ପୂର୍ଣ୍ଣ କଲ୍ୟାଣ ହେଉଥିଲା । ପ୍ରତିଯୋଗିତା ଭୟରେ ବ୍ୟବସାୟୀମାନେ ଯେତେ ଶସ୍ତାରେ ପାରୁଥିଲେ ଜିନିଷପତ୍ର ବିକ୍ରି କରୁଥିଲେ; କାରଣ ସେମାନେ ତାହା ନ କଲେ ଅନ୍ୟମାନେ ତାଙ୍କଠାରୁ ଶସ୍ତାରେ ବିକ୍ରି ଲାଭତକ ମାରିନେବେ ଓ ତାଙ୍କ ଜିନିଷ ଅବିକା ପଡ଼ିବ । ଶସ୍ତାରେ ଜିନିଷ ମିଳିଲେ ତ ମହର୍ଗରେ ତାଙ୍କ ଜିନିଷ କେହି ନେବେ ନାହିଁ; ତେଣୁ ସମସ୍ତେ ଯେତେ ଦୂର ସମ୍ଭବ ବ୍ୟୟ ସଂକୋଚ କରି ଯେତେ ଶସ୍ତାରେ ପାରନ୍ତି ବିକ୍ରି କରୁଥିଲେ ।

ଫଳରେ ପୁଞ୍ଜିବାଦର ପ୍ରତିଯୋଗିତାମୂଳକ ଯୁଗରେ ଜିନିଷପତ୍ରର ତିଆରି କରିବା ଖର୍ଚ୍ଚ ଯେତିକି, ସେତିକି ଉପରେ ବେପାରୀମାନେ ନିଜର ଅଳ୍ପ ଲାଭ ରଖି ବିକ୍ରି କରୁଥିଲେ । କିନ୍ତୁ କଳକାରଖାନା ଯୁଗରେ ତାହା ବହୁ ପରିମାଣରେ ଓଲଟିଗଲା । ଗୋଟିଏ କାରଖାନା ଖୋଲିବାକୁ ଏତେ ପୁଞ୍ଜୀର ପ୍ରୟୋଜନ ହେଲା ଯେ, ସମସ୍ତଙ୍କ ପକ୍ଷରେ କାରଖାନା

ଖୋଲିବା ସମ୍ଭବ ହେଲା ନାହିଁ । ଏପରି ହେଉ ହେଉ ଦେଖାଗଲା ଯେ କେତେକ ବ୍ୟବସାୟକୁ ଗୋଟିଏ ବା ଦୁଇଟି କମ୍ପାନୀ ଏକଚାଟିଆ କରିବସିଲେ । ରେଲ, ବିଜୁଳିବତୀ ଇତ୍ୟାଦି ବ୍ୟବସାୟରେ ତ ଏହି ଏକଚାଟିଆ ବାଣିଜ୍ୟ ମୂଳରୁ ହୋଇଉଠିଲା । କାରଣ ଦୁଇଟା ରେଲ କମ୍ପାନୀ କୌଣସି ଏକ ଜିଲ୍ଲାରେ ଦୁଇଟା ଲାଇନ ଚଳାଇବା ଲାଭପ୍ରଦ ହେବ ନାହିଁ କିମ୍ବା ଦୁଇଟା ବିଜୁଳିବତୀ କମ୍ପାନୀ ଏକ ସହରରେ ପ୍ରତିଯୋଗିତା କରି ଦୁଇ ଧାଡ଼ି ତାର ଖୁଣ୍ଟ ଆଦି ବସାଇ ପାରିବେ ନାହିଁ ।

ଯେଉଁଠାରେ ଏକଚାଟିଆ ବାଣିଜ୍ୟ ବ୍ୟବସାୟ ହୋଇଉଠିଲା, ସେଠାରେ ଆଉ ପ୍ରତିଯୋଗିତା ରହିଲା ନାହିଁ । ପ୍ରତିଯୋଗିତା ନ ଥିବା ସ୍ଥଳେ ଏକଚାଟିଆ ବ୍ୟବସାୟୀ ତାର ଜିନିଷସବୁ ମନଇଚ୍ଛା ଦାମରେ ବିକିବାକୁ ଲାଗିଲା । ଲୋକଙ୍କର ଅନ୍ୟ ଉପାୟ ନ ଥିବାରୁ ସେମାନେ ତାହାରିଠାରୁ ଜିନିଷ ବା ସେବା କିଣିବାକୁ ବାଧ୍ୟ ହେଲେ । ଫଳରେ ସମାଜର ଉପକାର ହେବା ପରିବର୍ତ୍ତରେ ଅପକାର ହେଲା ।

କୌଣସି କୌଣସି ସ୍ଥାନରେ ଦେଖାଗଲା ଯେ, ଏକଚାଟିଆ ବାଣିଜ୍ୟ ନ ଥିଲେ ସୁଦ୍ଧା, ଗୋଟିଏ ଗୋଟିଏ ବ୍ୟବସାୟରେ କେବଳ ଦୁଇ ବା ତିନୋଟି ବଡ଼ ବଡ଼ କମ୍ପାନୀ କାର୍ଯ୍ୟ କରୁଅଛନ୍ତି । ସେ ଦୁଇ ତିନିଜଣ ଏକାଠି ସମ୍ମତି କରି ଏକା ଦର ଧାର୍ଯ୍ୟ କରିଦେଲେ । ସେହି ଦରରେ ଲୋକମାନେ ଜିନିଷ କିଣିବାକୁ ବାଧ୍ୟ ହେଲେ । ଆମ ଦେଶରେ ମଟର ଆସୋସିଏସନ ଯେଉଁଠି ଅଛି, ସେଠାରେ ଦେଖାଯାଏ, ଯେଉଁ ବସ୍‌ରେ ଗଲେ ମଧ୍ୟ ଭଡ଼ା ଏକ । ପୁଣି ଆସୋସିଏସନ ଭାଙ୍ଗି ଗଲେ ମଟର ମାଲିକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଫଳରେ ମଟର ଭଡ଼ା ଶସ୍ତା ହୋଇଯାଏ ।

ଅବଶ୍ୟ ଏକଚାଟିଆ ବ୍ୟବସାୟ ହେଲେ ଯେ ଦର ନିଶ୍ଚୟ ଖୁବ୍ ବେଶି ହୋଇଯିବ, ତାହା ଭାବିବା ଠିକ୍ ନୁହେ । କାରଣ ଜିନିଷର ଦର

କମ ହେଲେ ଲୋକେ ବେଶି କଣିବେ ଓ ବେଶି ହେଲେ ଲୋକେ କମ୍ କଣିବେ, ଏ ବିଷୟର କର ବ୍ୟବସାୟୀ ଦର ଧାର୍ଯ୍ୟ କରେ ।

ଅବଶ୍ୟ କେତେଗୁଡ଼ାଏ ଜିନିଷ ଅଛି ଯାହାର ଦର ବେଶି ହେଲେ ଲୋକେ ଯେତେ କଣିବେ, କମ୍ ହେଲେ ମଧ୍ୟ ସେତିକି କଣିବେ । ଯେଉଁ ଜିନିଷ ଲୋକଙ୍କର ନିତ୍ୟ ବ୍ୟବହାର୍ଯ୍ୟ ବା ଯେଉଁ ସ୍ଥାନରେ ଯେଉଁ ଜିନିଷର ଅଭ୍ୟାସ ବେଶି, ସେହି ଜିନିଷର ଦାମ୍ କମ ବେଶି ହେଲେ କଣାକିବାରେ ସେତେ କମ ବେଶି ହେବ ନାହିଁ । ମନେ କର ଲୁଣ । ଖୁବ୍ ଶସ୍ତା ହେଲେ ଲୋକେ ବେଶି ଗୁଡ଼ାଏ ଲୁଣ ଖାଇ ପକାଇବେ ନାହିଁ କିମ୍ବା ଖୁବ୍ ମହର୍ଘ ହେଲେ ମଧ୍ୟ ସେମାନେ ଲୁଣ ଖର୍ଚ୍ଚ କମାଇପାରିବେ ନାହିଁ । ସେହିପରି ଆମ ଦେଶରେ ଗୁଡ଼ିଆଳ, ପାନଗୁଆ, ଲୁଗା ଇତ୍ୟାଦି ।

ମାତ୍ର ଅନ୍ୟ କେତେ ଜିନିଷ ଅଛି, ଯାହାକୁ ଶସ୍ତା ହେଲେ ଲୋକେ ବେଶି ବ୍ୟବହାର କରିବେ ଓ ମହର୍ଘ ହେଲେ ଖୁବ୍ କମ୍ ବ୍ୟବହାର କରିବେ ଯଥା:—ବାସନା ତେଲ । ମନେ କର ବାସନା ତେଲ ଶିଶିକ ଟଙ୍କାଟିଏ ହେଲେ ହଜାରେ ଜଣ କଣିବେ ଓ ଆଠଅଣା ହେଲେ ଦଶହଜାର ଜଣ କଣିବେ । ଯଦି ଶିଶିକେ ତାର ସାତ ଅଣା ଖର୍ଚ୍ଚ ପଡ଼େ, ତେବେ ଆଠଅଣା ବିକିଲେ ବ୍ୟବସାୟୀର ଯେତେ ଲାଭ ହେବ, ଟଙ୍କାକରେ ବିକିଲେ ତାର ମୋଟ ଉପରେ ଊଣା ଲାଭ ହେବ । ତେଣୁ ସେ ଶିଶିକୁ ଟଙ୍କାକରେ ନ ବିକି ଆଠ ଅଣାରେ ବିକିବ ।

ଏ ଦର ହୁଏ ତ ପୂର୍ଣ୍ଣ ପ୍ରତିଯୋଗିତାମୂଳକ ବ୍ୟବସାୟରେ ମିଳିବା କଷ୍ଟ ହୁଅନ୍ତା; କାରଣ ଏକଗୁଟିଆ ବେପାରୀ ଖୁବ୍ ବଡ଼ ଧରଣରେ ବ୍ୟବସାୟ କରିବାରୁ ଯେତେ ଶସ୍ତାରେ ଜିନିଷ ଉତ୍ପନ୍ନ କରିବ, ଛୋଟିଆ ଛୋଟିଆ ବେପାରୀ ସେତେ ଶସ୍ତାରେ ଜିନିଷ ଉତ୍ପନ୍ନ କରିପାରିବେ ନାହିଁ ।

ମାତ୍ର ସବୁ ବ୍ୟବସାୟରେ ତ ଏପରି ହେବ ନାହିଁ । ଅଧିକାଂଶ ବ୍ୟବସାୟରେ ଏକଗୁଟିଆ ବ୍ୟବସାୟୀ ଉଚ୍ଚ ଦରରେ ଜିନିଷ ବିକି

ସମାଜକୁ କ୍ଷତିଗ୍ରସ୍ତ କରିପାରେ । ପୁଣି କୌଣସି ବ୍ୟବସାୟରେ ଏକଚାଟିଆ ବ୍ୟବସାୟୀର ଆବିର୍ଭାବ ହେଲେ ସେଥିରେ ପୁଣି ପ୍ରତିଯୋଗିତା ଆରମ୍ଭ ହେବା ପ୍ରାୟ ସମ୍ଭବ ନୁହେଁ । ପୁନଶ୍ଚ କୌଣସି ପ୍ରତିଯୋଗୀ ଉକ୍ତ ବ୍ୟବସାୟରେ ପଶିଲେ ଏକଚାଟିଆ ବ୍ୟବସାୟୀ କିଛି ଦିନ ଖୁବ୍ ଶସ୍ତାରେ ଜିନିଷ ବିକି ତାର ପ୍ରତିଦ୍ୱନ୍ଦ୍ୱୀକୁ ସାମୟିକ କ୍ଷତିଗ୍ରସ୍ତ କରିଦେଇପାରେ । ଏଥିରେ ନିଜର କିଛି ଲୋକସାନ ହେଲେ ମଧ୍ୟ ଭବିଷ୍ୟତରେ ଲାଭ ଉଠାଇବା ଆଶାରେ ସେ ଭ୍ରୂକ୍ଷେପ ନ କରିପାରେ । ପ୍ରତିଯୋଗୀ ବ୍ୟବସାୟୀ ସର୍ବସ୍ୱାନ୍ତ ହୋଇ ବାହାରିଗଲେ ଏକଚାଟିଆ ବଣିକ ପୁଣି ଜିନିଷର ଦାମ ଅଧିକ ବଢ଼ାଇଦିଏ ।

ସମାଜକୁ ଏକଚାଟିଆ ବାଣିଜ୍ୟର ଦାଉରୁ ରକ୍ଷା କରିବା ପାଇଁ ଅନେକ ପ୍ରକାର ଚେଷ୍ଟା କରାଯାଇଅଛି; କିନ୍ତୁ ସବୁଥିରେ ଫଳ ମିଳି ନାହିଁ ।

ଆମେରିକାରେ ତେଲ କମ୍ପାନୀମାନଙ୍କର ଏକଚାଟିଆ ବେପାର ଉପରେ ବହୁତ ଆଇନ କରାଗଲା; ଏପରି ସହଯୋଗମୂଳକ ଏକଚାଟିଆ ବ୍ୟବସାୟ ବେଆଇନ ବୋଲି ଘୋଷଣା କରାଗଲା; କିନ୍ତୁ ବ୍ୟବସାୟୀମାନେ ଏତେ କୌଶଳ କଲେ ଯେ, ଆଇନର ଫଳ କିଛି ହେଲା ନାହିଁ । ଜର୍ମାନୀରେ ସରକାର ପକ୍ଷରୁ ଏ ସବୁ ଜିନିଷର ଦର ଧାର୍ଯ୍ୟ କରାଗଲା ଓ ସରକାରର କର୍ମଚାରୀମାନଙ୍କୁ ଉକ୍ତ ବ୍ୟବସାୟୀ-ମାନଙ୍କର କାଗଜପତ୍ର ତଦାରଖ କରିବାର ଅଧିକାର ଦିଆଗଲା । ତଥାପି କୌଣସି ଜାଗାରେ ଏକଚାଟିଆ ବାଣିଜ୍ୟର ଅପକାର ପୂର୍ଣ୍ଣ ନିବାରଣ କରିହେଲା ନାହିଁ ।

ଆମ ଦେଶରେ ମଟର ଭଡ଼ା, ରେଳ ଭଡ଼ା ପ୍ରଭୃତିରେ ଓ ଅବକାରୀ ଦ୍ରବ୍ୟର ଦରଦାମ ସ୍ଥିର କରିବାରେ ତ ସରକାରଙ୍କର ତତ୍ତ୍ୱାବଧାନ ଆଗରୁ ନିଶ୍ଚିତ ହୋଇଥିଲା । ତା ଛଡ଼ା ଯୁଦ୍ଧ ବଜାରରେ ପ୍ରତ୍ୟେକ ଜିନିଷର ଦର ଧାର୍ଯ୍ୟ କରିବା ଅତ୍ୟନ୍ତ

ପ୍ରୟୋଜନୀୟ ହୋଇପଡ଼ନ୍ତି । କାରଣ, ଯୁଦ୍ଧ ବଜାରରେ ଜିନିଷ ଅଳ୍ପ ମିଳୁଥିବାରୁ ଯେ କିଛି ଜିନିଷ ଉଠାଇ କିଣି ବା ବିକିବାକୁ ପାଇଲା, ସେ ନିଜ ଅଞ୍ଚଳରେ ଏକରକମ ଏକଗୁଟିଆ ବ୍ୟବସାୟୀ ହୋଇଉଠିଲେ । କିନ୍ତୁ ଏହି ଦର ଧାର୍ଯ୍ୟ କରି କିମ୍ବା ବ୍ୟବସାୟୀମାନଙ୍କର କାଗଜପତ୍ର ଯାଞ୍ଚ କରି ସୁଦ୍ଧା ମୁନାଫାଖୋରମାନଙ୍କୁ ନିବାରଣ କରିହେଲା ନାହିଁ ।

ତେଣୁ ସମାଜ ବା ସରକାର ଅନେକ ସମୟରେ ନିଜ ହାତକୁ କେତେକ ବ୍ୟବସାୟ ନେଇ ନିଏ । ଆମ ଦେଶରେ ଡାକବିଭାଗ ମୂଳରୁ ସରକାରଙ୍କ ନିଜର ବ୍ୟବସାୟ ରୂପରେ ଚଳି ଆସୁଅଛି । ଗୋଲାବାରୁଦ ତିଆରି ସମାଜର ନିରାପଦତା ଦୃଷ୍ଟିରୁ ଆମ ଦେଶର ସରକାର ସବୁବେଳେ ନିଜେ ଚଳାଉଛନ୍ତି । ସମୟ ସମୟରେ ସରକାର ନିଜେ ଲୁଣ, ଅଫିମ, ଗଞ୍ଜେଇ ଓ ମଦ୍ୟର ବ୍ୟବସାୟ ସ୍ୱତନ୍ତ୍ର ଭାବରେ କରନ୍ତି । ସ୍ଥଳେ ସ୍ଥଳେ ମଧ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଅନ୍ୟ ଠିକାଦାରଦ୍ୱାରା ଉକ୍ତ ବ୍ୟବସାୟ ଚାଳିତ ହୁଏ ଓ ସରକାରଙ୍କ ନିର୍ଦ୍ଧାରିତ ଦରରେ ବିକ୍ରି ହୁଏ । ସେହିପରି ବିଜୁଳିବତୀ କାରଖାନାମାନ ଅନେକ ସହରରେ ସରକାରଙ୍କ ତତ୍ତ୍ୱାବଧାନରେ କମ୍ପାନୀମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ । ଏବେ ପ୍ରାୟ ଆମ ଦେଶର ସମସ୍ତ ରେଲବାଇ କମ୍ପାନୀ ସରକାର ନିଜ ହାତକୁ ନେଇ ସାରିଲେଣି ।

ସମାଜ ବା ସରକାର ନିଜ ହାତକୁ ନେଇ ବ୍ୟବସାୟ ଚଳାଇବା ସପକ୍ଷରେ ଓ ବିପକ୍ଷରେ ବହୁତ ଯୁକ୍ତି ବହୁକାଳରୁ ହୋଇ ଆସୁଛି । କିନ୍ତୁ ଏକଥା ନିଶ୍ଚିତ ଯେ, ଯେଉଁ ସ୍ଥଳରେ ଏକଗୁଟିଆ ବାଣିଜ୍ୟ ହୋଇ ଉଠିବାର ସମ୍ଭାବନା ଅଛି, ସେଠାରେ ସରକାର ଉକ୍ତ ବ୍ୟବସାୟ ନିଜେ ଚଳାନ୍ତୁ ବା ନିଜର ତତ୍ତ୍ୱାବଧାନରେ ଅନ୍ୟଦ୍ୱାରା ତାହାର ପରିଚାଳନ କରାନ୍ତୁ, ଯେ କୌଣସିମତେ ସମାଜର ତା ଉପରେ ହାତ ରହିବା ଉଚିତ ।

ଅସ୍ତ୍ରଶସ୍ତ୍ର ବ୍ୟବସାୟ ସମାଜ ବା ସରକାର ନିଜ ହାତରେ ରଖିବାର ଅର୍ଥ ଏହି ଯେ, ଅସ୍ତ୍ରଶସ୍ତ୍ର ଯେ କୌଣସି ଲୋକ ତିଆରି କଲେ

ଦେଶରେ ଅଶାନ୍ତି ହୋଇପାରେ । ତା ଛଡ଼ା ଅସ୍ତ୍ରଶସ୍ତ୍ର ତ ସରକାରଙ୍କର ନିଜସ୍ୱ ଜିନିଷ । ତେଣୁ ସରକାର ନିଜେ ତାହା ନିର୍ମାଣ କଲେ ରାଜ୍ୟ ରକ୍ଷାପାଇଁ ଆବଶ୍ୟକ ପଡ଼ିଲାବେଳେ ପର ହାତକୁ ଚାହିଁ ରହିବାକୁ ହେବ ନାହିଁ । ଅବକାରୀ ଦ୍ରବ୍ୟର ବ୍ୟବସାୟ ସରକାର ନିଜ ହାତରେ ରଖିବାର ଅର୍ଥ ଏହି ଯେ, ଏହି ଅବକାରୀକ ମାଦକ ଦ୍ରବ୍ୟଗୁଡ଼ିକ ଯେ ଇଚ୍ଛା ସେ ପ୍ରସ୍ତୁତ କରି ବଜାରରେ ଯେ ଇଚ୍ଛା ସେ ଦରରେ ବିକିଲେ ସମାଜର ପ୍ରଭୂତ କ୍ଷତି ହେବ ।

ଆଉ କେତେଗୁଡ଼ିଏ ବ୍ୟବସାୟ ଅଛି ଯାହିଁରେ ସମାଜ ଅର୍ଥାତ୍ ସରକାର ଭିନ୍ନ କାରଣରୁ ନିଜ ହାତକୁ ନିଅନ୍ତି ବା ନିଜର ତତ୍ତ୍ୱାବଧାନରେ ରଖନ୍ତି । ତାହା ହେଉଛି, ଦେଶର କୌଣସି ପ୍ରାକୃତିକ ସାମଗ୍ରୀର ଭବିଷ୍ୟତ ସଂରକ୍ଷଣ ।

ମନେ କର ଗୋଟିଏ ଜଙ୍ଗଲ ତିଆରି ହେବାକୁ ବହୁବର୍ଷ ଲାଗେ; କିନ୍ତୁ ତାକୁ କାଟି ପକାଇବାକୁ କେତେକ୍ଷଣ ? ଯଦି ପୁଞ୍ଜିପତିମାନଙ୍କୁ ଅବାରିତଭାବରେ ଜଙ୍ଗଲ କାଟିବାକୁ ଛାଡ଼ି ଦିଆଯାଏ, ସେମାନେ ଅଠ ଦିନରେ ସମସ୍ତ ଜଙ୍ଗଲ କାଟି ବିକିଦେବେ । ସେମାନେ ତ ଆଉ ଦେଶର ଭବିଷ୍ୟତ୍ କଥା ଭାବିବେ ନାହିଁ; ଫଳରେ ଜଙ୍ଗଲ ସବୁ ସଫା ହୋଇଗଲେ ବର୍ଷା ହେବ ନାହିଁ, ବନ୍ୟାର ଦାଉ ବଢ଼ିବ, ଜମିମାନଙ୍କରୁ ସାର ଯିବ ଓ ଭବିଷ୍ୟତକୁ ଜାଳେଣୀ କାଠ, କଡ଼ି, ବରଗା, କବାଟ, ଚଉକାଠ ବହୁ ଦୁର୍ମୂଲ୍ୟ ହୋଇଯିବ । ତେଣୁ ସମାଜ ଦେଶରେ ଜଙ୍ଗଲରକ୍ଷଣ ନୀତି ନିଜ ହାତରେ ରଖେ ଓ ଯେପରି କଲେ ବର୍ତ୍ତମାନ ଯୁଗର ଅଭାବ ମେଣ୍ଟିବ ଓ ଭବିଷ୍ୟତକୁ ମଧ୍ୟ ଅସୁବିଧା ହେବ ନାହିଁ ସେହିପରି କରେ ।

ସେହିପରି କୋଇଲା ଖଣି । ଖଣିରୁ ସବୁ କୋଇଲା ଆମେ ସାରିଦେଲେ, ଭବିଷ୍ୟତର ଦେଶବାସୀ ଆମକୁ ଦୋଷୀ କରିବେ ନାହିଁ ? ତେଣୁ ଏ ଗୁଡ଼ିକର ତତ୍ତ୍ୱାବଧାନ ସମାଜ ନିଜ ହାତରେ ରଖିବା ଉଚିତ ।

ଏଠାରେ ପ୍ରଶ୍ନ ଉଠିପାରେ, ସମାଜ ବା ସରକାର ନିଜ ହାତରେ ବ୍ୟବସାୟ କଲେ, ତାର କି ଅଧିକା ଉପକାର ହୁଏ ? ଏକଗୁଟିଆ ବ୍ୟବସାୟୀ ଯେପରି ଲାଭ ଆଶାରେ ବ୍ୟବସାୟ କରେ, ସମାଜ ବା ସରକାର ତ ସେପରି ଆଶାରେ କରନ୍ତି ନାହିଁ । ତେଣୁ ଆପାତତଃ ଦେଶବାସୀଙ୍କର ସୁବିଧା ସେମାନେ ବେଶି ଦେଖନ୍ତି । ସରକାରୀ ରେଲବାଇମାନଙ୍କରେ ତୃତୀୟଶ୍ରେଣୀ ଯାତ୍ରୀଙ୍କ ଭଡ଼ା କମ୍ ଓ ଯାତ୍ରୀମାନଙ୍କର ସୁବିଧା ପାଇଁ ବିଶେଷ ବନ୍ଦୋବସ୍ତ ଅଛି ।

ତଥାପି ସମାଜ ତରଫରୁ ସରକାର ବା ମ୍ୟୁନିସିପାଲିଟି ଦ୍ୱାରା ଚାଳିତ ବ୍ୟବସାୟ ପଦ୍ଧତିର କେତେକ କୁଫଳ ମଧ୍ୟ ଅଛି । ମ୍ୟୁନିସିପାଲିଟିରେ ମେମ୍ବରମାନେ ଭୋଟବଳରେ କ୍ଷମତା ପାଇଥାନ୍ତି । ଗଣତନ୍ତ୍ରବାଦରେ ସରକାରମାନେ ମଧ୍ୟ ଭୋଟ ବଳରେ ଆଧିପତ୍ୟ ପାଇଥାନ୍ତି । ଯେଉଁ ବ୍ୟବସାୟ ଏପରି ଶ୍ରେଣୀର ଲୋକଙ୍କ ତତ୍ତ୍ୱାବଧାନରେ ପଡ଼େ, ତାହାର ପରିଚାଳନା ଭଲ ହୁଏ ନାହିଁ । କାରଣ ଭୋଟରେ ଯେଉଁମାନେ ନିର୍ବାଚିତ ହୋଇଥାନ୍ତି, ସେମାନଙ୍କର ଯେ ନିଶ୍ଚୟ ବ୍ୟବସାୟ ଜ୍ଞାନ ବା ବ୍ୟବସାୟ ବୁଦ୍ଧି ଥିବ, ଏହା ନିଶ୍ଚିତ ନୁହେ । ପୁନଶ୍ଚ ଭୋଟରମାନେ ଯେପରି ଅସନ୍ତୁଷ୍ଟ ନ ହେବେ ଏ ଭୟ ତାଙ୍କର ବେଶି । ତେଣୁ ଯେଉଁଠାରେ ଭୋଟରମାନେ ଉତ୍ତ୍ୟକ୍ତ ହେବାର ସମ୍ଭାବନା, ସେଠାରେ ଏମାନେ ବ୍ୟବସାୟ ଦୃଷ୍ଟିରୁ କ୍ଷତି ସହିବାକୁ ମଧ୍ୟ ରାଜି ପଡ଼ିଯିବା ଅସମ୍ଭବ ନୁହେ ।

ଦ୍ୱିତୀୟରେ ପୁଞ୍ଜିପତି ନିଜ ବ୍ୟବସାୟର ଯେତେ ତତ୍ତ୍ୱ ନିଏ ବା ଯେପରି ନୂଆ ନୂଆ ପନ୍ଥା ଖୋଜିବସେ, ସରକାରୀ କର୍ମଚାରୀ ସେତେ ଆଗ୍ରହ ସହିତ କାର୍ଯ୍ୟ କରିବା ସମ୍ଭବ ହୁଏ ନାହିଁ । ପର ସମ୍ପତ୍ତିରେ ସମସ୍ତେ ଦାତା ହୋଇ ଜାଣନ୍ତି । ଗୋଟିଏ କମ୍ପାନୀର କ୍ଷତି ହେଲେ ତାର ମୂଳଧନ ଡୁବି ଯିବ କିନ୍ତୁ ଅଂଶୀଦାରମାନଙ୍କର ଆଉ ଅଧିକା କ୍ଷତି ହେବ ନାହିଁ । କିନ୍ତୁ ସରକାରୀ ବ୍ୟବସାୟରେ ଲୋକସାନ ହେଲେ

ଖଜଣାରୁ ସେ ଲୋକସାନ ସହିବାକୁ ହେବ; କରଦାତାମାନେ ଅଧିକ କର ଦେଇ ସେ ବ୍ୟବସାୟ ମୁଣ୍ଡାଇବେ । ଆମ ଓଡ଼ିଶା କେନାଲ ବାବଦରେ ହୋଇଥିବା କ୍ଷତି କରଦାତାମାନେ ଅଦ୍ୟାବଧି ସହୁଛନ୍ତି ।

ପୁଣି ବ୍ୟବସାୟରେ ଲୋକସାନ ହେଲେ ସରକାର ଯଦି କେତେ କର୍ମୀଙ୍କୁ କାର୍ଯ୍ୟରୁ ଅନ୍ତର କରିବାକୁ ବସିବେ, ତେବେ ସରକାରଙ୍କ କାର୍ଯ୍ୟର ତୁମୁଳ ପ୍ରତିବାଦ ଫଳରେ ତାହା କରିବା ଅସମ୍ଭବ ହେବ । ବ୍ୟବସାୟରେ କ୍ଷତି ହେଲେ ବ୍ୟବସାୟୀ ତାର କର୍ମଚାରୀମାନଙ୍କୁ ସ୍ୱଚ୍ଛନ୍ଦରେ ବିଦା କରିଦେଇପାରେ । କିନ୍ତୁ ଦେଶର ଶାସନତନ୍ତ୍ର ତାହା ସହଜରେ କରି ପାରିବ ନାହିଁ । ଫଳରେ ବ୍ୟବସାୟରେ ହାନି ହେଲେ ସୁଦ୍ଧା କର୍ମଚାରୀମାନଙ୍କୁ ଅନ୍ୟତ୍ର ମୁକରର ନ କରିବା ଯାଏ ସରକାର ସେ ଭାର ବୋହି ଚାଲିଥିବେ । ଆମ କଟକରେ ଯେଉଁ ହ୍ୟାଟ୍ କାରଖାନା ବା ଯେଉଁ କାଣ୍ଟିନ୍ ଷ୍ଟୋର ହୋଇଥିଲା, ସରକାରୀ ବ୍ୟବସାୟର ଉପକାରିତା ସେଥିରୁ ଅନୁମିତ ହୋଇପାରେ ।

ପୁଣି ସରକାରୀ ବ୍ୟବସାୟରେ ଲାଭ ହେଉଛି କି ନାହିଁ ଜାଣିବା ବଡ଼ ମୁସ୍କିଲ । ସରକାରୀ ଅଫିସରେ ଏହାର ହିସାବ ଅନେକ ସମୟରେ ଏପଟ ସେପଟ କରି କ୍ଷତିକୁ ଲାଭ ପରି ଦେଖାଇ ଦିଆଯାଇପାରେ । ଆମର ଯେତେବେଳେ କୌଣସି କୋଅପରେଟିଭ ବ୍ୟାଙ୍କର ଲାଭକ୍ଷତି ହିସାବ କରାଯାଏ, ସେଥିରେ ଯେତେ ଯେତେ ସରକାରୀ କର୍ମଚାରୀମାନଙ୍କର ସମୟ ଓ ପରିଶ୍ରମ ବ୍ୟୟିତ ହୋଇଛି, ତାହା ବ୍ୟବସାୟର ଖର୍ଚ୍ଚରେ ମିଶାଯାଏ ନାହିଁ ।

ପୁନଶ୍ଚ ଗୋଟିଏ ସରକାରର ସୀମା ଯେତେ, ସେତିକି ସୀମା ଭିତରେ ବ୍ୟବସାୟ ଚଳାଇ ଲାଭଜନକ ହେବା ସମ୍ଭବ ନ ହୋଇ-ପାରେ । ମନେକର ଆମ ଓଡ଼ିଶା ସରକାର ଯଦି ଗୋଟିଏ ରେଳ ଲାଇନ ବସାଇବେ, ତାହା କଷ୍ଟସାଧ୍ୟ ଅନ୍ୟ ପ୍ରଦେଶର ସରକାରଙ୍କ ଇଲାକା

ବା ଗଡ଼ଜାତ ଇଲାକା ଭିତର ଦେଇ ଯିବ । ସେତେବେଳେ ଓଡ଼ିଶା ସରକାର ଉକ୍ତ ରେଲକମ୍ପାନୀର ପୂରା ତତ୍ତ୍ୱାବଧାନ କରିବା ସମ୍ଭବ ହେବ ନାହିଁ ।

ଏସବୁ ଅସୁବିଧା ଥାଇ ସୁଦ୍ଧା କେତେକ ସରକାରୀ ବ୍ୟବସାୟ ଅତି ସୁଚାରୁରୂପେ ପରିଚାଳିତ ହେଉଥିବାର ଦେଖାଯାଇଅଛି । ସାଧାରଣତଃ ସରକାରୀ ବ୍ୟବସାୟ ବିଶେଷଜ୍ଞମାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଲେ, ରାଜନୈତିକ ଚାପ ତା ଉପରେ ନ ପଡ଼ିଲେ, ତାର ଆୟବ୍ୟୟର ପୂରା ହିସାବ ରଖାହେଲେ ଓ ତାହାର ବଜାର ସୁନିଶ୍ଚିତ ହୋଇଥିଲେ, ତାହା ସମାଜର ହିତକର ହୋଇପାରେ ।

କିନ୍ତୁ ଯେଉଁ ସବୁ ବ୍ୟବସାୟରେ ସବୁବେଳେ ନୂତନ ଉଦ୍ୟମ, ନୂତନ ଆବିଷ୍କାର ଓ ନୂତନ କୌଶଳର ପ୍ରୟୋଜନ ଏବଂ ଯେଉଁଥିରେ ବଜାର ନିଶ୍ଚିତ ନୁହେ, ସେପରି ଅନିଶ୍ଚିତ ବ୍ୟବସାୟରେ ପଶିବା ଦେଶର ଶାସନତନ୍ତ୍ର ପକ୍ଷରେ ସୁବିଧାଜନକ ନୁହେ ।

—ଦୁଇ—

ପୁଞ୍ଜିବାଦର ଆଉ ଏକ ଅପକାରିତା ହେଉଛି, ବେପାର ଓ ବିଜ୍ଞାପନରେ ସମାଜର ବହୁତ ଧନ ଓ ପରିଶ୍ରମ ସବୁବେଳେ ନିରର୍ଥକ ବ୍ୟୟିତ ହୁଏ ।

ଲଣ୍ଡନରେ ଲଣ୍ଠନଟିଏ ତିଆରି ହେବ ଓ ତାହା ଓଡ଼ିଶା ଗଡ଼ଜାତର ମଧୁ ଲେଙ୍କାଙ୍କ ବ୍ୟବହାରରେ ଲାଗିବ । ଏହା ମଧ୍ୟରେ କେଜାଣି କେତେ ଲୋକ ତା ଉପରେ ଲାଭ ନେବେ । ଏମାନେ ସମସ୍ତେ କେବଳ ସେହି ଲଣ୍ଠନଟିକୁ ଆଣି ମଧୁ ଲେଙ୍କା ହାତରେ ଧରାଇ ଦେବାପାଇଁ ବିଶାଳ ଆୟୋଜନ କରି ବସିଛନ୍ତି ଓ ଲଣ୍ଠନ ତିଆରି କରିବାରେ ଟଙ୍କାଟିଏ ଖର୍ଚ୍ଚ ହେଉଥିଲେ, ଏ ବେପାରୀମାନେ

ଅଣି ତା ଉପରେ ଟଙ୍କାଏ କି ଦେଢ଼ ଟଙ୍କା ଲାଭ ଉଠାଉଅଛନ୍ତି । ଏ ପଦ୍ଧତି ପରିବର୍ତ୍ତିରେ ଯଦି ସମାଜ ଲଣ୍ଠନ ତିଆରି କରି ଲୋକମାନଙ୍କୁ ଯୋଗାନ୍ତା, ଏ ମଧ୍ୟସ୍ଥମାନେ ଏତେ ନିରର୍ଥକ ବ୍ୟୟ କରନ୍ତେ ନାହିଁ ।

ପୁଣି ଆଜିକାଲି ବିଜ୍ଞାପନରେ ଯାହା ବ୍ୟୟ ହୁଏ, ତାହା ବୋଧହୁଏ ଜିନିଷ ମୂଲ୍ୟର ଚତୁର୍ଥାଂଶରୁ ଅନେକ ସମୟରେ ବଳିଯାଏ । ପ୍ରତ୍ୟେକ ବେପାରୀ ବିଜ୍ଞାପନରେ ପ୍ରଚୁର ଖର୍ଚ୍ଚ କରେ ଓ ଉକ୍ତ ଖର୍ଚ୍ଚକୁ ଜିନିଷର ଦାମ ଉପରେ ହିସାବ କରିଦିଏ । ଏପରି ଯେ ସମାଜର କେତେ ଲୋକସାନ ହେଉଛି, ତାହା କଳନା କରିବା ବଡ଼ କଠିନ । ସମାଜ ନିଜେ ଜିନିଷ ତିଆରି କରି ଯୋଗାଉଥିଲେ ଏ ବାବଦରେ ମଧ୍ୟ ଏତେ ଖର୍ଚ୍ଚ ଲାଗନ୍ତା ନାହିଁ ।

ସମସ୍ତେ ତ ବିଜ୍ଞାପନ ଦେଉଛନ୍ତି । ବିଜ୍ଞାପନ ଆଡ଼ମ୍ବରରେ ଭୁଲି ଲୋକେ ଅନେକ ସମୟରେ ଭ୍ରମରେ ପଡ଼ି ଭଲ ଜିନିଷ ପରିବର୍ତ୍ତିରେ ଖରାପ ଜିନିଷ ବ୍ୟବହାର କରି କ୍ଷତିଗ୍ରସ୍ତ ହୁଅନ୍ତି । ବେପାରୀ ବା ବ୍ୟବସାୟୀ କେବଳ ଲାଭର ସାଥୀ; ଲୋକମାନଙ୍କୁ ପ୍ରକୃତ ସତ୍ୟ କହି ଦେଶର ଉପକାର କରିବା ତାର ବ୍ରତ ନୁହେଁ । ତେଣୁ ସେ ବଢ଼ାଇ ଚଢ଼ାଇ ଯାହା ଇଚ୍ଛା ତାହା ବିଜ୍ଞାପନ ଲେଖିଲେ ମଧ୍ୟ ତାର ଦୋଷ ହୁଏ ନାହିଁ; କିନ୍ତୁ ଦେଶବାସୀ ବିଜ୍ଞାପନ-ଜାଲରେ ପଡ଼ି ଭ୍ରମି ହୁଅନ୍ତି । ଏହାଦ୍ୱାରା ସମାଜକୁ ବିଜ୍ଞାପନ ଖର୍ଚ୍ଚର ବୋଝ ତ ମୁଣ୍ଡାଇବାକୁ ହୁଏ, ତା ଛଡ଼ା ଭଲ ଜିନିଷ ପରିବର୍ତ୍ତିରେ ସମାଜରେ ଖରାପ ଜିନିଷର ବ୍ୟବହାର ବି ବଢ଼ିଯାଏ ।

କୌଣସି କୌଣସି କମ୍ପାନୀ ଗୋଟିଏ ନୂଆ ଜିନିଷ ଆବିଷ୍କାର କଲେ ସେଥିରେ ବାଣିଜ୍ୟର ରେଜେଷ୍ଟ୍ରି ମାର୍କା ଦେଇଦିଅନ୍ତି । ଏପରି ମାର୍କା ଦିଆହେଲେ ସେପରି ଜିନିଷ ଆଉ କେହି କରିପାରିବ ନାହିଁ । ଫଳରେ ସେ ବ୍ୟବସାୟୀ ଉକ୍ତ ଜିନିଷକୁ ତ ଏକଚାଟିଆ ଭାବରେ ବେଶି ଦାମରେ

ବଢ଼ିକରି ଲାଭ ଉଠାଏ, ପୁଣି ଅନ୍ୟମାନେ ତାହା କରି ନ ପାରିବାରୁ ସମାଜ ମଧ୍ୟ ଅନ୍ୟଠାରୁ ଉକ୍ତ ଜିନଷ ପାଇବାରୁ ବଞ୍ଚିତ ହୁଏ ।

ପୁଣି ଖୁଚୁରା-ବେପାରରେ ମଧ୍ୟ ସେହିପରି ଅନେକ କାରଣରୁ ସମାଜର କ୍ଷତି ହୁଏ । ମନେକର ପାନ ଦୋକାନ । କଟକ ସହରରେ କେତେ ପାନ ଦୋକାନ ଅଛି । ପ୍ରତ୍ୟେକର ପୁଞ୍ଜି ଖୁବ ଊଣା । ତେଣୁ ବଡ଼ ଦରରେ ବ୍ୟବସାୟ କଲେ ଯେତେ ଶସ୍ତାରେ ସେମାନେ ପାନ ବିକନ୍ତେ, ଅସଂଖ୍ୟ ଛୋଟ ଛୋଟ ଦୋକାନୀ ସେତେ ସୁଲଭରେ ଯୋଗାଇ ପାରିବେ ନାହିଁ । ପ୍ରତ୍ୟେକ ଦୋକାନରେ କିଛି କିଛି ଜିନଷ ନଷ୍ଟ ହେଲେ ମୋଟ ଉପରେ କେତେ ନଷ୍ଟ ନ ହେବ । ପୁଣି ସେହି ଖୁଚୁରା ପାନ ଦୋକାନୀଙ୍କ ମଧ୍ୟରୁ କେତେ ବ୍ୟବସାୟରେ ପାରି ନ ଉଠି ବ୍ୟବସାୟ ଛାଡ଼ି ପଳାନ୍ତି; ପୁଣି କେତେ ନୂଆ ଲୋକ ପଶନ୍ତି । ଏହିପରି ଅନବରତ ଏ ବେପାରରେ ବେପାରୀ ଅଦଳବଦଳ ଚାଲିଥାଏ । ଏହା ଫଳରେ ମଧ୍ୟ ଅନେକ ଲୋକସାନ ହୁଏ ।

ବେପାରୀମାନଙ୍କର ଏହି ଅଯଥା ମୁନାଫାରୁ ସମାଜକୁ ରକ୍ଷା କରିବା ପାଇଁ, ବିଜ୍ଞାପନର ଅଯଥା ବ୍ୟୟ ସଂକୋଚ କରିବା ପାଇଁ ଓ ସମାଜକୁ ଭଲ ଜିନଷ ଯୋଗାଇବା ପାଇଁ ସମାଜ ଗୋଟିଏ ଅନୁଷ୍ଠାନ ଉଦ୍ଭାବନ କରିଛି । ତାହା ହେଉଛି ସମବାୟ ସମିତି ବା କୋ ଅପରେଟିଭ୍ ବ୍ୟବସାୟ । ଏଥିରେ ଗ୍ରାହକମାନେ ନଜେ ଗୋଟିଏ ସମିତି କରି ନଜର ଆବଶ୍ୟକ ଜିନଷମାନ ତିଆରି କରନ୍ତି ବା ମଗାଇ ରଖନ୍ତି ଓ ଆପଣା ଆପଣା ମଧ୍ୟରେ ବିକି କରନ୍ତି । ଏହି ସମିତିମାନଙ୍କର ପରିଚାଳକମାନେ ସାଧାରଣତଃ ବିନା ବେତନରେ କାର୍ଯ୍ୟ କରନ୍ତି; ତେଣୁ ସେ ଦଗରେ ମଧ୍ୟ ବ୍ୟୟ ସଂକୋଚ ହୁଏ । ବିଜ୍ଞାପନ ଦଗର ଖର୍ଚ୍ଚ ପ୍ରାୟ ହୁଏ ନାହିଁ ଓ ଏଥିରେ ପ୍ରତିଯୋଗିତା ନ ଥାଏ ।

କିନ୍ତୁ ଅନେକ ସମୟରେ ଦେଖାଯାଏ ଯେ, କୋ ଅପରେଟିଭ୍ ସମିତିର ଯେଉଁମାନେ ପରିଚାଳନାର ଭାର ନଅନ୍ତି, ସେମାନଙ୍କର

ବ୍ୟବସାୟ ବୃଦ୍ଧି ହେଲା ଓ ସେମାନେ ବେତନଭୋଗୀ ହୋଇ ନ ଥିବା ଯୋଗେ କାର୍ଯ୍ୟରେ ବିଶେଷ ମନୋଯୋଗ ଦେଇ ନ ଥିବାରୁ ତାଙ୍କ ପରିଚାଳିତ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇପଡ଼େ ।

ବେପାରୀ ଯେପରି ଗ୍ରାହକମାନଙ୍କ ମନ ଧରିବା ଲାଗି ପରୀକ୍ଷା ରକମର ଜିନିଷ ଆଣି ରଖେ, କୋ ଅପରେଟିଭ୍ ସମିତି ନିଜ ନିଜ ମଧ୍ୟରେ କାରବାର କରୁଥିବାରୁ ଏତେ ପ୍ରକାରର ଜିନିଷ ଆଣି ଗଚ୍ଛିତ ରଖିବାର ଆବଶ୍ୟକତା ଅନୁଭବ କରିପାରନ୍ତି ନାହିଁ । ଫଳରେ ଗ୍ରାହକମାନେ ମନ ମୁତାବକ ଜିନିଷ କିଣିବା ଉଦ୍ଦେଶ୍ୟରେ ନିଜ କୋ ଅପରେଟିଭ୍ ସମିତିକୁ ଛାଡ଼ି ଅନେକ ସମୟରେ ବଜାରରୁ ଜିନିଷପତ୍ର କିଣନ୍ତି ।

ସମବାୟ ସମିତିମାନଙ୍କରେ ଅବଶ୍ୟ ଆବଶ୍ୟକତା ଅନୁସାରେ ବେତନଭୋଗୀ ମାନେଜର ନିଯୁକ୍ତ କରାଯାଏ । କିନ୍ତୁ ଏହା ଗୋଟିଏ ଆଦର୍ଶବାଦୀ ଅନୁଷ୍ଠାନ ହୋଇଥିବାରୁ ଅନେକ ସମୟରେ ସେମାନଙ୍କୁ ବଜାରଠାରୁ କମ୍ ବେତନ ଦିଆହୁଏ । ତେଣୁ ସେମାନେ ପୂରା ସନ୍ତୋଷଜନକ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଆନ୍ତି ନାହିଁ ।

ଏସବୁ ସତ୍ତ୍ୱେ ଅନେକ ଦେଶରେ କୋ ଅପରେଟିଭ୍ ସମିତିଦ୍ୱାରା ବହୁତ ଉପକାର ହେବାର ଦେଖାଯାଇଛି । ଆମ ଦେଶରେ ଉକ୍ତ ଅନୁଷ୍ଠାନ ବେଶି ଭାଗ ବ୍ୟବସାୟ ହାତକୁ ନେଇପାରି ନାହିଁ । କିନ୍ତୁ ବିଲାତରେ ଶତକଡ଼ା ପ୍ରାୟ ତିରିଶ ଅଂଶ ଜିନିଷ ଏହି ସମିତିମାନଙ୍କ ସାହାଯ୍ୟରେ ବିକ୍ରି ହୁଏ ।

ଆମ ଦେଶରେ କୋ-ଅପରେଟିଭ୍ ଋଣ ସମିତି ଅନେକଗୁଡ଼ିଏ ଅଛି । କେତେକ କୋ-ଅପରେଟିଭ୍ ଷ୍ଟୋର ଅଛି, କେତେକ ବ୍ୟବସାୟ ସମିତି ମଧ୍ୟ ଅଛି । କିନ୍ତୁ ଋଣ ସମିତିଗୁଡ଼ିକୁ ଛାଡ଼ିଦେଲେ

ଅନ୍ୟାନ୍ୟ ସମିତିଗୁଡ଼ିକ ପ୍ରାୟ ସେତେ ଜନପ୍ରିୟ ହୋଇ ଉଠି ନାହିଁ । ଅନେକ ଋଣ ସମିତି ମଧ୍ୟ ବିଶୃଙ୍ଖଲାବଶତଃ କ୍ଷତିଗ୍ରସ୍ତ ହୋଇ ଭାଙ୍ଗି ଯିବାର ଦେଖା ଯାଇଅଛି ।

—ତିନି—

ପୁଞ୍ଜିବାଦର ସବୁଠାରୁ ବେଶି କୁଫଳ ଭୋଗିବାକୁ ହୁଏ ଶ୍ରମିକମାନଙ୍କୁ । ବ୍ୟବସାୟୀ ବ୍ୟବସାୟର ଲାଭ ଖାଏ; କିନ୍ତୁ ଶ୍ରମିକ ଖଟି ଖଟି ମରେ । ଦିନସାରା ଅକ୍ଲାନ୍ତ ପରିଶ୍ରମ କରି ଶ୍ରମିକ ଦୁଇ ଓଳି କଥଞ୍ଚିତ୍ ମୁଠାଏ ଖାଇବାକୁ ପାଏ । ଶ୍ରମିକ ହେବାକୁ ପୁଞ୍ଜି ଲୋଡ଼ା ନାହିଁ । ତେଣୁ ଦୁନିଆର ଯେତେ ସର୍ବହରା, ସେମାନେ ବାହାରି ପଡ଼ନ୍ତି ଶ୍ରମିକ ହେବାକୁ । ବ୍ୟବସାୟୀ ଯେତେ କମ ବେତନରେ ପାରେ, ସେମାନଙ୍କୁ ରଖେ । ଆପେ ଗଣ୍ଡା ଗଣ୍ଡା ମଟରରେ ଚଢ଼ି ବୁଲେ; କିନ୍ତୁ ଶ୍ରମିକର ଦୁଃଖ ବୁଝିବାକୁ ତାର ତର ନ ଥାଏ ।

ଖାଲି ସେତିକି ନୁହେଁ । ଯେଉଁଦିନ ତାର ବ୍ୟବସାୟରେ ଲାଭର ମାତ୍ରା କମିଯାଏ, ସେ କେତେଗୁଡ଼ାଏ ଶ୍ରମିକଙ୍କୁ ବାହାର କରିଦିଏ । ସେମାନେ ଯେ ଆଶା ପୋଷି ଆସିଥାନ୍ତି କାମ କରିବାକୁ, ତାଙ୍କର ସେ ଆଶା ପାଣିର ଗାର ହୋଇ ରହେ । ନିଃଶ୍ୱାସଟିଏ ମାରି ସେମାନେ ଭୋକ ଉପାସରେ ପୁଣି ଜୀବିକା ଖୋଜି ବୁଲନ୍ତି ।

ଅବଶ୍ୟ ଯାହାକୁ ପରିଶ୍ରମ କରି ଆସେ, ଦୁନିଆରେ ତା ପେଟ ଅପୋଷା ରହେ ନାହିଁ । ଆଜି ଏଠାରୁ ଜୀବିକା ଉଠିଗଲେ କାଲି ସେ ଆଉ କେଉଁଠି ଜୀବିକା ଖଣ୍ଡିଏ ଅବଶ୍ୟ ଯୋଗାଡ଼ କରିପାରିବ । କିନ୍ତୁ ଟିକିଏ ଛଟପଟ, ଟିକିଏ ହଇରାଣ, ଟିକିଏ ଭୋକ ଉପାସ ତାକୁ ଅଲବତ୍ ସହିବାକୁ ହେବ ।

ଯେତେ କଲେ ମଧ୍ଯ ଦେଖାଯିବ, ସବୁବେଳେ ସମାଜରେ ଲକ୍ଷ ଲକ୍ଷ ଲୋକ ବେକାର ହୋଇ ବସିଛନ୍ତି । ବେପାରୀ ବ୍ୟବସାୟୀମାନେ ଯେତିକି ଇଚ୍ଛା ସେତିକି ଲୋକଙ୍କୁ ନିଯୁକ୍ତ କଲେ । ବାକି ଯେ ବଳିଲେ, ତାଙ୍କ ଲାଗି କାହାର ମୁଣ୍ଡ ବଥାଇଲା ନାହିଁ । ଅବଶ୍ୟ ଦେଶର ସରକାର କେତେ ଲୋକଙ୍କୁ ଚାକରୀ ଦିଅନ୍ତି, ମାତ୍ର ସେ ମଧ୍ଯ ସେହି ମାତ୍ର ଧରନ୍ତି । ତାଙ୍କର ଯେତିକି ଲୋକ ଦରକାର, ସେ ସେତିକି ଲୋକ ମୁକରର କରି ବାକୀମାନଙ୍କର ସୁବିଧା ଅସୁବିଧା କଥା ସେ ମଧ୍ଯ ବୁଝିବାକୁ ପ୍ରୟୋଜନ ମନେ କରନ୍ତି ନାହିଁ ।

ମୋଟ ଉପରେ ସମାଜରେ ଅକର୍ମୀ ଦଳ ସବୁବେଳେ ହା ହୁତାଶ ହୋଇ ବୁଲୁଥାନ୍ତି । ସମାଜ ଏମାନଙ୍କ ପାଇଁ କଣ କରେ ? ସମାଜ ଯଦି ଏମାନଙ୍କ ପାଇଁ କିଛି ନ କରିବ, ତେବେ ପଶୁ ସମାଜଠାରୁ ମନୁଷ୍ୟ ସମାଜ କେଉଁ ଗୁଣରେ ଉତ୍କୃଷ୍ଟ ହେବ ? ମନୁଷ୍ୟକୁ ଆଉ ସାମାଜିକ ଜୀବ ବୋଲି କାହିଁକି କହିବା ?

ଶ୍ରମିକ ଦିନରାତି ଖଟି ବ୍ୟବସାୟୀର ବ୍ୟବସାୟ ତୁଲାଇବ, କିନ୍ତୁ କାମ କରୁ କରୁ ଯଦି କଳରେ ପଶି ତାର ହାତଟାଏ ବା ଗୋଡ଼ଟାଏ କଟିଗଲା ବା ସେ ନିଜେ ଯଦି ମରିଗଲା, ତେବେ ତାର ବା ତା ପରିବାରର ସର୍ବସ୍ୱ ଗଲା । ସେ ଆସିଥିଲା କାମ କରିବାକୁ । କଳ କାରଖାନା ତ ସେ ନିଜେ ନିଜ ପାଇଁ ଗଢ଼ି ନାହିଁ । ଏଥିରେ ଯଦି ତାର ଆପଦ ଘଟିଲା, ସମାଜ ତାର ଏ ବିପଦ ଲାଗି କି କ୍ଷତିପୂରଣ ଦିଏ ?

ଏ ସବୁ ନ ହୋଇ ସୁଦ୍ଧା ଶ୍ରମିକର ପରିଶ୍ରମ ତ ତାର ସର୍ବସ୍ୱ । ସେ ନିଜେ ଯଦି ବେମାର ପଡ଼ିଲା, ମାସ ମାସ ଧରି ତାର ପିଲାଏ ଖାଇବେ କଣ, ତାର ଚିକିତ୍ସା ଲାଗି ପଇସା ଆସିବ କେଉଁଠୁ ? କାମ ନ କଲେ ତ ଶ୍ରମିକ ମଜୁରି ନ ପାଏ । ବେମାର ପଡ଼ିଲେ କିଏ ଅବା ତାର ପିଠିରେ ପଡ଼ିବ ?

ପୁନଶ୍ଚ, ସବୁ ଭଲରେ ଥାଇ ଶ୍ରମିକ ଦିନସନ୍ଧ କଳ ପାଖରେ ବସି ଘଡ଼୍ ଘଡ଼୍ କରି ମେସିନ ଚଳାଇ ଜୀବନଟାକୁ ଦୁର୍ବିସହ ଭାବରେ କଟାଇଲା । ତାର ଜୀବନରେ ଅଉ ସୁଖ ସ୍ୱାଚ୍ଛନ୍ଦ୍ୟ କଣ ରହିଲା ? ସଂସାରରେ ତ ପେଟ ପୋଷିବା ଖାଲି ବଡ଼ କଥା ନୁହେଁ, ଜୀବନରେ ଖୁସିବାସି, ଆମୋଦ ପ୍ରମୋଦର ତ ଟିକିଏ ମୂଲ୍ୟ ଅଛି । ପୁଞ୍ଜିବାଦ ପଦ୍ଧତିରେ ବ୍ୟବସାୟୀ ଯଦି ମଟର ଚଢ଼ି ମଉଜ କରି ବୁଲିବ, ଶ୍ରମିକ କାହିଁକି ମୋଟା ଭାତ ମୁଠାଏ ଖାଇ କଳ ପାଖରେ ବସି ଦିନରାତି କଳା ଭୂତ ପରି ମେସିନ ଚଳାଇବ ? ଗୋଟିଏ ବ୍ୟବସାୟରେ ମୂଳଧନ ଓ ପରିଶ୍ରମ ଏ ଦୁଇଟି ଜିନିଷ ଲୋଡ଼ା । ଯେ ମୂଳଧନ ଦେଲା ସେ ମଉଜ କରି ବୁଲିଲା । ବାକି ଯେ ଦେହର ରକ୍ତ ପାଣି କଲା, ସେ କାହିଁକି ପଶୁ ପରି ଜୀବନଯାପନ କରିବ ?

ପୁଣି ସମାଜରେ ବେଶି ଭାଗ ତ ଶ୍ରମିକଶ୍ରେଣୀର । ସେମାନେ ସମସ୍ତେ ଯଦି ଦୁଃଖରେ ଦିନ କାଟିବେ, ତେବେ ଖାଲି କେତେ ଜଣ ଧନୀ ବ୍ୟବସାୟୀ ସୁଖରେ ଦିନ କାଟିଲେ କଣ ସମାଜର ପ୍ରଗତି ହେଲା ?

ଅତଏବ ଯେଉଁ ପଦ୍ଧତିରେ ସମାଜରେ ଏତେ ଲୋକଙ୍କର ଅଭାବ ଦୁର୍ଦ୍ଦିନ, ସେଥିରେ ଅନ୍ୟାନ୍ୟ କେତେକ ସୁଯୋଗ ସୁବିଧା ଥିଲେ ମଧ୍ୟ ତାହା ସ୍ପୃହଣୀୟ ନୁହେଁ । ଏପରି କେତେ ପୁଞ୍ଜିପତି ଅଛନ୍ତି, ଯେଉଁମାନଙ୍କର ଦୈନିକ ଆୟ କୋଟି କୋଟି ଟଙ୍କା । ସେମାନେ ଏତେ ଟଙ୍କା ପାଆନ୍ତି ଯେ, କିପରି ତାହା ଖର୍ଚ୍ଚ କରିବେ ତାର ବାଟ ପାଆନ୍ତିନାହିଁ । ଯେଉଁ ପଦ୍ଧତିର ପରିଣାମ ଏପରି, ସେ ପଦ୍ଧତିକୁ ବଦଳାଇବା ଆଜି ମାନବ ସମାଜପକ୍ଷରେ ଗୋଟିଏ ଜରୁରି ସମସ୍ୟା ।

ଏ ପଦ୍ଧତିକୁ ବଦଳାଇ ସମାଜ ପକ୍ଷରେ ଆଜି କି ପନ୍ଥା ଅବଲମ୍ବନ କରିବା ସମ୍ଭବ, ତାହା ପରବର୍ତ୍ତୀ ଅଧ୍ୟାୟରେ ଆଲୋଚିତ ହେବ ।

ବର୍ତ୍ତମାନ ଦେଖାଯାଉ, ପୁଞ୍ଜିବାଦର ଗଣ୍ଡୀ ମଧ୍ୟରେ ଥାଇ ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ କି ବ୍ୟବସ୍ଥା କରାଯାଇଅଛି ।

ଅଧିକାଂଶ ଦେଶରେ ସରକାରଙ୍କର କରଧାର୍ଯ୍ୟ ପଦ୍ଧତିଦ୍ୱାରା ଉପର ଲିଖିତ ବୈଷମ୍ୟର କଥଞ୍ଚିତ୍ ପ୍ରତିକାର କରାହୁଏ । କରଧାର୍ଯ୍ୟ ନୀତିକୁ ଏପରି ଭାବରେ ନିୟନ୍ତ୍ରିତ କରାଯାଏ, ଯେପରି ଦେଶର ଅଧିକାଂଶ କର ଧନୀ ଲୋକଙ୍କଠାରୁ ଆସିବ ଓ ତହିଁର ଉପୂଲ ଖଜଣା ଅଧିକାଂଶ ଗରିବ ଲୋକଙ୍କ ସେବାରେ ଲାଗିବ । ଏହି ଉଦ୍ଦେଶ୍ୟରେ ଦେଶର ଆୟକର ପ୍ରାୟ ଧନୀଲୋକମାନଙ୍କଠାରୁ ଆଦାୟ ହୁଏ । ଯେଉଁମାନଙ୍କର ଆୟ ଖୁବ୍ କମ୍, ସେମାନଙ୍କ ଆୟକର ଦେବାକୁ ପଡ଼େ ନାହିଁ । ଯେଉଁମାନଙ୍କ ଆୟ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପରିମାଣରୁ ବେଶି ହୁଏ, ସେହିମାନଙ୍କଠାରୁହିଁ ଆୟକର ନିଆ ହୁଏ । ପୁଣି ଯାହାର ଆୟ ଯେତେ ବେଶି, ତାଠାରୁ ସେତେ ବେଶି ଦରରେ ଆୟକର ନିଆ ହୁଏ । ଯେଉଁମାନେ ବହୁତ ବହୁତ ଆୟ କରନ୍ତି, ସେମାନଙ୍କୁ ଟଙ୍କାରେ ପ୍ରାୟ ବାରଅଣା ପର୍ଯ୍ୟନ୍ତ ଆୟ-କର ଦେବାକୁ ହୁଏ । କାରଣ ଗୋଟାଏ ନିର୍ଦ୍ଦିଷ୍ଟ ସୀମାରୁ ବେଶି ଟଙ୍କା ଯେଉଁ ଲୋକ ରୋଜଗାର କରେ, ତା ପକ୍ଷରେ ଟଙ୍କାର ମୂଲ୍ୟ କିଛି ନୁହେଁ । ତେବେ ଏଠାରେ ପ୍ରଶ୍ନ ଉଠିପାରେ, ତାହା ହେଲେ ଟଙ୍କାକେ ପୁରା ଟଙ୍କାଏ କାହିଁକି ନିଆ ନ ହୁଏ ? ତାହାର ଉତ୍ତର ଏହି ଯେ, ଟଙ୍କାକରୁ ଟଙ୍କାଟିଯାକ ଯଦି ସରକାର ନେଇଯିବ, ତେବେ ଲୋକର ରୋଜଗାର କରିବା ପ୍ରବୃତ୍ତି ଆଉ ରହିବ ନାହିଁ ।

ପୁଣି ଉନ୍ନତ ଦେଶମାନଙ୍କରେ ବିଧାନ ଅଛି, ଯେଉଁମାନେ ଜମିରୁ ବା ଘରଭଡ଼ାରୁ ଆୟ ପାଆନ୍ତି, ସେମାନଙ୍କୁ ଅଧିକ ଉଚ୍ଚ ଦରରେ ଆୟକର ଦେବାକୁ ହୁଏ । କାରଣ ଜମିଦାର ବା ଘରମାଲିକ ଘରେ ବସି ବସି ଯେଉଁ ଖଜଣା ବା ଭଡ଼ା ଆଦାୟ କରେ, ସେଥିପାଇଁ ତାକୁ ପରିଶ୍ରମ କରିବାକୁ ପଡ଼େ ନାହିଁ । ବିନା ପରିଶ୍ରମଲବ୍ଧ ଆୟ ଉପରେ

ବେଶି ହାରରେ କର ଦେଲେ ତାକୁ ସେତେ ବାଧିବାର କଥା ନୁହେଁ । ଆମ ଦେଶରେ ଏ ପ୍ରଥା ନାହିଁ, କିନ୍ତୁ କୃଷିଆୟ ଉପରେ ନୂଆକରି ଆୟକର ବସିବାର ପ୍ରସ୍ତାବ ଅନେକ ପ୍ରଦେଶରେ ଗୃହୀତ ହୋଇଛି ଓ ବହାରରେ ତାହା କାର୍ଯ୍ୟକାରୀ ହୋଇ ସାରିଲାଣି ।

କେତେକ ଦେଶରେ ମୃତ୍ୟୁଶୁଲ୍କ ପ୍ରଭୃତି ଏହି ଧରଣର ଅନ୍ୟାନ୍ୟ କର ଅଛି, ଯାହା କେବଳ ବଡ଼ଲୋକମାନଙ୍କଠାରୁ ଆଦାୟ ହୁଏ । ମଟର ଗାଡ଼ି, ରେଡ଼ିଓ ପ୍ରଭୃତି ବିଳାସ ଦ୍ରବ୍ୟମାନଙ୍କ ଉପରେ ଯେଉଁ କର ସବୁ ବସେ, ତାର ଉଦ୍ଦେଶ୍ୟ କେବଳ ଧନୀଲୋକଙ୍କଠାରୁ ଆଦାୟ କରିବା । କାରଣ ଏହିମାନେହିଁ ଏହି ସବୁ ବିଳାସଦ୍ରବ୍ୟ ବ୍ୟବହାର କରିଥାନ୍ତି ।

ଏହି କରଦ୍ୱାରା ଲବ୍ଧ ଅର୍ଥକୁ ଏପରି ବ୍ୟୟ କରିବାକୁ ହେବ, ଯେପରି ତାହା ଗରିବମାନଙ୍କର ବେଶି କାର୍ଯ୍ୟରେ ଆସିବ । ଦେଶରେ ଦାତବ୍ୟ ଚିକିତ୍ସାଳୟ, ସ୍କୁଲ, ନାଳ ଆଦି ଜନହିତକର କାର୍ଯ୍ୟ ଯେତେ ହେବ, ତାହା ବେଶି ଗରିବମାନଙ୍କର ସେବାରେ ଆସିବ । ଏହି ପନ୍ଥାରେ ଧନୀଲୋକମାନଙ୍କର ବଳକା ଅର୍ଥ ଗରିବମାନଙ୍କ ସେବାରେ ବ୍ୟୟ କରାହୋଇପାରେ ।

କେତେକ ଦେଶରେ ଆହୁରି ମଧ୍ୟ ବ୍ୟବସ୍ଥା ଅଛି ଯେ, ଦେଶରେ ଯେତେ ଅକର୍ମଣ୍ୟ ବୃଦ୍ଧ ଲୋକ ଅଛନ୍ତି, ସରକାର ସେ ସମସ୍ତଙ୍କୁ ପେନ୍‌ସନ ଦେବେ । ତାହାହେଲେ ମଧ୍ୟ ଗରିବ ଶ୍ରେଣୀର ଉପକାର ହେବ । ଏହି ଦେଶମାନଙ୍କରେ ବେକାର ବା ରୁଗ୍‌ଣ ଶ୍ରମିକର ଚଳିବା ଓ ଚିକିତ୍ସା ପାଇଁ ଭତ୍ତା ଦେବାର ବ୍ୟବସ୍ଥା ଅଛି । ବିଲାତରେ ଏ ସବୁର ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ଭାବରେ ରହିଛି ।

ଶ୍ରମିକ ଆଇନଦ୍ୱାରା ଶ୍ରମିକ ସମସ୍ୟାର ମଧ୍ୟ କେତେକ ସମାଧାନ ହୁଏ । ଶ୍ରମିକମାନେ ସାପ୍ତାହିକ କେତେ ଘଣ୍ଟା କାମ କରିବେ

ତାହା ଆଇନଦ୍ୱାରା ଧାର୍ଯ୍ୟ ହୁଏ । ସେଥିରୁ କୌଣସି ବ୍ୟବସାୟୀ କୌଣସି ଶ୍ରମିକକୁ ବେଶି ଖଟାଇପାରିବ ନାହିଁ । ସ୍ତ୍ରୀ ଲୋକମାନେ କିପରି କିପରି ସର୍ତ୍ତରେ କାମ କରିବେ, ତାହା ମଧ୍ୟ ସ୍ଥିର ହୁଏ । ସ୍ତ୍ରୀମାନେ ରାତିରେ କାମ କରିବେ ନାହିଁ, ଖଣି ଭିତରେ ପଶି କାମ କରିବେ ନାହିଁ, ତାଙ୍କର ପୋଖଣା ହେବା ସମୟରେ ପୁରା ବେତନରେ ଛୁଟି ପାଇବେ ଓ ତାଙ୍କର ସାହାଯ୍ୟ ପାଇଁ ଧାଈ ନିଯୁକ୍ତ କରାଯିବ– ଏ ସବୁ ବ୍ୟବସ୍ଥା ଆଇନ ବଳରେ କରାହୁଏ । ପିଲାମାନେ କେତେ ବର୍ଷ ନ ହେବାଯାଏ କଳ କାରଖାନାରେ କାମ କରିବେ ନାହିଁ, ଏହା ମଧ୍ୟ ଆଇନ ବଳରେ ସ୍ଥିର ହୁଏ । କାରଣ, ତାଙ୍କର ତ ପୁଣି ଭବିଷ୍ୟତ ଅଛି । ପିଲାଟି ଦିନୁଁ କୁଲି ପରି ଖଟିଲେ ଭବିଷ୍ୟତକୁ ସେମାନେ ସୁସ୍ଥ ସବଳ ହେବେ କିପରି ?

ଶ୍ରମିକ ଓ ଶ୍ରମିକାମାନଙ୍କୁ ମାସକରେ କେତେ ଦିନ ଛୁଟି ମିଳିବ ଓ ତାଙ୍କୁ ବେତନ କିପରି ନଗଦ ନଗଦ ମିଳି ଯାଉଥିବ, ତାହା ମଧ୍ୟ ଆଇନରେ ସ୍ଥିର ହୁଏ । ବେମାର ପଡ଼ିଲେ ତାଙ୍କର ଚିକିତ୍ସାର ମଧ୍ୟ ବ୍ୟବସ୍ଥା ହୁଏ ।

ପୁଣି ସରକାରଲୋକେ ପ୍ରତି କଳ କାରଖାନା ବୁଲି ତହିଁରେ ଶ୍ରମିକମାନଙ୍କ ନିରାପଦତା ଲାଗି ବ୍ୟବସ୍ଥା ହୋଇଛି କି ନାହିଁ ପରୀକ୍ଷା କରି ଦେଖନ୍ତି । କୌଣସି ଦୋଷାଦୋଷ ଥିଲେ, ଶ୍ରମିକମାନଙ୍କର କଳରେ ହାତ ଗୋଡ଼ କଟିଯିବାର ସମ୍ଭାବନା ଥିଲେ, ସେମାନେ କଳ ଚାଲୁ ହେବାକୁ ଅନୁମତି ଦିଅନ୍ତି ନାହିଁ ।

ଏହାଛଡ଼ା ଆଇନରେ ମଧ୍ୟ ବ୍ୟବସ୍ଥା ହୁଏ ଯେ, କୌଣସି ଶ୍ରମିକ କାରଖାନାରେ କାମ କରୁଥିଲାବେଳେ କୌଣସି ଆକସ୍ମିକ କାରଣରୁ ତାର ହାତ ବା ଗୋଡ଼ କଟିଗଲେ କିମ୍ବା ସେ ଆଘାତ ପାଇ

ମରିଗଲେ, ବ୍ୟବସାୟୀ ତାକୁ ପୂର୍ଣ୍ଣ କ୍ଷତିପୂରଣ ଦେବାକୁ ବାଧ୍ୟ ହୁଏ । ସରକାର ତରଫରୁ ଏହା ଅଦାୟ ହୋଇ ଶ୍ରମିକଙ୍କୁ ବା ତାର ପରିବାରକୁ ଦିଆଯାଏ ।

ଏହାଛଡ଼ା ପ୍ରତ୍ୟେକ କଳ କାରଖାନାରେ ଭଲ କୁଅ, ପାଇଖାନା ଓ ଆଲୁଅର ବନ୍ଦୋବସ୍ତ ଯେପରି ରହିବ, ସେ କଥା ସରକାର ପକ୍ଷରୁ ତଦନ୍ତ କରିବାକୁ ଲୋକ ରହନ୍ତି ।

ପ୍ରାୟ ସବୁ ଦେଶରେ ଶ୍ରମିକମାନଙ୍କର ଅବସ୍ଥା, ପାରିଶ୍ରମିକ ଓ ଅନ୍ୟାନ୍ୟ ସୁବିଧା ବିଷୟରେ ବ୍ୟବସାୟୀମାନଙ୍କ ସହିତ ସନ୍ଧି ସ୍ଥିର କରିବା ନିମନ୍ତେ ଶ୍ରମିକ ସଂଘ ସବୁ ଗଢ଼ା ହୋଇଛି । ଯଦି କୌଣସି କାରଖାନା ବା ବ୍ୟବସାୟର ମାଲିକମାନେ କୌଣସି ଅନ୍ୟାୟ ବ୍ୟବହାର କରନ୍ତି ଅଥବା ଶ୍ରମିକମାନଙ୍କର ବେତନ ଊଣା କରନ୍ତି କିମ୍ବା ଶ୍ରମିକମାନଙ୍କର ବେତନ ବୃଦ୍ଧିର ପ୍ରୟୋଜନୀୟତା ସ୍ଥଳେ ବେତନ ବୃଦ୍ଧି କରିବାକୁ କୁଣ୍ଠା ପ୍ରକାଶ କରନ୍ତି, ସେତେବେଳେ ଏମାନେ ଷ୍ଟ୍ରାଇକ୍ ବା ଧର୍ମଘଟ ଘୋଷଣା କରି ଶ୍ରମିକମାନଙ୍କୁ କାର୍ଯ୍ୟରୁ ବନ୍ଦ ରଖନ୍ତି । ଧର୍ମଘଟ କଲେ ଅବଶ୍ୟ ଶ୍ରମିକମାନେ କିଛି ବେତନ ନ ପାଇ ହଇରାଣ ହୁଅନ୍ତି, ମାତ୍ର ଧର୍ମଘଟଦ୍ୱାରା କାର୍ଯ୍ୟ ବନ୍ଦ ହୋଇଗଲେ, ବ୍ୟବସାୟୀମାନଙ୍କର ଦିନ ଦିନକୁ ବହୁ ଲୋକସାନ ହୁଏ । ତେଣୁ ଧର୍ମଘଟରେ ଶ୍ରମିକମାନଙ୍କ କ୍ଷତିଠାରୁ ବ୍ୟବସାୟୀମାନଙ୍କର କ୍ଷତି ବେଶି । ଦେଶରେ ଏହିପରି ଶ୍ରମିକ ସଂଘ ରହିଲେ ବ୍ୟବସାୟୀମାନେ ମଧ୍ୟ ମୂଳରୁ ଏସବୁ ବିଷୟରେ ସାବଧାନତାସହ ଶ୍ରମିକମାନଙ୍କର ସୁବିଧା ଦେଖିବାରେ ତତ୍ପର ହୁଅନ୍ତି ।

ପ୍ରଥମେ ପ୍ରଥମେ ଯେତେବେଳେ ଶ୍ରମିକ-ସଂଘଗୁଡ଼ିକର ସୃଷ୍ଟି ହେଲା, ସେତେବେଳେ ପ୍ରତ୍ୟେକ ଦେଶର ସରକାର ସେଗୁଡ଼ିକୁ ବେଆଇନ ଘୋଷଣା କରି ନେତାମାନଙ୍କୁ ଦଣ୍ଡିତ କରୁଥିଲେ । କିନ୍ତୁ ଏବେ ପ୍ରାୟ ସବୁ ଦେଶର ସରକାର ଉକ୍ତ

ସଂଘସବୁକୁ ଆଇନସଂଗତ ବୋଲି ମାନିଲେଣି ଓ ତା ଦେଖାଦେଖି ବ୍ୟବସାୟୀମାନେ ପ୍ରାୟ ସବୁଠାରେ ମାଲିକସଂଘ ସୃଷ୍ଟି କଲେଣି । ଶ୍ରମିକମାନଙ୍କର ଅନେକ ଆପତ୍ତି ଅଭିଯୋଗ ଉକ୍ତ ଦୁଇ ସଂଘମଧ୍ୟରେ ସ୍ଥିର ହୁଏ ।

କେତେକ ସ୍ଥଳରେ, କେତେକ ବ୍ୟବସାୟରେ ଶ୍ରମିକ ଓ ବ୍ୟବସାୟୀ ଉଭୟଙ୍କର ମିଳିତ ସଂଘ ମଧ୍ୟ ଥାଏ । ତାହା ଫଳରେ ଅନେକ ସ୍ଥଳରେ ଶ୍ରମିକମାନଙ୍କର ଆପତ୍ତି ଅଭିଯୋଗ ବିଶେଷ ସୁବିଧାର ସହିତ ଶୁଣାଯାଇପାରେ ।

କେତେକ ସ୍ଥଳରେ କର୍ମୀମାନଙ୍କୁ ତାଙ୍କର କେତେ ବର୍ଷ ଚାକିରି ହେଲେ ତାଙ୍କୁ ବ୍ୟବସାୟରୁ କେତୋଟି ଅଂଶ ବୋନସ୍ ସ୍ୱରୂପ ଦିଅ ହୁଏ । ତେଣୁ ପରିଚାଳନା ସଂଘରେ ସେମାନେ ସ୍ଥାନ ପାଆନ୍ତି । କୌଣସି କୌଣସି ସ୍ଥଳରେ ଏପରି ନ ହୋଇ ସୁଦ୍ଧା କର୍ମଚାରୀମାନଙ୍କୁ ବେତନ ଛଡ଼ା, ବ୍ୟବସାୟରେ ଉତ୍ପନ୍ନ ହେଉଥିବା କେତେକ ଜିନିଷ ବିନା ମୂଲ୍ୟରେ ଦିଆଯାଏ । କେଉଁଠାରେ ଅବା ବର୍ଷ ଶେଷରେ ବ୍ୟବସାୟର ଲାଭ କ୍ଷତି ହିସାବ ସରିଲେ କର୍ମୀମାନଙ୍କୁ ଲାଭରୁ କେତେକ ଅଂଶ ଦିଆଯାଏ ।

ମାତ୍ର ଉପରେ ଯେତେ ଯେତେ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ବର୍ଣ୍ଣିତ ହେଲା, ସେ ସବୁର ବିଧାନ କରାଗଲେ ସୁଦ୍ଧା, ପୁଞ୍ଜିବାଦ ପଦ୍ଧତିରେ ସମାଜରେ ଏକପକ୍ଷରେ ମୁଷ୍ଟିମେୟ କେତେକ ପ୍ରଚୁର ଧନଶାଳୀ ଲୋକ ଏବଂ ପକ୍ଷାନ୍ତରେ ଦରିଦ୍ର ଓ ବେକାର ଲୋକଙ୍କର ଆଧିକ୍ୟ ସର୍ବଥା ଦେଖାଯାଏ । ତେଣୁ ବହୁ ଚିନ୍ତାଶୀଳ ମନୀଷୀ ଏ ପଦ୍ଧତିର ସମ୍ପୂର୍ଣ୍ଣ ପରିବର୍ତ୍ତନର ପକ୍ଷପାତୀ । ଏସବୁ କାରଣରୁ କେତେ କେତେ ସ୍ଥଳରେ ପୁଞ୍ଜିବାଦର ସମ୍ପୂର୍ଣ୍ଣ ପରିବର୍ତ୍ତନର ଉଦ୍ୟମ କରାଯାଇଅଛି । ସବୁଠାରେ ଏହାର ଫଳ ସମ୍ପୂର୍ଣ୍ଣ ଆଶାଜନକ ହୋଇ ନ ଥିଲେହେଁ କେତେକ

ସ୍ଥଳରେ ଆଂଶିକ କଲ୍ୟାଣ ହେବାର ଦେଖାଯାଇଅଛି । କୌଣସି ଗୋଟିଏ ପଦ୍ଧତି ସମ୍ପୂର୍ଣ୍ଣ ଫଳବତୀ ହେବାର ଏ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୋଇ ନାହିଁ । ତେଣୁ ମାନବ ଜାତି ଅନ୍ଧକାରରେ ବାଡ଼ ବୁଲାଇବା ପରି ସବୁବେଳେ ନୂଆ ନୂଆ ମାର୍ଗ ଖୋଜି ବୁଲୁଛି ।

## ପଞ୍ଚମ ପରିଚ୍ଛେଦ

# ପୁଞ୍ଜିବାଦର ମୌଳିକ ଦୁର୍ବଳତା

—ଏକ—

ପୁଞ୍ଜିବାଦର ଉପରଲିଖିତ କୁଫଳ ଛଡ଼ା କେତେକ ମୌଳିକ ଦୁର୍ବଳତା ମଧ୍ୟ ଅଛି । ପୁଞ୍ଜିବାଦର ମୂଳ ଉଦ୍ଦେଶ୍ୟ ହେଉଛି, ସମାଜର ପ୍ରତ୍ୟେକ ଲୋକକୁ ଯେତେ ଦୂର ସମ୍ଭବ ସୁଲଭ ମୂଲ୍ୟରେ ସେମାନଙ୍କର ପ୍ରତ୍ୟେକ ପ୍ରୟୋଜନୀୟ ଦ୍ରବ୍ୟ ଓ ସେବା ଯୋଗାଇବା । ଏହାର ପ୍ରୟୋଜନୀୟତାକୁ ଛାଡ଼ି ଦିଆଯାଇଛି ପ୍ରତ୍ୟେକ ବ୍ୟବସାୟୀର ସ୍ୱାର୍ଥ ଉପରେ । ଏପରି କରିବାର ଉଦ୍ଦେଶ୍ୟ ଏହି ଯେ, ମଣିଷ ନିଜ ସ୍ୱାର୍ଥ ଲାଗି, ନିଜର ପରିବାରର ସୁଖସ୍ୱାଚ୍ଛନ୍ଦ୍ୟ ଲାଗି ଯେତେ ଉଦ୍ୟମ କରିବ, ଅନ୍ୟ କୌଣସି ଉଦ୍ଦେଶ୍ୟରେ ସେତେ ଉଦ୍ୟମ କରିବ ନାହିଁ । ଆଶା କରାଯାଏ, ପ୍ରତ୍ୟେକ ଲୋକ ନିଜର ସ୍ୱାର୍ଥ ପାଇଁ ବ୍ୟବସାୟ ଖୋଜି ବସିଲେ, ତାର ସବୁଠାରୁ ଯେଉଁଥିରେ ବେଶି ଦକ୍ଷତା, ସେଥିରେ ସେ ନିଜକୁ ନିୟୋଜିତ କରିବ । କାରଣ, ସେ ଏହା ନ କଲେ ଯେଉଁମାନେ ତାହାଠାରୁ ଦକ୍ଷ, ସେମାନଙ୍କ ପ୍ରତିଯୋଗିତା ଫଳରେ ସେ

ଉକ୍ତ ବ୍ୟବସାୟରେ ଛଡ଼ିପାରିବ ନାହିଁ । ପ୍ରତ୍ୟେକ ଲୋକ ତାର ନିଜର ଯୋଗ୍ୟତାମୂଳକ ବ୍ୟବସାୟ ଧରିଲେ, ମୋଟ ଉପରେ ସମାଜରେ ପ୍ରତ୍ୟେକ ବ୍ୟବସାୟ ସୁଚାରୁରୂପେ ଚାଳିତ ହେବ ଓ ଦେଶର ସମ୍ପଦ ବଢ଼ିଯିବ ।

ଏହି ଉଦ୍ଦେଶ୍ୟରେ ବହୁ କାଳ ଧରି ଇଉରୋପ ପ୍ରଭୃତି ଉନ୍ନତ ଦେଶମାନଙ୍କରେ ସମାଜ ବା ଶାସନତନ୍ତ୍ର ପୁଞ୍ଜିବାଦକୁ ପ୍ରଶ୍ରୟ ଦେଇ ଆସୁଥିଲେ । ସମାଜର ହସ୍ତକ୍ଷେପ ଫଳରେ ପୁଞ୍ଜିବାଦର ପ୍ରୟୋଜନୀୟତା ବିକୃତ ହୋଇ ଉଠିବ ବୋଲି ସେକାଳରେ ବିଶ୍ୱାସ ଥିଲା । ପ୍ରତ୍ୟେକ ବ୍ୟବସାୟୀର ପୂର୍ଣ୍ଣ ଅର୍ଥନୈତିକ ସ୍ୱାଧୀନତା ସମାଜର ସମୃଦ୍ଧି କଲ୍ୟାଣର ହେତୁ ବୋଲି ସର୍ବବାଦୀସମ୍ମତ ତଥ୍ୟରୂପେ ପ୍ରତ୍ୟେକ ଶାସନତନ୍ତ୍ର ମାନି ଆସୁଥିଲେ । ଏପରି କି ୧୯୧୦ ସାଲରେ ମାନ୍ଦ୍ରାଜ ସରକାର କେତେକ ବ୍ୟବସାୟରେ ସହାୟତା କରିଥିବାରୁ ବିଲାତରୁ ଭାରତସଚୀବ ବାରଣ କରି ପଠାଇଥିଲେ । ଦେଶ ବିଦେଶରେ ଏହି ନୀତି ଊନବିଂଶ ଶତାବ୍ଦୀର ପ୍ରାୟ ଶେଷ ପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ ପ୍ରଚଳିତ ଥିଲା ।

ବସ୍ତୁତଃ ପୁଞ୍ଜିବାଦ ଫଳରେ ଇଂଲଣ୍ଡର ସମୃଦ୍ଧି ଆର୍ଥିକ ଉନ୍ନତି ସମ୍ଭବ ହୋଇଅଛି । ଲାଭ ଆଶାରେ ବିଶେଷଜ୍ଞମାନେ ଓ ବ୍ୟବସାୟୀମାନେ ନୂଆ ନୂଆ ପନ୍ଥା ଆବିଷ୍କାର କରିବାରେ ପ୍ରାଣପଣ ଉଦ୍ୟମ କରି ସେ ଦେଶର ମୁଖ ଉଜ୍ଜ୍ୱଳ କରିପାରିଛନ୍ତି । ଆମେରିକାରେ ମଧ୍ୟ ପୁଞ୍ଜିବାଦ ପଦ୍ଧତିର ଅନୁସରଣ ଫଳରେ କଳ, କାରଖାନା, ଶସ୍ୟକ୍ଷେତ୍ର, ଗୋଚାରଣ ଓ ପଶୁଚାରଣ କ୍ଷେତ୍ର ଏପରି ପରିମାଣରେ ବୃଦ୍ଧିଲାଭ କରିଛି ଯେ, ଏହା ପୃଥିବୀରେ ସବୁଠାରୁ ଧନୀ ଦେଶ ହୋଇ ଉଠିଛି ।

କିନ୍ତୁ ବର୍ତ୍ତମାନ ସମୟକୁ ପୁଞ୍ଜିବାଦର ଅଧିକାଂଶ ପ୍ରୟୋଜନୀୟତାର ମୂଲ୍ୟ ଚାଲିଯାଇଛି । ପ୍ରଗତି ଫଳରେ ଅଳ୍ପ ଗୋଟିଏ ଗୋଟିଏ ବ୍ୟବସ୍ଥାୟ କରିବା ଏତେ ବ୍ୟୟସାଧ୍ୟ ହୋଇ ଉଠିଛି

ଯେ, ଯେ କୌଣସି ଲୋକ ଯେ କୌଣସି ବୃତ୍ତିରେ କେବଳ ଦକ୍ଷ ହୋଇଥିଲେ ସେ ସେହି ବ୍ୟବସାୟରେ ନିଯୁକ୍ତ ହୋଇପାରୁ ନାହିଁ । ଅଥବା ଯଦି ସେ କଥଞ୍ଚିତ୍ ଛୋଟ ଧରଣର ବ୍ୟବସାୟ ଗଢ଼ିବାକୁ ଯାଉଛି, ବିଶାଳ ବିଶାଳ କମ୍ପାନୀମାନଙ୍କ ପ୍ରତିଯୋଗିତାରେ ତାର ମୂଳଧନ ରସାତଳଗତ ହେଉଛି । ପୁଣି ସେ ଯେତେ ଦକ୍ଷ ହେଉ ନା କାହିଁକି, ବିଶାଳ କାରଖାନାମାନଙ୍କ ସହିତ ପ୍ରତିଯୋଗିତା କରି ସେ କାହିଁ ଶସ୍ତାରେ ଜିନିଷ ଯୋଗାଇପାରିବ ? ବଡ଼ ବଡ଼ କମ୍ପାନୀମାନେ ଯେତେ ଶସ୍ତାରେ କଞ୍ଚା ମାଲ କିଣିବେ, ସେ କାହିଁ ଅଳ୍ପ ମୂଳଧନରେ ଏତେ ଶସ୍ତାରେ କିଣିପାରିବ ? ବଡ଼ କାରଖାନାରେ କଞ୍ଚା ମାଲ ମୋଟଦରିଆ କାରବାରରେ ଅଳ୍ପ ନଷ୍ଟ ହୁଏ; କିନ୍ତୁ ଛୋଟ ବ୍ୟବସାୟୀର ପ୍ରାୟ ଅନେକ ଭାଗ କଞ୍ଚା ମାଲ ପୋକା, ସଢ଼ା, ଚିରି ବା ଫଟା ପଡ଼ିଥିବା ହେତୁରୁ ତ ନଷ୍ଟ ହୁଏ; ତା ଛଡ଼ା ଉପକରଣମାନଙ୍କରେ ଲାଗି ରହିଥିବାରୁ ହେଉ କମ୍ବା ଥରକୁ ଦୁଇ ଥର ମାପିବା ଫଳରେ ହେଉ ଅହରହ କେତେ ନଷ୍ଟ ହେବ । ପୁଣି ବଡ଼ କମ୍ପାନୀର କଳ ଚବିଶ ଘଣ୍ଟା ଚାଲେ; ବିଶେଷଜ୍ଞମାନେ ନୂଆ ନୂଆ ପନ୍ଥାରେ ପ୍ରତି ଦିନ ତାର ଉନ୍ନତି କରିପାରନ୍ତି । ଅଳ୍ପବିତ୍ତ ବ୍ୟବସାୟୀ କିପରି ସେମାନଙ୍କ ସହିତ ପ୍ରତିଯୋଗିତା କରିବ ?

ଫଳରେ ପୂର୍ବେ ଯେପରି ଯାହାର ଯେଉଁଥିରେ ଦକ୍ଷତା ଥିଲା ସେ ସେହି ବ୍ୟବସାୟ ଧରୁଥିଲା, ଆଜିକାଲି ସେ ସୁଯୋଗ ନ ଥିବାରୁ ଶିକ୍ଷିତ, ବୁଦ୍ଧିମାନ୍ ବା ପରିଶ୍ରମୀ ଲୋକଠାରୁ ଧନୀ ଓ ଉଦ୍ୟମୀ ଲୋକର ସୁବିଧା ଓ ସୁଯୋଗ ବେଶି ।

ଜଣେ ଲୋକ ଯଦି ଧନୀ ଘରେ ଜନ୍ମ ହେଲା, ତେବେ ସେ ସୁସ୍ଥ ସବଳ ହେଉ ବା ଛୋଟା କେମ୍ପା ହେଉ, ବୁଦ୍ଧିଆ ହେଉ ବା ନିବ୍ବୁଦ୍ଧିଆ ହେଉ, ଶିକ୍ଷିତ ହେଉ ବା ଅଶିକ୍ଷିତ ହେଉ, ବ୍ୟବସାୟର ବିଶାଳ ଦ୍ୱାର ତା ପାଇଁ ଉନ୍ମୁକ୍ତ । କିନ୍ତୁ ଦରିଦ୍ର ପରିବାରରେ ଯାହାର ଜନ୍ମ,

ସେ ଶିକ୍ଷିତ, ବୁଦ୍ଧିମାନ୍, ଗୁଣୀ ଓ ପରିଶ୍ରମୀ ସବୁ ହେଲେ ମଧ୍ୟ ତାର ଗୃହକର୍ମ କରିବା ଛଡ଼ା ଗତ୍ୟନ୍ତର ନାହିଁ । ଯେ ଧନୀ ଘରେ ଜନ୍ମ ହେଲା, ତାର ନିଜର କୃତିତ୍ୱ କଅଣ ? ଧନୀ ଘରେ ବା ଦରିଦ୍ର ଘରେ ଜନ୍ମ ହେବା ତ କାହା ହାତର କଥା ନୁହେ ! ଏହି ଜନ୍ମଗତ ଅଧିକାରର ଜୋରରେ ଯେଉଁ ସମାଜରେ ଗୁଣ ବା ପରିଶ୍ରମର ମୂଲ୍ୟ ନିରୂପଣ କରାଯାଏ, ସେ ସମାଜ ନ୍ୟାୟ ଉପରେ ପ୍ରତିଷ୍ଠିତ ବୋଲି କୁହାଯାଇ ପାରେ କି ?

ଆଉ ଟିକିଏ କଥାଟାକୁ ଅନୁଧ୍ୟାନ କଲେ ବୁଝାପିବ, ଧନୀ ଲୋକର ଅର୍ଥ କଣ ? ଯାହାର ବାପ ବା ଗୋସେଇଁବାପ ପରିଶ୍ରମ ଫଳରେ ଟଙ୍କା ଅର୍ଜି ରଖିଦେଇ ଯାଇଛି ସେହି ତ ଧନୀ ଲୋକ । ବାପ ବଡ଼ବାପର ପରିଶ୍ରମଗଚ୍ଛିତ ଧନରେ ଅପଦାର୍ଥ ନିରକ୍ଷର ପୁଅ ଗର୍ବିତ ହୋଇ ଉଠିବ କାହିଁକି ? ଜଗତରେ ସମସ୍ତେ ତ ପରିଶ୍ରମ କରୁଛନ୍ତି; ଜଣକର ବାପ ବଡ଼ବାପ ଏତେ ସମ୍ପତ୍ତି ରଖିଯିବାର ସୁଯୋଗ ପାଇବେ ବା କାହିଁକି ? ସମସ୍ତେ ପରିଶ୍ରମ କରୁଛନ୍ତି ସମାଜର ତୃପ୍ତିପାଇଁ ! ସମସ୍ତ ପରିଶ୍ରମର ଉତ୍ପନ୍ନ ଫଳ ଯଦି ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟା ଯାଆନ୍ତା, ତେବେ ଜଣେ ସଞ୍ଚି ରଖିବାର ସୁଯୋଗ ପାଆନ୍ତା କେଉଁଠାରେ ? ଜଣକର ଏତେ କାହିଁକି ଧନ ହେବ ଯେ ସେ ଖାଇପିଇ ପୁଣି ଅଜସ୍ର ସଞ୍ଚି ରଖିବ; ଆଉ ଜଣେ କାହିଁକି ଭୋକ ଉପାସରେ ରହିବ ? ଏହାର ଉତ୍ତରରେ କୁହାଯାଉଥିଲା ଯେ, ଜଣେ ଲୋକ ଯାହା ଆୟ କଲା ତାହା ଯଦି ସେ ବର୍ତ୍ତମାନ ନିଜର ସୁଖରେ ବ୍ୟୟ ନ କରି ଭବିଷ୍ୟତରେ ସେ ବା ତାର ସନ୍ତାନସନ୍ତତି ବ୍ୟୟ କରିବେ ବୋଲି ରଖିଦେଲା, ତାହାହେଲେ ବର୍ତ୍ତମାନ ବ୍ୟୟ କରିଥିଲେ ତାର ଯେଉଁ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ହୋଇଥାନ୍ତା ସେ ସବୁ ତ ସେ ତ୍ୟାଗ କଲା । ଏ ତ୍ୟାଗ ଫଳରେ ତା ମନରେ ଯେଉଁ ଅଶାନ୍ତି ହେଲା, ତାହା ଭବିଷ୍ୟତରେ ସେ ବା ତାର ସନ୍ତାନମାନେ ବ୍ୟୟ କରି ଯେଉଁ ଶାନ୍ତି ପାଇବେ ତାହା ସହିତ ସମାନ ବୋଲି ଭାବିବାରୁ ତ ସେ ଭବିଷ୍ୟତକୁ ରଖିଲା । ତେଣୁ

ବର୍ତ୍ତମାନର ସ୍ୱାର୍ଥତ୍ୟାଗ ପାଇଁ ସେ ଭବିଷ୍ୟତରେ ସୁଖୀ ହେବାରେ ଅସଙ୍ଗତ କଅଣ ହୋଇପାରେ ?

ଯୁକ୍ତି ହିସାବରେ ଅବଶ୍ୟ ଏହା ଅପାତ ଉପଭୋଗ୍ୟ ବୋଧ ହୋଇପାରେ । କିନ୍ତୁ ଏହା ସବର୍ତ୍ତରେ ଦେଖାଯାଏ ଯେ, ଯେଉଁମାନେ ସଞ୍ଚୟ କରନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଯଥେଷ୍ଟ ଭୋଗ ବିଳାସ ପରେ ବଳକା ଧନକୁ ଖର୍ଚ୍ଚ କରିବାର ବାଟ ପାଆନ୍ତି ନାହିଁ ବୋଲି ଏବଂ ଅନ୍ୟ କେତେକ ଇଚ୍ଛା ସଞ୍ଚୟରେହିଁ ତୃପ୍ତିଲାଭ କରନ୍ତି ବୋଲି ଧନ ସଞ୍ଚି ରଖନ୍ତି । ଏପରି ସ୍ଥଳେ ଭବିଷ୍ୟତରେ ଭୋଗ କରିବାପାଇଁ ବା ଭବିଷ୍ୟତ ବଂଶଧରଙ୍କୁ ସୁଖ ଦେବା ଉଦ୍ଦେଶ୍ୟରେ ସେମାନେ ବର୍ତ୍ତମାନ ସ୍ୱାର୍ଥ ତ୍ୟାଗ କଲେ ବୋଲି କହିବା ନିତାନ୍ତ ହାସ୍ୟାସ୍ପଦ କଥା । ଯେଉଁମାନେ ସଞ୍ଚନ୍ତି, ସେମାନେ ପ୍ରାୟ କିଛି ସ୍ୱାର୍ଥତ୍ୟାଗ କରନ୍ତି ନାହିଁ ।

ଆଗେ ଅର୍ଥନୀତିଜ୍ଞମାନେ କହୁଥିଲେ ଯେ, ଟଙ୍କା କରଜ ଲଗାଇଲେ ମହାଜନ ଯେଉଁ 'ସୁଧ' ନିଏ, ତାହା ତାର ବର୍ତ୍ତମାନର ସ୍ୱାର୍ଥତ୍ୟାଗ ଓ ଭବିଷ୍ୟତର ଅନିଶ୍ଚିତତା ଏହି ଦୁଇଟିର ମୂଲ୍ୟ । କିନ୍ତୁ କାଳକ୍ରମେ ଏ ଯୁକ୍ତି ବଦଳାଇବାକୁ ହେଲା । ସେମାନେ ବର୍ତ୍ତମାନ କହନ୍ତି ଯେ, ଯେଉଁମାନେ ନିଜର ଟଙ୍କାଟାକୁ ପରକୁ ବା ବ୍ୟାଙ୍କକୁ ଦିଅନ୍ତି ସେମାନେ ନିଜର ଟଙ୍କାଟାକୁ ଫେରିପାଇବାପାଇଁ ଯେଉଁ ଅପେକ୍ଷା କରି ବସନ୍ତି, 'ସୁଧ' ସେହି ଅପେକ୍ଷା କରି ବସିବାଟାର ମୂଲ୍ୟ ।

ସେ ଯାହା ହେଉ, ମାନବ ସମାଜ ନ୍ୟାୟ ଓ ଧର୍ମ ଉପରେ ପ୍ରତିଷ୍ଠିତ ବୋଲି ଯଦି କୁହାଯାଉଥାଏ, ତେବେ ଜଣେ ଖାଇବାକୁ ପାଉ ନ ଥିବା ବେଳେ ଆଉ ଜଣେ ସଞ୍ଚି ରଖିବାର ଅଧିକାର ପାଇବ କିଆଁ ?

ତେଣୁ ସାମ୍ୟବାଦୀମାନେ କହନ୍ତି, ଭବିଷ୍ୟତକୁ ଯେଉଁ ସମାଜ ଗଢ଼ା ହେବ, ସେଥିରେ ସଞ୍ଚି ରଖିବାପାଇଁ କୌଣସି

ବ୍ୟକ୍ତିବିଶେଷକୁ ଅଧିକାର ଦିଆଯିବ ନାହିଁ । ସମସ୍ତେ ପରିଶ୍ରମ କରିବେ ଏବଂ ପରିଶ୍ରମର ବିନିମୟରେ ସେମାନଙ୍କର ଯାହା ଯାହା ଲୋଡ଼ା କେବଳ ତାହା ପାଇବେ । ବ୍ୟବସାୟର ମୂଳଧନ ସ୍ୱରୂପ, ସଞ୍ଚିବାପାଇଁ ଯାହା ଲୋଡ଼ା, ସମାଜ ସବୁ ସଞ୍ଚିବ; ସମାଜ କଳ କାରଖାନା ଗଢ଼ିବ । ଦେଶବାସୀ କେବଳ ପରିଶ୍ରମ କରିବେ ଓ ଚଳିବେ । ସଞ୍ଚିବାର ସୁଯୋଗ କାହାରିକୁ ମିଳିବା ଉଚିତ ନୁହେ ।

—ଦୁଇ—

ଅନ୍ୟ ଗୋଟାଏ ଦିଗ ଦେଖାଯାଉ । ସମାଜରେ ସମସ୍ତେ ପରିଶ୍ରମ କରୁଛନ୍ତି ସମାଜର ତୃପ୍ତି ଲାଗି । କିନ୍ତୁ ସମସ୍ତେ ତ ଲାଭ ପାଇଁ ବାଣିଜ୍ୟ କରନ୍ତି । ଆଗରୁ କୁହାଯାଇଛି ଯେ, ଜଗତରେ କେତେଗୁଡ଼ିଏ ତୃପ୍ତି ଅଛି, ଯାହାର ମୂଲ୍ୟ ଟଙ୍କା ପଇସାରେ ଧାର୍ଯ୍ୟ ହୁଏ ନାହିଁ । ସେଗୁଡ଼ିକ ପାଇଁ କେଉଁ ବ୍ୟବସାୟୀ ଯତ୍ନ କାହିଁକି କରିବ ? ଏପରି କେତେଗୁଡ଼ିଏ ଜିନିଷ ଅଛି, ଯାହାର ମୂଲ୍ୟ ନିଜେ ଭୋଗକଲା ଲୋକ ମଧ୍ୟ ଜାଣେ ନାହିଁ । ମନେକର ବସନ୍ତ ପ୍ରତିଷେଧକ ଟୀକା । ତାଂ ଗହଳର ଲୋକେ ତାର ଉପକାରିତା ବୁଝନ୍ତି ନାହିଁ । ତେଣୁ ପଇସା ଦେଇ କିଏ ଟୀକା ନେବ ? ଅବଶ୍ୟ ଯେଉଁମାନେ ଟୀକାର ଉପକାରିତା ବୁଝନ୍ତି, ସେମାନେ ମାଗଣାରେ ନ ମିଳିଲେ ମଧ୍ୟ ଡାକ୍ତର ଡାକି ପଇସା ଦେଇ ଟୀକା ନେବେ । କିନ୍ତୁ ଏପରି ଅନେକ ଲୋକ ଅଛନ୍ତି ସେମାନେ ମାଗଣା ପାଉଥିଲେ ମଧ୍ୟ ଟୀକା ନେବେ ନାହିଁ । ଅବିମିଶ୍ର ପୁଞ୍ଜିବାଦ ଏ ସବୁ ଅଭାବ ଦୂର କରିବାକୁ ଆଦୌ ଯତ୍ନ କରେ ନାହିଁ । ତେଣୁ ସମାଜ ବା ସରକାର ଏ ଦିଗରେ ଯତ୍ନ କରେ ।

ଏପରି କେତେ ଜିନିଷ ଅଛି, ଯାହା ଲାଗି କେହି ଯତ୍ନ କରନ୍ତି ନାହିଁ । ଆବର୍ଜନା ସଫା କରିବା ସ୍ୱାସ୍ଥ୍ୟ ପକ୍ଷରେ କେତେ-

ହତକର । କିନ୍ତୁ ଗାଁ ଗହଳର ଦାଣ୍ଡରେ ହାଟରେ ଯେତେ ମଇଳା ପଡ଼ି ରହେ, ତାକୁ କିଏ ସଫା କରେ ? ଅଜ୍ଞ ଜନତା ଏହା ବୁଝିପାରେ ନାହିଁ; ତେଣୁ ରୋଗ ଦୁଃଖରେ ପଡ଼ି ସଢ଼ୁଥାଏ । ଲାଭପ୍ରିୟ ପୁଞ୍ଜିପତି ସେ ଆଡ଼କୁ ଦୃଷ୍ଟିପାତ କରେ ନାହିଁ । ଯେଉଁ ସ୍ଥାନମାନଙ୍କରେ ମ୍ୟୁନିସିପାଲିଟି ନାହିଁ, ସେ ଜାଗାରେ ସମାଜ ବା ସରକାର ମଧ୍ୟ ସେ ଦିଗକୁ ଆଦୌ ଦୃଷ୍ଟି ଦିଅନ୍ତି ନାହିଁ ।

ସେହିପରି ଶିକ୍ଷା, ସଡ଼କ, ଶାନ୍ତିରକ୍ଷା ପ୍ରଭୃତି କେତେକ ଜିନିଷ ଯାହାର କି ଟଙ୍କା ପଇସାରେ ମୂଲ୍ୟ ଧାର୍ଯ୍ୟ କରି ହେବ ନାହିଁ, ସେ ଗୁଡ଼ିକ ସମାଜ ନିଜ ହାତରେ ଅର୍ଥାତ୍ ସରକାରଦ୍ୱାରା କରାଏ । କିନ୍ତୁ ସରକାର ତ ସବୁ ବିଷୟରେ ଯତ୍ନବାନ୍ ହୁଅନ୍ତି ନାହିଁ । ଯେ ତା ପିଲାକୁ ଶିକ୍ଷା ଦେବାକୁ ନ ଚାହିଁଲା, ସରକାର ତାକୁ ବାଧ୍ୟ କରନ୍ତି ନାହିଁ । ମାତ୍ର ଦେଶରେ ବହୁତ ଅଶିକ୍ଷିତ ଲୋକ ରହିଲେ ଦେଶର ସମୂହ କଲ୍ୟାଣ ହେବ କିପରି ?

ମୋ ପୁଅ ଶିକ୍ଷିତ ହେଲେ ମୋ ହୃଦୟରେ ଯେଉଁ ତୃପ୍ତି ହୁଏ ବା ପୁଅର ଯେଉଁ ଉପକାର ହୁଏ, ସଡ଼କରେ ଚାଲି ଯିବାରେ ମୋର ଯେଉଁ ସୁବିଧା ହୁଏ, ଦେଶ ଚୋରର ଉପଦ୍ରବରୁ ରକ୍ଷା ପାଇଲେ କିମ୍ବା ଶତ୍ରୁ କବଳରୁ ରକ୍ଷିତ ହେଲେ ମୋର ନିଜର ଯେଉଁ ଉପକାର ହେଲା, ତାର ମୂଲ୍ୟ କେତେ, ଏହା ସ୍ଥିର କରି ହେବ ନାହିଁ । କିନ୍ତୁ ପୁଞ୍ଜିପତି ସଡ଼କ, ଶିକ୍ଷା, ଶାନ୍ତିରକ୍ଷା ବିକିଲେ ତ ଲାଭ ପାଇବ ନାହିଁ । ତେଣୁ ପୁଞ୍ଜିପତି ଯେଉଁ ଅଭାବ ବା ତୃପ୍ତି ପାଇଁ ଯତ୍ନ ନ କରିବ, ସମାଜ ସେଥିରୁ କେତେଗୁଡ଼ିଏ ନିଜ ହାତରେ ଓ ସମୟସମୟରେ ବିନା ପଇସାରେ ଯୋଗାଏ ।

ଅବଶ୍ୟ ଶିକ୍ଷାଦାନ କରିବା ପାଇଁ ସମାଜ ସ୍କୁଲମାନଙ୍କରେ ବେତନ ଧାର୍ଯ୍ୟ କରେ । କିନ୍ତୁ ଏହି ବେତନଦ୍ୱାରା ଅନୁଷ୍ଠାନଗୁଡ଼ିକ

ଚଳିପାରେ ନାହିଁ । ପୁଣି ଦରିଦ୍ର ଅଥଚ ବୁଦ୍ଧିମାନ ଛାତ୍ରମାନଙ୍କ ପାଇଁ ସମାଜ ବୃତ୍ତି ଖଞ୍ଜିଦିଏ । ଏହା ଫଳରେ ଦେଶରେ କେବଳ ଅର୍ଥର ଅଭାବରେ ପ୍ରତିଭା ବିକାଶ ପଥରେ ଯେପରି ବାଧା ନ ହୁଏ ତାହାର ବ୍ୟବସ୍ଥା କରାହୁଏ । ଏପରି କେତେ ଛାତ୍ର ଅଛନ୍ତି, ଯେଉଁମାନଙ୍କର ପ୍ରତିଭା ପ୍ରଥମରୁ ଜଣା ନ ପଡି କେତେକ ବୟସ ହେଲେ ବୁଝାପଡେ । ସେମାନଙ୍କୁ ପ୍ରଥମରୁ ବିନା ବେତନରେ ପଢ଼ିବାକୁ ସୁବିଧା ଦିଆହୁଏ ।

ଆଜି କେତେଗୁଡ଼ିଏ ଜିନିଷ ଅଛି ଯାହାକୁ ଅବିମିଶ୍ର ପୁଞ୍ଜିବାଦ ହାତରେ ଛାଡିଦେଇ ହେବ ନାହିଁ, ଯଥା—ମଦ୍ୟ । ସମସ୍ତେ ଯଦି ମଦ୍ୟ ବିକ୍ରି ଯେଉଁଠାରେ ଇଚ୍ଛା ସେଠାରେ ବିକ୍ରୟ କରନ୍ତି, ତାହାହେଲେ ଦେଶରେ ସମସ୍ତେ ମଦ୍ୟପ ହୋଇ ଉଠିବେ । ସେହିପରି ସମସ୍ତେ ଯଦି ଅସ୍ତ୍ରଶସ୍ତ୍ର ତିଆରି କରନ୍ତି, ତେବେ ଦେଶରେ ଦଙ୍ଗା ହଙ୍ଗାମା ସବୁବେଳେ ଲାଗିରହିବ । ତେଣୁ ସମାଜ ଏଗୁଡିକୁ ମଧ୍ୟ ହାତକୁ ନିଏ ।

ତଥାପି ପୁଞ୍ଜିବାଦ ହାତରେ ଯେତିକି ଜିନିଷର ସ୍ୱାଧୀନତା ଦିଆ ହୋଇଛି, ତାକୁ ସେ କିପରି ବ୍ୟବହାର କରେ ଦେଖାଯାଉ । ଯେଉଁଠାରେ ଲାଭ ବେଶି, ବ୍ୟବସାୟୀ ତ ସେଇଥିରେ ଲାଗିବ । ଅଧିକାଂଶ ଲୋକ ଯଦି ବାୟସ୍କୋପ ଦେଖିବାକୁ ଚାହିଁବେ, ବ୍ୟବସାୟୀମାନେ ଖାଲି ବାୟସ୍କୋପ ବ୍ୟବସାୟରେ ଲାଗିଯିବେ । କିନ୍ତୁ ଦେଶରେ ଦୁର୍ଭିକ୍ଷ ପଡି ଲକ୍ଷ ଲକ୍ଷ ଲୋକ ମରୁଥିଲେ ମଧ୍ୟ, ଲାଭର ଆଶା ନ ଥିଲେ ବ୍ୟବସାୟୀ ସେଥିରେ ପଶିବ ନାହିଁ ।

ନିରପେକ୍ଷ ଭାବରେ ବିଚାର କଲେ ବୁଝାଯିବ ସମାଜର ବାୟସ୍କୋପ ବେଶି ପ୍ରୟୋଜନ ନା ଖାଦ୍ୟ ବେଶି ପ୍ରୟୋଜନ । ଯଦି ସମାଜ ଦେଶର ସମସ୍ତ ସାମଗ୍ରୀ ନିଜେ ପ୍ରସ୍ତୁତ କରାଉଥାନ୍ତା, ତେବେ ଦୁର୍ଭିକ୍ଷବେଳେ ଆବଶ୍ୟକ ହେଲେ ବାୟସ୍କୋପ ବନ୍ଦ କରାଇ ଲୋକମାନଙ୍କୁ କେବଳ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରନ୍ତା ।

ତେଣୁ ସାମ୍ୟବାଦୀମାନେ କହନ୍ତି, ଭବିଷ୍ୟତର ସମାଜ ଏପରି ଗଠିତ ହେବା ଉଚିତ, ପ୍ରଥମେ ସମାଜ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇ ଯେଉଁ ଜିନିଷ ଯେତେ ଦରକାର ତାହା ଆଗେ ପ୍ରସ୍ତୁତ କରାଯାଇ ସାରିଲେ ବିଳାସ ବା ବ୍ୟସନ ଆଡ଼କୁ ଯେପରି ମନ ଦିଆଯିବ ।

—ତିନି—

ପୁଣି ଆଉ ଗୋଟିଏ ଦିଗ ଦେଖାଯାଉ । ପୁଞ୍ଜିବାଦ ପଦ୍ଧତିରେ ପ୍ରତ୍ୟେକ ବ୍ୟବସାୟୀ ଯେଉଁଥିରେ ଲାଭ ହେବ, ସେହି ବ୍ୟବସାୟରେ ଲାଗିବ । ସମସ୍ତେ ତ ଅଭିଜ୍ଞବରେ ଗୁଲିଛନ୍ତି । ମନେକର ଦେଶରେ ବହୁତ ମଟର ଗାଡ଼ି ଲୋଡ଼ା ହେଲା । ଅନେକ ବ୍ୟବସାୟୀ ସେଥିରେ ଲାଗିପଡ଼ିଲେ । ଫଳରେ ଦେଖାଗଲା, ଦେଶରେ ଯେତେ ମଟର ଗାଡ଼ି ଲୋଡ଼ା, ତାଠାରୁ ବହୁତ ବେଶି ଗାଡ଼ି ପ୍ରସ୍ତୁତ ହୋଇ ସାରିଛି । ତେଣୁ ପ୍ରତ୍ୟେକ ବ୍ୟବସାୟୀ ବିଜ୍ଞାପନ ଆଦି ନିରର୍ଥକ ବ୍ୟୟ କରି ଗ୍ରାହକ ଲୋଡ଼ି ବସିଲା । ଦୁଇ ଆଡ଼୍ କ୍ଷତି । ପ୍ରଥମରେ ତ ମଟର ଗାଡ଼ି ତିଆରିରେ ଯେତେ ମୂଳଧନ ଓ ପରିଶ୍ରମ ବ୍ୟୟିତ ହେବାର କଥା, ତାଠାରୁ ବେଶି ବ୍ୟୟିତ ହେଲା । ଦ୍ୱିତୀୟରେ ଏହି ବେଦରକାରୀ ଜିନିଷଗୁଡ଼ିକ ଦେଶବାସୀମାନଙ୍କ ଉପରେ ଗୁପିବାକୁ ବିଜ୍ଞାପନରେ ଅହେତୁ ଖର୍ଚ୍ଚ କରାଗଲା । ଏହା ଫଳରେ ପୁଣି ମଟରଗାଡ଼ି ଶସ୍ତାରେ ବିକିବାକୁ ହେଲା । ତେଣୁ ଯେଉଁ ବ୍ୟବସାୟୀ ବେଶି ଖର୍ଚ୍ଚରେ ଗାଡ଼ି ତିଆର କରିଛି, ତାକୁ ବ୍ୟବସାୟ ବନ୍ଦ କରିବାକୁ ହେଲା ଓ ତା କାରଖାନାରେ କାମ କରୁଥିବା ଶ୍ରମିକଗୁଡ଼ିକ ବିନା ଦୋଷରେ ବେକାର ହେଲେ ।

ପୁଣି ଦେଶରେ ତ କିଛି ଅମାପ ମୂଳଧନ ନାହିଁ; ତାର କିଛି ହେଲେ ଗୋଟାଏ ସୀମା ଅଛି । ମଟର ଗାଡ଼ି ବ୍ୟବସାୟରେ ଯେବେ ଅପେକ୍ଷାକୃତ ବେଶି ଖର୍ଚ୍ଚ ହେଲା, ଅନ୍ୟ ଆଡ଼େ ନିଶ୍ଚୟ କମ୍ ଖର୍ଚ୍ଚ

ହେବ । ଫଳରେ ସମାଜ ଅନ୍ୟ ପ୍ରୟୋଜନୀୟ ଜିନିଷର ଅଭାବ ଅନୁଭବ କରିବ ।

ପୁଣି ଏହିପରି କୌଣସି ବେପାରରେ ସାମୟିକ ଲୋକସାନ ଫଳରେ କେତେ ବ୍ୟବସାୟୀ ସର୍ବସ୍ୱାନ୍ତ ହେଉଛନ୍ତି, କେତେ ଶ୍ରମିକ ବେକାର ହେଉଛନ୍ତି, ତାର ସଂଖ୍ୟା କିଏ ରଖୁଛି ?

ପୁନଶ୍ଚ ପ୍ରାୟ ପ୍ରତି ଦଶ ପାଞ୍ଚ ବର୍ଷରେ ଥରେ ଲେଖାଏଁ ଦେଶରେ ବ୍ୟବସାୟ ମାନ୍ଦା ହୋଇ ଉଠେ । ସେତେବେଳେ ପ୍ରାୟ ସବୁ ବ୍ୟବସାୟରେ ବ୍ୟୟସଙ୍କୋଚର ଚହଲ ପଡ଼େ; ଶ୍ରମିକମାନେ ଦଳକୁ ଦଳ ବେକାର ହୋଇ ବୁଲନ୍ତି । ଏସବୁ ପାଇଁ ପୁଞ୍ଜିବାଦର ଜବାବ କିଛି ନାହିଁ ।

ତେଣୁ ସାମ୍ୟବାଦୀମାନଙ୍କ ମତରେ ଅଗରୁ ସାମାଜିକ ଯୋଜନା କରି ଜିନିଷ ପ୍ରସ୍ତୁତ କରିବା ସମାଜର ହିତ ଦୃଷ୍ଟିରୁ ଏ ସବୁର ପ୍ରକୃଷ୍ଟ ପ୍ରତିକାର । ଏପରି କରିବାର ଉଦ୍ଦେଶ୍ୟ ଦୁଇଟି :—

ପ୍ରଥମରେ ସମାଜର ହିତ ନିମନ୍ତେ ପ୍ରକୃତି ଯାହା କଞ୍ଚା ମାଲ ସଜାଇ ରଖିଛି, ତାର କପରି ସର୍ବାଙ୍ଗୀନ ବ୍ୟବହାର ହେବ, ତାହା ଦେଶର ହିତାକାଂକ୍ଷୀ ବା ଲୋକପ୍ରତିନିଧିମୂଳକ ସମିତି ଦ୍ୱାରା ସ୍ଥିର ହେବା ଉଚିତ । ଦେଶର ପ୍ରୟୋଜନ କଣ ତାହା ଆଗେ ସ୍ଥିର କରି ସମାଜ ହାତରେ ମହଜୁଦ ଥିବା ମୂଳଧନ କପରି ବାଣ୍ଟିଲେ ସମାଜର ସବୁଠାରୁ ବେଶି ହିତ ହେବ, ତାହା ବିଗୃର କରାଯିବ । ତପରେ ସ୍ଥିର ହେବ ଯେ, ଦେଶର ମୂଳଧନରୁ ଶତକଡ଼ା ୩୦ ଅଂଶ ଖାଦ୍ୟ ଓ ବସ୍ତ୍ର ପ୍ରସ୍ତୁତ କରିବାରେ ବ୍ୟୟ ହେବ, ଶତକଡ଼ା ୨୦ ଅଂଶ ଅବଶ୍ୟ ବ୍ୟବହାର୍ଯ୍ୟ ଜିନିଷରେ ବ୍ୟବହୃତ ହେବ ଇତ୍ୟାଦି ।

ଦ୍ୱିତୀୟରେ ପ୍ରତି ବ୍ୟବସାୟରେ ସମବାୟ ସଙ୍ଘ କରି ସେଥିରୁ କେଉଁ କାରଖାନାରେ କେଉଁ ଜିନିଷ କେତେ ପରିମାଣରେ

ପ୍ରସ୍ତୁତ ହେବ, ତାହା ସ୍ଥିର କରାହେବ । ଏପରି କଲେ ଦେଶର ହିତପାଇଁ ମହତ୍ତ୍ୱ ଥିବା କଞ୍ଚା ମାଲର ସବୁଠାରୁ ଉତ୍କୃଷ୍ଟ ସଦ୍‌ବ୍ୟବହାର ହେବ ଓ ବ୍ୟବସାୟରେ ଅନ୍ୟାନ୍ୟ ଦିଗରୁ ନିଷ୍ପ୍ରୟୋଜନ ବ୍ୟୟର ମଧ୍ୟ ସଂକୋଚ ହେବ । ଅବମିଶ୍ର ପୁଞ୍ଜିବାଦ ପଦ୍ଧତିରେ ଏ ଉଭୟ ଉଦ୍ଦେଶ୍ୟ ସାଧିତ ହେବା ଅସମ୍ଭବ ।

—ଚାରି—

ପୁଣି ଗୋଟିଏ ଦିଗ ଦେଖିବା ଦରକାର । ବ୍ୟବସାୟୀ ତାର ବ୍ୟବସାୟଲବ୍ଧ ଧନରୁ କେତେ ଅଂଶ ଶ୍ରମିକକୁ ଦିଏ ? ମନେକର, ଜଣେ ବ୍ୟବସାୟୀ ଲଣ୍ଠନ ତିଆର କରୁଛି । ଗୋଟିଏ ଲଣ୍ଠନର ମୂଲ୍ୟ ଯଦି ଟଙ୍କାଟିଏ ହୁଏ, ବ୍ୟବସାୟୀ ସେଥିରୁ ଦୁଇ ଅଣା କିମ୍ବା ତିନି ଅଣା କଞ୍ଚାମାଲ ବାବଦକୁ ଦେବ ଅର୍ଥାତ୍ ଲଣ୍ଠନରେ ବ୍ୟବହୃତ ହୋଇଥିବା କାଚ ଓ ଟିଣର ଦାମ ପାଇଁ ଦୁଇ ଅଣା ବା ତିନି ଅଣା ଯିବ । ଯେଉଁ ମୂଳ ଧନରେ ସେ କଲ କାରଖାନା କିଣି ବସାଇଛି, ସେ ଅଙ୍କକୁ ତିନି ବା ଚାରି ଅଣା ଯିବ; ବେପାରୀମାନଙ୍କ ଲାଭ ପାଇଁ ତିନି ଚାରି ଅଣା ଯିବ । ବାକିଟା ଯାହା ବଳିବ, ସେଥିରୁ ସେ ନିଜେ ଲାଭ ନେବ ଓ ଶ୍ରମିକମାନଙ୍କୁ ଦେବ । ବଜାରରେ ଶ୍ରମିକର ତ ଅଭାବ ନାହିଁ । ତେଣୁ ପ୍ରତିଯୋଗିତା ଫଳରେ ଶ୍ରମିକର ଭାଗ ଯେତେ ଊଣା ହୋଇପାରେ, ବ୍ୟବସାୟୀ ତାକୁ ସେତିକି ମାତ୍ର ଦିଏ; ବାକିଟା ନିଜେ ଲାଭ ସ୍ୱରୂପ ନିଏ ।

ତେଣୁ ଶ୍ରମିକର ଭାଗ ପ୍ରାୟ ସବୁଠାରୁ କମ୍ ପଡ଼େ । କିନ୍ତୁ ଜିନିଷ ତିଆରିରେ ଶ୍ରମିକର ପରିଶ୍ରମର ମୂଲ୍ୟ କେତେ ? ଭଲ କରି ବୁଝି ବସିଲେ, ଜଗତରେ ଯେତେ ଜିନିଷ ଅଛି ସେ ସବୁ ପ୍ରକୃତିଦାତ୍ତ ପଦାର୍ଥ ସହିତ ମନୁଷ୍ୟର ପରିଶ୍ରମ ମିଶି ଉତ୍ପନ୍ନ ହୋଇଛି । ଲଣ୍ଠନରେ ଲାଗିଥିବା

ହିଣ, କାଚ, ଲଣ୍ଠନ ତିଆର କରୁଥିବା କଳ ଓ କାରଖାନାରେ ଲଗୁଥିବା ମୂଳଧନ ସବୁ ତ ମନୁଷ୍ୟର ପରିଶ୍ରମର ଫଳ ।

ପ୍ରକୃତି ତାର ସାମଗ୍ରୀ ମନୁଷ୍ୟର ସେବାପାଇଁ ସଞ୍ଚୟ ଧରି ରଖିଛି । ମଣିଷ କହୁଛି, 'ଏ ଘରଖଣ୍ଡି ମୋର', 'ସେ ଠିକାଟିକ ତୋର', 'ସେ କାରଖାନାଟା ତାର' । ପ୍ରକୃତି କିନ୍ତୁ କାହାର କେଉଁ ଜିନିଷ ବୋଲି କିଛି ସୂଚନା ଦେଉ ନାହିଁ । ଜଳ, ବାୟୁ, ଗଛ, କାଠ, ପଥର, ସୁନା, ରୂପା, କୋଇଲା ସବୁ ପୃଥିବୀର ଗୃହଅନ୍ତେ ଭରି ରହିଛି । ମଣିଷ ପରିଶ୍ରମ କରିବ ଓ ଉପଭୋଗ କରିବ । ଏଥିରେ 'ତୋର' 'ମୋର' ଭେଦ ମଣିଷ ଖାଲି ନିଜର ଅର୍ଥାତ୍ ବଳବାନ ଲୋକର ସୁବିଧା ପାଇଁ କରି ରଖିଛି ।

ପ୍ରତ୍ୟେକ ଜିନିଷର ମୂଲ୍ୟ ଯଦି ପରିଶ୍ରମରୁ ଉତ୍ପନ୍ନ ହୁଏ, ତେବେ ଏ 'ତୋର' 'ମୋର' ଭେଦଭାବ କରି ସବୁ ବିଭ୍ରାଟ କରିବାର ଅର୍ଥ କଅଣ ? ସମାଜ ଯଦି ସବୁ ମୂଳଧନର ମାଲିକ ହୁଅନ୍ତା, ପରିଶ୍ରମୀ ତାର ପରିଶ୍ରମ ମୁତାବକ ପାରିଶ୍ରମିକ ପାଇ ସୁଖରେ ରହନ୍ତା; ସମସ୍ତେ ନିଜ ଶକ୍ତିମତ ପରିଶ୍ରମ କରିବାକୁ ବାଧ୍ୟ ହୁଅନ୍ତେ । ଆଳସ୍ୟପରାୟଣ ଅଳନ୍ଧସୁଖୀ ଧନିକର ସ୍ଥାନ ସମାଜରେ ରହନ୍ତା ନାହିଁ । ଜଣକର ପରିଶ୍ରମର ଫଳ ଅନ୍ୟ ଜଣେ ସଞ୍ଚି ରଖି ଧନୀ ହେବାର ସୁଯୋଗ ପାଆନ୍ତା ନାହିଁ ଓ ଉଦ୍‌ବୃତ୍ତ ସମସ୍ତ ଧନରତ୍ନ ସମାଜର ଅର୍ଥାତ୍ ସମସ୍ତ ମାନବଗୋଷ୍ଠୀର ଅଧିକାରରେ ରହନ୍ତା । ଯେଉଁମାନେ ରୁଗ୍‌ଣ, ବୃଦ୍ଧ ବା ପରିଶ୍ରମ କରିବାକୁ ଅକ୍ଷମ, ସେମାନେ ସମସ୍ତେ ସମାଜରୁ ତାଙ୍କର ସମସ୍ତ ପ୍ରୟୋଜନୀୟ ଦ୍ରବ୍ୟ ବିନାମୂଲ୍ୟରେ ପାଆନ୍ତେ । ପରିଶ୍ରମହିଁ ସବୁ ମୂଲ୍ୟ, ସବୁ ଧନର ମୂଳ କାରଣ । ପରିଶ୍ରମହିଁ ବ୍ୟବସାୟର ସମସ୍ତ ଲାଭ ପାଆନ୍ତା ।

ଏହି ସବୁ ଚିନ୍ତାଧାରା ବିଗତ କେତେ ଶତାବ୍ଦୀ ଧରି ମନୁଷ୍ୟର ମନକୁ ବିଚଳିତ କରି ଆସୁଅଛି । ଅବମିଶ୍ର ପୁଞ୍ଜିବାଦରୁ

ଭବିଷ୍ୟତ ଯେ ଅନିଶ୍ଚିତ, ଅବିମିଶ୍ର ପୁଞ୍ଜିବାଦର କୁଫଳରୁ ସମାଜ ଯେ ନିୟନ୍ତ୍ରିତ କରିବା ଉଚିତ, ଏ ବିଷୟରେ ମତଦ୍ୱୈଧ ଆଉ ନାହିଁ । ବସ୍ତୁତଃ ଅବିମିଶ୍ର ପୁଞ୍ଜିବାଦ ପ୍ରାୟ ସବୁ ଦେଶରୁ ଉଭେଇ ଯିବାକୁ ବସିଲାଣି ।

କିନ୍ତୁ ପୁଞ୍ଜିବାଦକୁ ଉଠାଇ ଦେଲାକ୍ଷଣି ଆଉ କେଉଁ ନିର୍ଦ୍ଦିଷ୍ଟ ପନ୍ଥା ଅବଲମ୍ବନ କଲେ ସର୍ବଶୁଭ ହେବ, ଏ ବିଷୟରେ ମାନବ ଜାତି କିଛି ନିଶ୍ଚିତ ସିଦ୍ଧାନ୍ତ କରିପାରି ନାହିଁ । ପୁଞ୍ଜିବାଦର ପରିବର୍ତ୍ତିରେ ଆଜି ଯେଉଁ ସବୁ ପନ୍ଥା ସୂଚିତ ହୋଇଅଛି, ତାହା ପରବର୍ତ୍ତୀ ଅଧ୍ୟାୟରେ ଆଲୋଚିତ ହେବ ।

# ଷଷ୍ଠ ପରିଚ୍ଛେଦ

# ପରିବର୍ତ୍ତନବାଦ

—ଏକ—

ପୁଞ୍ଜିବାଦର ଯେ କୌଣସି ପରିବର୍ତ୍ତନ କରିବାକୁ ଗଲେ ତାର ଉଦ୍ଦେଶ୍ୟ ହେବ :

(କ) ପ୍ରତ୍ୟେକ ଦେଶର ଉପସ୍ଥିତ ପ୍ରାକୃତିକ ସାମଗ୍ରୀକୁ କିପରି ସବୁଠାରୁ ଅଧିକ କାର୍ଯ୍ୟକ୍ଷମ ଭାବରେ ସମାଜର ସେବାରେ ଲଗାଯାଇପାରେ;

(ଖ) ଦେଶରେ ମିଳୁଥିବା ସମସ୍ତ ଶ୍ରମିକ ଶକ୍ତିକୁ କିପରି ସମାଜର ପ୍ରୟୋଜନରେ ବ୍ୟବହାର କରାଯିବ;

(ଗ) ଦେଶର ସମସ୍ତ ଆୟ କିପରି ସମସ୍ତଙ୍କ ମଧ୍ୟରେ ଯଥା-ସମ୍ଭବ ନ୍ୟାୟସଙ୍ଗତ ଭାବରେ ବଣ୍ଟାଯିବ ।

ପୁଞ୍ଜିବାଦ ପଦ୍ଧତିରେ ଏ ତିନୋଟିଯାକ ଉଦ୍ଦେଶ୍ୟ ଅପୂର୍ଣ୍ଣ ରହେ । ଦେଶରେ ମିଳୁଥିବା ସମସ୍ତ ପ୍ରାକୃତିକ ସାମଗ୍ରୀ ସମାଜର ସେବାରେ ଲାଗିଲା କି ନାହିଁ, ବ୍ୟବସାୟୀର ମୁଣ୍ଡ ସେଥିରେ ଘୂରେ ନାହିଁ । ଦେଶର ସମସ୍ତ ଶ୍ରମିକ କାମରେ ଲାଗିଲେ କି ନାହିଁ, ସେ

ଦଗରେ ତାର ଲକ୍ଷ୍ୟ କରିବାର ପ୍ରୟୋଜନ ନାହିଁ । ସମାଜର ଅର୍ଥ ତ ପୁଞ୍ଜିବାଦ ପଦ୍ଧତିରେ ଅଦୌ ସଙ୍ଗତ ଭାବରେ ବଣ୍ଟାଯାଏ ନାହିଁ ।

ଏସବୁ କାରଣରୁ ନାନା ଧରଣର ସମାଜବାଦମୂଳକ ପନ୍ଥା ଭିନ୍ନ ଦେଶରେ ମୃଚିତ ହୋଇଅଛି । ପୁଞ୍ଜିବାଦର ଗଣ୍ଡି ମଧ୍ୟରେ ସମାଜ ବା ସରକାର କିପରି ଆଇନ ପ୍ରଣୟନ କରି ଆଂଶିକ ଭାବରେ ସମାଜର ଉପକାର କରିବାର ଚେଷ୍ଟା କରେ, ତାହା ପୂର୍ବବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ପ୍ରାୟ ଅଧିକାଂଶ ଦେଶରେ ସମାଜ ନିଜ ହାତକୁ ଅଳ୍ପ ବହୁତ କେତେକ ବ୍ୟବସାୟ ନେଇଛି । ଗତ ୧୯୩୩ ମସିହାର ଅର୍ଥନୈତିକ ସଂକଟ ସମୟରୁ ଅନେକ ଦେଶରେ ସମାଜ ଶ୍ରମିକମାନଙ୍କ ବେତନର ହାର ଆଇନ ଅନୁସାରେ ବଢ଼ାଇବାକୁ ଉଦ୍ୟମ କରିଛନ୍ତି । ମାତ୍ର ପୁଞ୍ଜିବାଦର ଗଣ୍ଡି ମଧ୍ୟରେ ଏ ଉଦ୍ୟମ ସବୁ କ୍ଷେତ୍ରରେ ସଫଳ ହେବା ସମ୍ଭବ ନୁହେଁ । ଶ୍ରମିକର ବେତନ ବଢ଼ାଇଦେଲେ ଜିନିଷର ଦର ବଢ଼ିଯିବ । ଦେଶରେ ଜିନିଷର ଦର ବଢ଼ିଗଲେ ଅନ୍ୟ ଦେଶରେ ତାହା କେହି କିଣିବେ ନାହିଁ ଓ ତେଣୁ ରପ୍ତାନି କମିଯିବ । ରପ୍ତାନି କମିଗଲେ ବଜାରରେ ଜିନିଷ ପୁଣି ଶସ୍ତା ହୋଇ ଉଠିବ ଓ ଜିନିଷ ପୁଣି ଶସ୍ତା ହେଲେ ଶ୍ରମିକର ବେତନ ନ କମି ରହିପାରିବ ନାହିଁ ।

ଆମେରିକାରେ ଏହି ବେତନ ବୃଦ୍ଧି ନିମନ୍ତେ ଯେଉଁସବୁ ଉଦ୍ୟମ ସରକାର ପକ୍ଷରୁ ହୋଇଥିଲା, ସେଗୁଡ଼ିକ ସେତେଦୂର ସଫଳ ହୋଇ ପାରିଲା ନାହିଁ । ପ୍ରଥମରୁ ଆମେରିକାର ଶାସନତନ୍ତ୍ରରେ ଆଇନଗତ ଅସୁବିଧା ହେଲା । ଦ୍ୱିତୀୟରେ ବ୍ୟବସାୟୀମାନଙ୍କ ଦ୍ୱାରା ଗଠିତ ସମିତିମାନଙ୍କ ସାହାଯ୍ୟରେ ଶ୍ରମିକମାନଙ୍କର ଦୁଃଖ ଦୂର କରିବା ପାଇଁ ଯେଉଁ ଉଦ୍ୟମ କରାଗଲା, ସେଥିରେ ପଦ୍ଧତିଗତ ଅସୁବିଧା ହେବାର କଥା ।

ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ଜର୍ମାନୀ ଓ ଇଟାଲୀରେ ଏକପ୍ରକାର 'ସମାଜବାଦ ପ୍ରଚଳିତ ହେଉଥିଲା, ଯାହା ଫଳରେ ଯୁଦ୍ଧସରଞ୍ଜାମ ଓ

ସ୍ତା ଘାଟ ପ୍ରଭୃତି ସାମରିକ ସଂଗଠନମୂଳକ କେତେକ ନୂଆ ନୂଆ କାର୍ଯ୍ୟ ଖୋଲି ସେ ଦେଶର ସରକାରମାନେ ଅସ୍ଥାୟୀ ଭାବରେ ଦେଶର ବେକାର ସମସ୍ୟାରେ ଓ ବେତନ ସମସ୍ୟାରେ ଅନେକଟା ଉନ୍ନତି କରିପାରିଥିଲେ । କିନ୍ତୁ ଏହାସବୁ ଯୁଦ୍ଧମୂଳକ ଥିବାରୁ ତାହାର ପରିଣତି ବିଶ୍ୱ ପକ୍ଷରେ ଏକାନ୍ତ ଅହିତକର ହେଲା ଏବଂ ଫଳରେ ଜର୍ମାନୀ ଓ ଇଟାଲୀ ଦୁଇ ଜାତିର ପତନ ଘଟିଲା ।

ଅଷ୍ଟ୍ରେଲିଆରେ ଏହି ଦରନିୟନ୍ତ୍ରଣ ଓ ବେତନ ପଦ୍ଧତି କେତେକାଂଶରେ ସଫଳ ହୋଇଥିଲା । ଇଂଲଣ୍ଡରେ ଅର୍ଥନୈତିକ କ୍ଷେତ୍ରରେ ସମାଜବାଦ ଆଂଶିକ ଭାବରେ ଯୁଦ୍ଧପୂର୍ବରୁ ପ୍ରବେଶ କରିଥିଲା; କିନ୍ତୁ ବର୍ତ୍ତମାନ ତାହା ଖୁବ ଦ୍ରୁତଗତିରେ ଗ୍ରୁଲିଛି ।

ଋଷିଆରେ ୧୯୧୭ ଠାରୁ ଗୋଟିଏ ମୌଳିକ ସମାଜବାଦର ଆଦର୍ଶ ଗଠିତ ହୋଇ କାର୍ଯ୍ୟକାରୀ ହୋଇ ଆସୁଛି । ଏହାର ଆଦର୍ଶ ସାମ୍ୟବାଦ ଓ ଶ୍ରମିକବାଦ । ଏ ପର୍ଯ୍ୟନ୍ତ ଅବଶ୍ୟ ପୂର୍ଣ୍ଣ ସାମ୍ୟବାଦ ପ୍ରତିଷ୍ଠିତ ହେବାର ସମ୍ଭାବନା ଦେଖାଯାଉ ନାହିଁ । କିନ୍ତୁ ଶ୍ରମିକବାଦର ଗୋଟିଏ ଆଦର୍ଶ ଏ ପର୍ଯ୍ୟନ୍ତ ଗ୍ରୁଲିଛି । କାଳକ୍ରମେ ତା ଉପରେ ପୁଣି ପୁଞ୍ଜିବାଦର ଛାୟା ମଧ୍ୟ ପଡ଼ିଲାଣି । ଏ ସବୁର ବିସ୍ତୃତ ଆଲୋଚନା ଏଠାରେ ସମ୍ଭବ ନୁହେଁ; ତେବେ ସ୍ଥୂଳଭାବରେ ତାହାର ସ୍ୱରୂପ ବିଗ୍ରୁର କରାଯାଉ ।

—ଦୁଇ—

ବର୍ତ୍ତମାନ ଦେଖାଯାଉ ସାମ୍ୟବାଦ କଅଣ ? ସାମ୍ୟବାଦର ଅର୍ଥ ସମାଜରେ ସମସ୍ତେ ସମାନ ସୁଯୋଗ ପାଇବେ । ବଡ଼ ସାନ, ଧନୀ ନିର୍ଦ୍ଧନ, ଶ୍ରମଜୀବୀ ବ୍ୟବସାୟୀ, ଜମିଦାର ରଇତ—ଏ ସବୁ ପ୍ରଭେଦ ରହିବ ନାହିଁ । ଦେଶର ସମସ୍ତ ପ୍ରାକୃତିକ ସାମଗ୍ରୀ ସମାଜର ହେବ;

ପ୍ରତ୍ୟେକ ସୁସ୍ଥ ସବଳ ଲୋକ ପରିଶ୍ରମ କରିବାକୁ ବାଧ୍ୟ । ଯାହାର ଯେତେ ଶକ୍ତି, ସେ ସେତେ ପରିଶ୍ରମ ସମାଜର ହିତ ପାଇଁ କରିବ । ଯାହାର ଯେଉଁ ଦିଗରେ ଦକ୍ଷତା, ସେ ସେହି ଦିଗରେ କାର୍ଯ୍ୟକାରୀ ହେବ । ସମାଜରେ ଯେତେ ଜିନିଷ ଉତ୍ପନ୍ନ ହେବ ସବୁ ସମାଜର । ଯାହାର ଯେଉଁ ଜିନିଷ ଯେତେ ପରିମାଣରେ ଲୋଡ଼ା ସେ ତାହା ସମାଜର କୋଠଭଣ୍ଡାରରୁ ପାଇବ । ଟଙ୍କା ପଇସା, ଅଦଳ ବଦଳ, ବେପାର ବଣିଜ, ଲାଭ କ୍ଷତି ଏ ସବୁର ଆଉ କୌଣସି ଆବଶ୍ୟକତା ରହିବ ନାହିଁ । ଦେଶରେ କେଉଁ ଜିନିଷ କେତେ ପରିମାଣରେ ପ୍ରସ୍ତୁତ ହେବ, ସମାଜ ତାହା ସ୍ଥିର କରିବ । ସବୁ ମୂଳଧନ, ଜମିବାଡ଼ି ଓ କଳ କାରଖାନା ସମାଜର ସମ୍ପତ୍ତି ହୋଇ ରହିବ । ବ୍ୟକ୍ତିଗତ ସମ୍ପତ୍ତି ବା ବ୍ୟକ୍ତିଗତ ଅଧିକାର କିଛି ରହିବ ନାହିଁ ।

ଏହି ଅବିମିଶ୍ର ସାମ୍ୟବାଦ ପ୍ରତିଷ୍ଠା କରିବାକୁ ଋଷିଆର ସାମ୍ୟବାଦୀ ସରକାର ୧୯୧୭ରୁ ଚେଷ୍ଟା କରି ଆସୁଥିଲେ; କିନ୍ତୁ ୧୯୨୩ ବେଳକୁ ଦେଖାଗଲା ଯେ ତାହା କାର୍ଯ୍ୟକାରୀ ହୋଇପାରିବ ନାହିଁ । ସମସ୍ତେ ଯଦି ନିଜର ଅବଶ୍ୟକତା ମୁତାବକ ପାରିଶ୍ରମିକ ପାଇବା ନିଶ୍ଚିତ, ତେବେ ସେମାନେ ଆଉ ମନ ଦେଇ କାମ କରିବେ କାହିଁକି ? ଆଠ ଘଣ୍ଟା ଯଥାତଥା ଖଟିଲେ ହେଲା । ଲାଭକ୍ଷତିର କଥା ତ ନାହିଁ । ପୁଅ ପିଲାଙ୍କ ପାଇଁ ସଞ୍ଚିବାର ଆଶା ତ ନାହିଁ । ସାଧାରଣ ଲୋକ ଆଉ କେଉଁ ଆଶାରେ କେଉଁ ସୁଖ ପାଇଁ ଖଟି ମରିବ ? ଏହି ସବୁ କାରଣରୁ ଋଷିଆରେ ୧୯୨୩ ସାଲ ସରିକି ପ୍ରାୟ ଦୁର୍ଭିକ୍ଷ ଉପସ୍ଥିତ ହେଲା । ଫଳରେ ପୂର୍ଣ୍ଣ ସାମ୍ୟବାଦ ପ୍ରତ୍ୟାହୃତ ହେଲା ଓ ବେପାର ବଣିଜରେ ଛୋଟ ଛୋଟ ବ୍ୟବସାୟୀମାନଙ୍କର ସୃଷ୍ଟି କରାଗଲା । ଅସ୍ଥାବର ସମ୍ପତ୍ତି ସଞ୍ଚି ରଖିବାର କେତେକ ସୁଯୋଗ ଦିଆଗଲା ଓ ପରିଶ୍ରମର ତାରତମ୍ୟ ଅନୁସାରେ ବେତନର ତାରତମ୍ୟ ହେବାର ସ୍ଥିର ହେଲା । ଟଙ୍କା ପଇସାରେ ହିସାବ କରିବା ପୁଣି ଆରମ୍ଭ କରାହେଲା ।

ମୋଟ ଉପରେ ୧୯୨୩ ପରେ ଋଷିଆରେ ଯେଉଁ ଅବସ୍ଥା ଫେରି ଅସିଲା ତାହା ପୂର୍ଣ୍ଣ ସାମ୍ୟବାଦ ନୁହେଁ । ସେଥିରେ ବେଶି ଭାଗ ସମାଜବାଦ, ଅଳ୍ପ କେତେକାଂଶରେ ପୁଞ୍ଜିବାଦ ଓ କେତେକ ବିଷୟରେ ସାମ୍ୟବାଦର ପଦ୍ଧତି ମିଶି ରହିଲା । କାଳକ୍ରମେ ୧୯୨୮ ଠାରୁ ଯୋଜନାବାଦର ଆରମ୍ଭ ହେଲା । ଅର୍ଥାତ୍ ପ୍ରତି ପାଞ୍ଚବର୍ଷକୁ ସମାଜ ବିଶେଷଜ୍ଞମାନଙ୍କ ସାହାଯ୍ୟରେ ଗୋଟିଏ ଉତ୍ପାଦନର ସୁଚିନ୍ତିତ ଯୋଜନା ସ୍ଥିର କରିବେ ଓ ଉତ୍ପାଦନ କ୍ରିୟାକୁ କ୍ଷିପ୍ରଗତିରେ ବଢ଼ାଇବା ପାଇଁ ପାଞ୍ଚବର୍ଷ କାଳ ସେହି ଅନୁସାରେ କାର୍ଯ୍ୟ ହେବ । ଗୋଟିଏ ଯୋଜନା ସମ୍ପୂର୍ଣ୍ଣ ହେଲେ ପୁଣି ଗବେଷଣା କରିହୋଇ ଯେଉଁ ଦିଗରେ ପ୍ରଗତିର ଅବଶ୍ୟକ, ସେ ବିଷୟରେ ପୁନର୍ବାର ଯୋଜନା କରି ହେବ ।

ଆମ ଦେଶରେ ଅଜିକାଲି ଯେଉଁ ଯୁଦ୍ଧୋତ୍ତର ଯୋଜନା ହେଉଛି, ଏହା କେତେକାଂଶରେ ଋଷିଆର ଆଦର୍ଶରୁ ନିଆ ହୋଇଛି । କିନ୍ତୁ ଏ ଯୋଜନା ସ୍ଥିର କରିବାରେ ବିଶେଷ ଚିନ୍ତା ଓ ଗବେଷଣା ପ୍ରୟୋଜନ । ଏପରିଭାବରେ ଯୋଜନା କରିବାକୁ ହେବ ଯେପରି ଉକ୍ତ ଯୋଜନାରେ ବ୍ୟୟିତ ହେଉଥିବା ପ୍ରତ୍ୟେକ କପର୍ଦ୍ଦକ ଦେଶବାସୀମାନଙ୍କ ପରମ କଲ୍ୟାଣରେ ଆସିବ । ଯୋଜନାରେ ଯେଉଁ ବିଶାଳ ବ୍ୟୟର ପରିକଳ୍ପନା ଥାଏ, ତାର ଅଧିକାଂଶ ସମାଜ— ଅର୍ଥାତ୍ ବର୍ତ୍ତମାନର ଦେଶବାସୀ ଓ ଭବିଷ୍ୟତରେ ବହୁ ବର୍ଷ ପର୍ଯ୍ୟନ୍ତ ଯେତେ ଦେଶବାସୀ ଜନ୍ମ ହେବେ, ସେମାନେ । ଯେଉଁମାନେ ଯୋଜନା ପ୍ରସ୍ତୁତ କରିବେ, ସେମାନେ ଏହି ବର୍ତ୍ତମାନ ଓ ଭବିଷ୍ୟତ୍ ଦେଶବାସୀଙ୍କ ନିକଟରେ ଚିରକାଳ ପାଇଁ ଦାୟୀ ରହିବେ, ଏହି ଜ୍ଞାନରେ ଯୋଜନା ହେଲେ ତାହା ସଫଳ ହେବ ।

ଏହି ଯୋଜନା ଫଳରେ ଋଷିଆରେ ଉତ୍ପାଦନକ୍ରିୟା ବହୁ କ୍ଷିପ୍ରଗତିରେ ବଢ଼ି ଚାଲିଥିଲା । ଯୁଦ୍ଧଯୋଗୁଁ ବହୁତ ବିଭ୍ରାଟ ଅବଶ୍ୟ ଘଟିଲା । ପୁଣି ଯୁଦ୍ଧ ପରେ ଅଦମ୍ୟ ଉଦ୍ୟମରେ ଋଷିଆର ଶାସନତନ୍ତ୍ର

ଲାଗି ପଡ଼ିଛନ୍ତି । ଅବଶ୍ୟ ଅଦ୍ୟାବଧି ଋଷିଆର ଜନସମାଜ ଇଂଲଣ୍ଡ ଓ ଅମେରିକା ଦେଶର ଅଧିବାସୀମାନଙ୍କ ପରି ସମୃଦ୍ଧ ହୋଇପାରି ନାହିଁ; ମାତ୍ର ଋଷିଆର ପୂର୍ବ ଅବସ୍ଥା ବିଚାର କଲେ ବୁଝାଯିବ ଯେ ଯାହା ଉନ୍ନତି ହୋଇଛି ତାହା ଅତି ଅପ୍ରତ୍ୟାଶିତ । ଋଷିଆରେ ଏବେ ମଧ୍ୟ ଯେଉଁ ମାତ୍ରାରେ ପ୍ରଗତି ହେଉଛି, ଅନ୍ୟ ଦେଶରେ ତାହା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ ।

କିନ୍ତୁ ଋଷିଆରେ ଏ ଅର୍ଥନୈତିକ ପରିବର୍ତ୍ତନ କେବଳ ବିପ୍ଳବ ଫଳରେ ସମ୍ଭବ ହୋଇପାରିଲା । ଯୁଗ ଯୁଗ ଧରି ଋଷ ରାଜଶକ୍ତିର ପୁଞ୍ଜୀଭୂତ ଅତ୍ୟାଚାର ଋଷିଆର ଜନସମାଜକୁ ଉତ୍ତ୍ୟକ୍ତ କରି ରଖିଥିଲା; ଜମିଦାରମାନଙ୍କ ଦ୍ୱାରା ରୟତମାନେ ମଧ୍ୟ କମ୍ ଅତ୍ୟାଚାରିତ ହେଉ ନ ଥିଲେ; ଦେଶର ଅସଂଖ୍ୟ ନରନାରୀ ବିଦ୍ରୋହ ପାଇଁ ଏକ ରକମ ପ୍ରସ୍ତୁତ ଥିଲେ । ୧୯୧୪-୧୭ ମଧ୍ୟରେ ଜର୍ମାନୀ ଯୁଦ୍ଧସମୟରେ ଅତିରିକ୍ତ ଉତ୍ପୀଡ଼ନ ଫଳରେ ଲେନିନଙ୍କ ନେତୃତ୍ୱରେ ଋଷିଆର ପ୍ରଜା ରକ୍ତ ଓ ରାଜହତ୍ୟା ଭିତର ଦେଇ ଯେଉଁ ସଶସ୍ତ୍ର ବିପ୍ଳବ ଘଟାଇଲେ, ସାମ୍ୟବାଦ ସେହି ବିପ୍ଳବର ଆଦର୍ଶ ଥିଲା ।

ଋଷିଆର ଏହି ପଦ୍ଧତି ଫଳରେ ଶ୍ରମିକର କି ଉନ୍ନତି ସାଧିତ ହୋଇଛି ? ଋଷିଆର ଆଦର୍ଶ ହେଉଛି ଶ୍ରମିକତନ୍ତ୍ର । ଏଥିରେ ପ୍ରତି କଳ କାରଖାନା ଶ୍ରମିକମାନଙ୍କ ହାତରେ ଥାଏ । ସେହିମାନେହିଁ ସମସ୍ତ ପରିଚାଳନା କରନ୍ତି । ସମାଜର କର୍ମଚାରୀଗଣ ଓ ବିଶେଷଜ୍ଞମାନେ ପରିଦର୍ଶନ କରି ଉପଦେଶ ଦିଅନ୍ତି । ପ୍ରତି କଳକାରଖାନାରେ ଉକ୍ତ ବ୍ୟବସାୟର କେନ୍ଦ୍ର ସମିତିରୁ ଦୁଇ ଜଣ ସଭ୍ୟ ଥାଆନ୍ତି ଓ ସେମାନେ ସ୍ଥାନୀୟ ଶ୍ରମିକମାନଙ୍କ ଭିନ୍ନ ଭିନ୍ନ ଶାଖାରୁ ନିର୍ବାଚିତ ସଭ୍ୟମାନଙ୍କ ସହିତ ଉକ୍ତ କଳକାରଖାନାର ପରିଚାଳନା ଭାର ଗ୍ରହଣ କରନ୍ତି ।

ପରିଣାମରେ ଋଷିଆରେ ବେକାର ସମସ୍ୟା ମୋଟେ ନାହିଁ । 'ଖଜଣା', 'ସୁଧ', 'ଲାଭ' ଏଗୁଡ଼ିକ ଉଠିଯିବା ଫଳରେ ସମାଜରେ

ଶ୍ରମିକର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଛି ଓ କ୍ରମେ କ୍ରମେ ଶ୍ରମିକର ଆର୍ଥିକ ଅବସ୍ଥା ଉନ୍ନତ ହୋଇ ଆସୁଅଛି । ଋଷିଆର ପ୍ରଜାମାନେ ବିପ୍ଳବ ପୂର୍ବରୁ ଅତି ଦରିଦ୍ର ଥିଲେ । ତେଣୁ ଏତେ ବର୍ଷ ଶ୍ରମିକବାଦର ପ୍ରତିଷ୍ଠାନ ଫଳରେ ସୁଦ୍ଧା ସେମାନଙ୍କର ଆର୍ଥିକ ପରିସ୍ଥିତି ଇଂଲଣ୍ଡ ବା ଆମେରିକାର ଜନସାଧାରଣଙ୍କ ଆର୍ଥିକ ପରିସ୍ଥିତି ସଙ୍ଗେ ସମାନ ହୋଇପାରି ନାହିଁ । ତା ଛଡ଼ା ସାମାଜିକ ଉନ୍ନତି ନିମନ୍ତେ ମୂଳଧନ-ଗୁଡ଼ିକ ବେଶି ପରିମାଣରେ ସାମାଜିକ ବ୍ୟବସାୟରେ ଖଟାଇ ଦିଆ ଯାଉଅଛି । ତେଣୁ ସେ ସବୁ ମୂଳଧନରୁ କେତେକାଂଶ ବଣ୍ଟାହୋଇ ଯାଉଥିଲେ, ଶ୍ରମିକର ଅବସ୍ଥା ଯେତେ ଭଲ ହୁଅନ୍ତା, ସେତେ ଭଲ ହୋଇପାରୁ ନାହିଁ । ପୁଣି ଦ୍ୱିତୀୟ ମହାସମର ଫଳରେ ଅବସ୍ଥାର ବିପର୍ଯ୍ୟୟ ଘଟି ଯାଇଛି । ତଥାପି ଋଷିଆ ଶ୍ରମିକର ଭବିଷ୍ୟତ ଅତି ଉଜ୍ଜ୍ୱଳ ।

—ତିନି—

ଋଷିଆରେ ଶ୍ରମିକବାଦର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ପ୍ରାୟ ସବୁ ଦେଶରେ ଶ୍ରମିକବାଦ ପାଇଁ ଆନ୍ଦୋଳନ ଚାଲିଥିଲା; କିନ୍ତୁ କାଳକ୍ରମେ ସେ ସବୁ ଆଦର୍ଶ ଅନ୍ୟ ଦେଶମାନଙ୍କରୁ ଭାଙ୍ଗିଗଲା ।

ଫ୍ରାନ୍ସରେ ଶ୍ରମିକତନ୍ତ୍ରର ଆନ୍ଦୋଳନ ଅନେକ ଦିନ ଧରି ଲାଗି ରହିଲା; କିନ୍ତୁ ପରିଣାମରେ ତାହା ସଫଳ ହୋଇପାରିଲା ନାହିଁ । ଇଟାଲିରେ ୧୯୨୦ରେ ଶ୍ରମିକମାନେ କେତେଗୁଡ଼ିଏ କାରଖାନା ନିଜ ହାତକୁ ନେଇଗଲେ; କିନ୍ତୁ ତା ପରେ ପରେ ପୁଞ୍ଜିବାଦ ପୁନଃ ପ୍ରତିଷ୍ଠିତ ହେଲା । ଜର୍ମାନୀରେ ୧୯୧୯ରୁ ଶ୍ରମିକବାଦ ଉଭେଇ ଯାଇଥିଲେହେଁ ଶ୍ରମିକସମିତି ବିଷୟରେ ବହୁତ ଆନ୍ଦୋଳନ ଚାଲିଥିଲା; ମାତ୍ର ତାହା ଏକଚାଟିଆ ବ୍ୟବସାୟୀମାନଙ୍କ ସମିତି ଆଗରେ ତିଷ୍ଠିପାରିଲା ନାହିଁ ।

କ୍ରମେ ଜର୍ମାନୀ ଓ ଇଟାଲୀରେ ଗୋଟାଏ ନୂତନ ଧରଣର ଜାତୀୟତାମୂଳକ ସମାଜବାଦ ପ୍ରତିଷ୍ଠିତ ହେଲା । ଏହାର ଆଦର୍ଶ ହେଲା ଜାତି । ଜାତୀୟ ସ୍ୱାର୍ଥ ନିକଟରେ ବ୍ୟକ୍ତିଗତ ସ୍ୱାର୍ଥର ସ୍ଥାନ ରହିଲା ନାହିଁ । ୧୯୩୩ରେ ପୃଥିବୀରେ ଯେଉଁ ଆର୍ଥିକ ସଙ୍କଟ ଉପସ୍ଥିତ ହୋଇଥିଲା, ତାହା ଫଳରେ ଜର୍ମାନୀ ଓ ଇଟାଲୀର ବ୍ୟାଙ୍କସବୁରେ ଗଚ୍ଛିତ ଥିବା ବ୍ୟବସାୟୀମାନଙ୍କର ଧନ ଅଚଳ କରି ଦିଆଗଲା । ଫଳରେ ବ୍ୟବସାୟ ରାଜ୍ୟ ଉପରେ ବ୍ୟାଙ୍କମାନଙ୍କ କର୍ତ୍ତୃତ୍ୱ ପ୍ରତିଷ୍ଠିତ ହେଲା । କିନ୍ତୁ ବ୍ୟାଙ୍କମାନେ ନିଜେ ଅଚଳ ଅବସ୍ଥାରେ ପଡ଼ିଥିବାରୁ ସମାଜ ବା ସରକାରଠାରୁ ଆର୍ଥିକ ସାହାଯ୍ୟ ନେଇ ସରକାରଙ୍କ ଅଧୀନ ହୋଇ ପଡ଼ିଲେ । ଫଳରେ ସମଗ୍ର ବ୍ୟବସାୟ-ରାଜ୍ୟରେ ସରକାରଙ୍କ କର୍ତ୍ତୃତ୍ୱ ବଜାୟ ରହିଲା ।

ତେଣେ ମୁଦ୍ରାନିୟନ୍ତ୍ରଣ କରିବାକୁ ଯାଇ ସରକାର ମଧ୍ୟ ଦେଶର ଆମଦାନି ଓ ରପ୍ତାନି ବିଷୟରେ କଟକଣା ପ୍ରୟୋଗ କଲେ । ଫଳରେ ଦେଶରେ ଉତ୍ପାଦନ କମିଗଲା ଓ ବେକାର ସମସ୍ୟା ବଢ଼ିଗଲା । ତା ପରେ ସରକାର ଅଳସ୍ର ରାସ୍ତା, ଘାଟ ତିଆରି କରାଇବାରେ ଶ୍ରମିକମାନଙ୍କୁ ନିଯୁକ୍ତ କଲେ । ଏତିକିବେଳକୁ ଜର୍ମାନୀ ଓ ଇଟାଲୀ ଉଭୟେ ଯୁଦ୍ଧୋନ୍ମୁଖ ହେଲେ । ପରିଣାମରେ ବହୁସଂଖ୍ୟକ ଶ୍ରମିକ ଅସ୍ତ୍ର ଶସ୍ତ୍ର ଆଦି ଯୁଦ୍ଧ ସରଞ୍ଜାମ ତିଆରି କରିବାରେ ମଧ୍ୟ ନିଯୁକ୍ତ ହେଲେ । ଏମାନଙ୍କୁ ମଜୁରି ଦେବାକୁ ସରକାର ପୁଣି ନୋଟ ବେଶି ବେଶି ଛାପିଲେ । ଫଳରେ ଜିନିଷପତ୍ରର ମୂଲ୍ୟ ବଢ଼ିଗଲା । ତେଣୁ ଦେଶରେ ସରକାର ଦର ନିୟନ୍ତ୍ରଣ କରିବାରେ ଲାଗିଲେ । କିନ୍ତୁ ଖାଲି ଦର ନିୟନ୍ତ୍ରଣ କଲେ ତ ଚଳିବ ନାହିଁ; ଜିନିଷପତ୍ର ତିଆରି କରିବାର ଖର୍ଚ୍ଚ ନ କମାଇଲେ ଅଳ୍ପ ଦରରେ ଜିନିଷ ବିକିବ କିଏ ? ଉତ୍ପାଦନର ଖର୍ଚ୍ଚ କମିବ ବା କିପରି ? ଶେଷକୁ ମାର୍ ମାର୍ ଭଣ୍ଡାରିଆକୁ ମାର୍; ଅର୍ଥାତ୍ ଶ୍ରମିକର ମଜୁରି କମାଇବାକୁ ହେଲା । କିନ୍ତୁ ସେମାନଙ୍କୁ

ଉଦ୍‌ବୁଦ୍ଧ କରିବାକୁ ଲୁହାଗଲା ଯେ, ତାଙ୍କର ସମ୍ପଦ ବଢ଼ିଗଲେ ସେମାନଙ୍କର ପାରିଶ୍ରମିକ ଛଅଁ ଛଅଁ ବଢ଼ିଯିବ ।

ଏହିପରି ଭାବରେ ଜର୍ମାନୀ ଓ ଇଟାଲୀରେ ବେକାର ସମସ୍ୟାର ଆଂଶିକ ସମାଧାନ ହୋଇଥିଲା । କିନ୍ତୁ ଏହା ସବୁ ଯୁଦ୍ଧମୂଳକ ଥିବାରୁ ତାହାର ପରିଣାମରେ ପୃଥିବୀରେ ଯୁଦ୍ଧାଗ୍ନି ଜଳି ଉଠିଲା; ଅଳ୍ପ ଦିନ ମଧ୍ୟ ବ୍ୟାପାରେ ଖର୍ଚ୍ଚାନ୍ତ ହୋଇ ଦେଶରେ ଯେଉଁ ଅଦରକାରୀ ବସ୍ତ୍ର ଘାଟ ଗୋଲା ବାରୁଦ ତିଆରି ହୋଇଥିଲା, ତାହା ଏବେ କାହାର ପ୍ରୟୋଜନରେ ଆସିବ ?

ଆମେରିକାରେ ବିଗତ ମହାଯୁଦ୍ଧ ପୂର୍ବରୁ ସଭାପତି ରୁଜଭେଲ୍ଟଙ୍କ ନେତୃତ୍ୱରେ ସମାଜ ତରଫରୁ ବ୍ୟବସାୟ-ବାଣିଜ୍ୟକୁ ନିୟନ୍ତ୍ରିତ କରିବାର କେତେକ ଯୋଜନା ହେଲା । ସରକାରୀ କର୍ମଚାରୀମାନେ କଳକାରଖାନା ଇତ୍ୟାଦି ପରିଦର୍ଶନ କରିବାର କ୍ଷମତା ପାଇଲେ । ବ୍ୟବସାୟୀ ସମିତିରେ ମଧ୍ୟ ଏମାନଙ୍କର ସ୍ଥାନ ରହିଲା । ୧୯୩୩ରେ ଯେତେବେଳେ ଅର୍ଥସଙ୍କଟ ଉପସ୍ଥିତ ହେଲା, ସେତେବେଳେ ଏମାନେ ବଜାରର ଅବସ୍ଥାକୁ ଗୃହିଁ ଉତ୍ପାଦନର ପରିମାଣ କମାଇ ଦେବାକୁ ଚେଷ୍ଟା କଲେ । ବିଶେଷତଃ କୃଷିର ପରିମାଣ କମାଇ ଦିଆଯାଇ ଖାଦ୍ୟଶସ୍ୟର ଦର ବଢ଼ାଇ ଦିଆଗଲା । ବେକାର ସମସ୍ୟାର ସମ୍ମୁଖୀନ ହେବାପାଇଁ ସରକାର ଚେଷ୍ଟାରେ ବହୁତ ନୂତନ ଧରଣର ନୂଆ ବସତି ସ୍ଥାପିତ ହେଲା । ଆମଦାନି ଓ ରପ୍ତାନିର ନିୟନ୍ତ୍ରଣ ପାଇଁ ଅନ୍ୟ ଦେଶମାନଙ୍କ ସହିତ ସନ୍ଧିସର୍ତ୍ତସବୁ ନୂତନ ଭାବରେ ସ୍ଥିର କରାଗଲା ।

ଶ୍ରମିକମାନଙ୍କ ଅବସ୍ଥାର ଉନ୍ନତି କରିବା ଉଦ୍ଦେଶ୍ୟରେ ସରକାର ବହୁ ସାଧାରଣ ହିତକର ସଂଗଠନମୂଳକ କାର୍ଯ୍ୟ ଆରମ୍ଭ କଲେ । ପ୍ରତି ଦିନକୁ ଓ ପ୍ରତି ସପ୍ତାହକୁ ସବୁଠାରୁ କେତେ କମ୍ ବେତନ

ଦିଆଯାଇପାରେ ତାହା ଧାର୍ଯ୍ୟ ହେଲା । ଶ୍ରମିକସଂଘ ସବୁକୁ ଏ ଦିଗରେ ବ୍ୟବସାୟୀମାନଙ୍କ ସହିତ କଥାବାର୍ତ୍ତା କରିବାର ଅଧିକାର ଦିଆଗଲା । ଶ୍ରମିକ ସପ୍ତାହକୁ ଯେତେ ଘଣ୍ଟା ଖଟିବ, ତାହା ମଧ୍ୟ ନିର୍ଦ୍ଧାରିତ କରାଗଲା ।

କିନ୍ତୁ ଏ ସବୁ ଆଇନକାନୁନ ଏତେ ବେଶି ଚିନ୍ତିତ ଭାବରେ କରାଗଲା ଯେ, ତାହାକୁ ସବୁ କ୍ଷେତ୍ରରେ କାର୍ଯ୍ୟରେ ପରିଣତ କରି ହେଲା ନାହିଁ । ଦ୍ୱିତୀୟତଃ ପ୍ରତି ପରିଚାଳନା ସଂଘରେ ପୁଞ୍ଜିପତିମାନେ ଅଧିକ ସଂଖ୍ୟାରେ ଥିବାରୁ ତାଙ୍କର ମତ ସବୁଠାରେ ପ୍ରବଳ ରହିଲା । ତୃତୀୟରେ ଆମେରିକାର ଶାସନତନ୍ତ୍ରଗତ ବୈଷମ୍ୟଫଳରେ ବିଚାରାଧିକରଣରେ ଏ ସବୁ ଆଇନ ଶାସନତନ୍ତ୍ରର କ୍ଷମତାର ବାହାରେ ବୋଲି ନିଷ୍ପତ୍ତି ହେବାରୁ ଏହାର କାର୍ଯ୍ୟକାରିତା ଅନେକ ପରିମାଣରେ ହ୍ରାସ ହୋଇଗଲା । ଏହା ପରେ ପରେ ଦ୍ୱିତୀୟ ମହାସମର ଆରମ୍ଭ ହେବାରୁ ଅବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଗଲା ।

ଇଂଲଣ୍ଡରେ ମଧ୍ୟ ଦ୍ୱିତୀୟ ମହାସମର ପୂର୍ବରୁ ବ୍ୟବସାୟରାଜ୍ୟରେ ସମାଜର ହସ୍ତକ୍ଷେପ କରିବା ଆରମ୍ଭ ହୋଇ ଯାଇଥିଲା । ୧୯୨୯ଠାରୁ ମୁଦ୍ରାପ୍ରଚଳନର ନିୟନ୍ତ୍ରଣ ସରକାର ନିଜ ହାତକୁ ନେଲେ । ସୁନା ମୁଦ୍ରା ହିସାବରେ ଅଚଳ ହେଲା । ଅର୍ଥସଂକଟ ଯେତିକି ବଢ଼ିଲା, ବୈଦେଶିକ ବାଣିଜ୍ୟରେ ସରକାରଙ୍କର ହସ୍ତକ୍ଷେପ ସେତିକି ବଢ଼ି ଚାଲିଲା । ଦେଶ ବିଦେଶକୁ କେଉଁ ଜିନିଷ କେତେ ରପ୍ତାନି ହେବ ଓ ସେ ଦେଶରୁ ଏ ଦେଶକୁ କେତେ ଜିନିଷ ଆମଦାନି ହେବ—ସରକାର ତାହା ନିର୍ଦ୍ଧାରଣ କରି ବ୍ୟବସାୟୀମାନଙ୍କୁ ସେହି ପରିମାଣରେ ଜିନିଷ ପ୍ରସ୍ତୁତ କରିବାକୁ ଆଦେଶ ଦେଲେ । ଅତି ଅଧିକ ଜିନିଷ ପ୍ରସ୍ତୁତ କରିବା ବନ୍ଦ କରି ଦିଆଗଲା । କୋଇଲା ଓ ଲୁହା ବ୍ୟବସାୟକୁ ମଧ୍ୟ ସରକାର ନିୟନ୍ତ୍ରଣ କରିବାକୁ ଚେଷ୍ଟା କଲେ ଓ ବୈଦେଶିକ ମୁଦ୍ରାନୀତିକୁ ନିୟନ୍ତ୍ରିତ କରିବା ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ପାଣ୍ଠି ରଖିଲେ ।

ଦୁଧ ଓ ଶନ ବ୍ୟବସାୟକୁ ସରକାର ଆର୍ଥିକ ସାହାଯ୍ୟ ଦେଇ ଉନ୍ନତ କରିବାକୁ ଚେଷ୍ଟା କଲେ ।

ଦ୍ୱିତୀୟ ମହାସମର ସମୟରେ ବ୍ୟବସାୟ-ରାଜ୍ୟରେ ସରକାରଙ୍କର କର୍ତ୍ତୃତ୍ୱ ପୂର୍ଣ୍ଣମାତ୍ରାରେ ବଢିଗଲା । ଏକେ ଯୁଦ୍ଧ ନିମନ୍ତେ ସରକାର ନିଜ ହାତରେ ତ ଅନେକ ବ୍ୟବସାୟ ରଖିଲେ; ତା ଛଡ଼ା ଯେଉଁ ଯେଉଁ ଜିନିଷ ଯୁଦ୍ଧରେ ଦରକାର, ତାର ଉତ୍ପାଦନ ଭାର ସରକାର ନିଜ ହାତରେ ବା ନିଜ ତତ୍ତ୍ୱାବଧାନରେ ରଖିଲେ । ଆଜିକାଲିକାର ଯୁଦ୍ଧରେ ତ କମ୍ ଜିନିଷ ଦରକାର ହୁଏ ନାହିଁ । ଫଳରେ ବ୍ୟବସାୟ-ରାଜ୍ୟରୁ ଅଧିକାଂଶ ଭାଗ ସରକାରର ନିଜ ତତ୍ତ୍ୱାବଧାନରେ ରହିଲା । ବାକି ଯେଉଁ ଯେଉଁ ବ୍ୟବସାୟ ପୁଞ୍ଜିପତିମାନଙ୍କ ହାତରେ ରହିଲା, ସରକାର ତାର ଦର ପୁରାପୁରି ଭାବରେ ନିୟନ୍ତ୍ରଣ କଲେ । ବିଦେଶକୁ ଜିନିଷ ପଠାଇବା ସରକାରଙ୍କର ସମ୍ପୂର୍ଣ୍ଣ ତତ୍ତ୍ୱାବଧାନରେ ରହିଲା ।

ଯୁଦ୍ଧପରେ ଦେଖାଗଲା ଯେ, ଇଂଲଣ୍ଡର ବ୍ୟବସାୟଶକ୍ତି ପୁନରୁଜ୍ଜୀବିତ କରିବାକୁ ହେଲେ, ସମାଜର ନେତୃତ୍ୱରେ ପୂର୍ଣ୍ଣ ସଂଗଠନ ଲୋଡ଼ା । ପ୍ରଥମତଃ ଯୁଦ୍ଧସମୟରେ ମୁଦ୍ରାର ସଂଖ୍ୟା ଏତେ ବଢ଼ିଯାଇଛି ଯେ, ହୁଏ ତ ଏକ ପକ୍ଷରେ ମୁଦ୍ରାର ସଂକୋଚନ କରିବାକୁ ହେବ, ନୋହିଲେ ବହୁତ ବ୍ୟବସାୟ ଖୋଲି ମୁଦ୍ରାର ଅନୁପାତରେ ବ୍ୟବସାୟ ବଢ଼ାଇବାକୁ ହେବ । ମୁଦ୍ରାର ସଂକୋଚନ ଏତେ ସହଜ କଥା ନୁହେ । ତେଣେ ଯୁଦ୍ଧରେ କ୍ଷତିଗ୍ରସ୍ତ ଅଞ୍ଚଳର ସଂଗଠନ କରିବାକୁ ବ୍ୟବସାୟ ତ ବଢ଼ାଇବା ଲୋଡ଼ା; ତା ଛଡ଼ା ଯୁଦ୍ଧଫେରନ୍ତା ଲୋକମାନଙ୍କୁ ଯଥେଷ୍ଟ କାମ ଯୋଗାଇ ନ ପାରିଲେ ସେମାନଙ୍କର ଅସନ୍ତୋଷ ବଢ଼ିଯିବ । ଏଣେ ପୁଞ୍ଜିବାଦ ହାତରେ ଏ ସବୁ ଛାଡ଼ିଦେଲେ ପୁଞ୍ଜିପତିମାନେ ଏ ଅବସ୍ଥାର ପୂର୍ଣ୍ଣ ସୁଯୋଗ ନେଇ ନିଜେ ଲାଭ ମାରିନେବେ ।

ତେଣୁ ଋଷିଅରେ ଯେଉଁ ସମାଜବାଦ ବିପ୍ଳବ ଫଳରେ ସମ୍ଭବ ହୋଇଥିଲା, ଇଂଲଣ୍ଡରେ ବିନା ବିପ୍ଳବରେ ସେହି ପ୍ରକାର ଏକ ସମାଜବାଦର ପ୍ରତିଷ୍ଠା ଲାଗି ଚେଷ୍ଟା କରାଯାଉଛି ବୋଲି ମନେ ହୁଏ । ପ୍ରଭେଦ ଏତିକି ଯେ, ଋଷିଆ ପ୍ରଥମେ ସାମ୍ୟବାଦର ପ୍ରତିଷ୍ଠା କରି ପରେ ଆବଶ୍ୟକ ସ୍ଥଳେ ଛୋଟ ଛୋଟ ବେପାରରେ ପୁଞ୍ଜିବାଦର ପୁନଃ ପ୍ରବର୍ତ୍ତନ କରିଥିଲା; କିନ୍ତୁ ଇଂଲଣ୍ଡରେ ପୁଞ୍ଜିବାଦର ଛାଞ୍ଚ ଅକ୍ଷୁଣ୍ଣ ରଖି, ଯେଉଁ ଯେଉଁ ବ୍ୟବସାୟରେ ଜାତୀୟ ସ୍ୱାର୍ଥ ଅଛି, ଯେଉଁ ଯେଉଁଥିରେ ଏକଚାଟିଆ ବାଣିଜ୍ୟ ହେଲେ ଦେଶବାସୀଙ୍କର ହାନିର ସମ୍ଭାବନା, ସେହି ସେହି ବ୍ୟବସାୟ ସରକାର ହାତକୁ ନେଉଅଛନ୍ତି । ଅଉ ଯେଉଁ ସବୁ ବ୍ୟବସାୟରେ ସ୍ୱାର୍ଥର ପ୍ରେରଣା ଲୋଡ଼ା, ସେସବୁ ପାଇଁ ସାଧାରଣ ପୁଞ୍ଜିପତିର ସୁଯୋଗ ପୁରାପୁରି ରହିଛି ।

ବେକାର ସମସ୍ୟାର ନିରାକରଣ ପାଇଁ ଇଂଲଣ୍ଡରେ ଏକ ଅର୍ଥନୈତିକ ଯୋଜନା ମଧ୍ୟ କରାହୋଇଛି । ତାହା ଫଳରେ ଦେଶରେ ଯେତେ ସାଧାରଣ ହିତକର ଓ ସଂଗଠନମୂଳକ କାର୍ଯ୍ୟ କରିବାର କଥା, ତାହାର ଏକ ବିସ୍ତୃତ ଯୋଜନା ଆଗରୁ ପ୍ରସ୍ତୁତ ହୋଇ ରହିଛି । ଆଜ ହିଁଠାରୁ ପୁଣି ଯୁଦ୍ଧର ଆବଶ୍ୟକତା ପଡ଼ିଲେ ଯେ ସବୁ କାର୍ଯ୍ୟ ହେବ ତାହାର ମଧ୍ୟ ଯୋଜନା ହୋଇ ରହିଛି । ଯେତେବେଳେ ଦେଶରେ କେହି କେହି ବେକାର ରହିଯିବେ, ସେତେବେଳେ ସେମାନେ ଏହି ସବୁ କାର୍ଯ୍ୟରେ ନିଯୁକ୍ତ ହେବେ । ଯେତେବେଳେ ସାଧାରଣ ବ୍ୟବସାୟରେ ଲୋକଙ୍କୁ ଯଥେଷ୍ଟ କାମ ମିଳିବ, ସେତେବେଳେ ଏ ସବୁ କାର୍ଯ୍ୟ ସ୍ଥଗିତ ରହିବ । ଏ ସବୁ ଯୋଜନାର ନିୟନ୍ତ୍ରଣ ପାଇଁ ଇଂଲଣ୍ଡର ଶାସନତନ୍ତ୍ର-ମାନଙ୍କରେ ବହୁପରିମାଣରେ ଅର୍ଥନୀତିଜ୍ଞମାନଙ୍କୁ ନିଯୁକ୍ତ କରାଯାଉଛି ।

ଏ ସବୁ ଯୋଜନାର ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେବା ଫଳରେ ସମାଜ ଦେଶର ସମସ୍ତ ସୁସ୍ଥ ସବଳ ଲୋକଙ୍କୁ କାର୍ଯ୍ୟ ଦେବାକୁ ବାଧ୍ୟ ଏବଂ ଅସମର୍ଥ ଓ ବୃଦ୍ଧ ଲୋକମାନଙ୍କୁ ପୋଷିବାକୁ ମଧ୍ୟ ବାଧ୍ୟ ।

ପୁଣି ଯେତେବେଳେ ବ୍ୟବସାୟ-ରାଜ୍ୟ ସମ୍ବନ୍ଧ ଥିବ, ସେତେବେଳେ ଏ କାର୍ଯ୍ୟସବୁ ସ୍ଥଗିତ ରଖି ମନ୍ଦା ବଜାରରେ ଏହି କାର୍ଯ୍ୟସବୁ କରିବା ଦ୍ୱାରା ବ୍ୟବସାୟ ଓ ଦରଦାମର ଗୋଟିଏ ନିଶ୍ଚିତତା ସବୁଦିନ ପାଇଁ ରହିପାରେ । ଫଳରେ ମାନ୍ଦାବଜାରରେ ଲୋକଙ୍କୁ ବେକାର ହେବାକୁ ପଡ଼ିବ ନାହିଁ କି ତେଜା ବଜାରରେ ଶ୍ରମିକର ଅଭାବରୁ ପ୍ରଗତିପଥରେ ବାଧା ଆସିବ ନାହିଁ । ପୁନଶ୍ଚ ଏପରି କଲେ ଯୁଦ୍ଧଯୋଗ୍ୟ ସଂଗଠନ ଗୁଡ଼ିକ ବାହାବେଳେ ବାଇଗଣ ରାଇବା ପରି ତରବରରେ ଯଥା ତଥା ଭାବରେ ବହୁ ବ୍ୟୟ ଫଳରେ ନ ହୋଇ ଧୀରସ୍ଥିର ଓ ସୁଚିନ୍ତିତ ଭାବରେ ହୋଇପାରିବ । ବଡ଼ ବଡ଼ ବ୍ୟବସାୟଗୁଡ଼ିକ ସମାଜ ହାତରେ ରଖିବାରୁ ଦେଶରେ ଅତ୍ୟନ୍ତ ଧନୀ ଓ ଅତ୍ୟନ୍ତ ଦରିଦ୍ର ମଧ୍ୟରେ ଥିବା ବିରାଟ ପାର୍ଥକ୍ୟ ଆଉ ଦେଖାଯିବ ନାହିଁ ।

ମୋଟ ଉପରେ ପୃଥିବୀରେ ମାନବସମାଜ ବର୍ତ୍ତମାନ ଘୋର ପରିବର୍ତ୍ତନର ସମ୍ମୁଖୀନ । ବର୍ତ୍ତମାନ ସବୁଠାରେ ସବୁ କ୍ଷେତ୍ରରେ ବ୍ୟକ୍ତିବିଶେଷର ସ୍ୱାର୍ଥ ଅପେକ୍ଷା ସମାଜର ସମୂହ ସ୍ୱାର୍ଥ ପ୍ରତି ଅଧିକ ଦୃଷ୍ଟି ଦିଆହେଉଛି । ବ୍ୟବସାୟ-ରାଜ୍ୟରେ ମଧ୍ୟ ସମାଜର ହସ୍ତକ୍ଷେପ ସବୁ ଦିଗରେ ବଢ଼ୁଛି ।

ତଥାପି ପୁଞ୍ଜିବାଦର କେତେକ ମୌଳିକ ଉପକାରିତାକୁ ଉପେକ୍ଷା କରାଯାଇପାରୁ ନାହିଁ ଏବଂ ତେଣୁ ପୁଞ୍ଜିବାଦ ଓ ସାମ୍ୟବାଦ ଏ ଦୁଇଟି ମଧ୍ୟରେ ଠିକ୍ ସୀମା ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇ ନାହିଁ । ଦେଶ ବିଦେଶରେ ଏଥି ନିମନ୍ତେ ଚେଷ୍ଟା ଚାଲିଛି ।

ଆମ ଭାରତବର୍ଷରେ ଯେଉଁ ଯୁଦ୍ଧୋତ୍ତର ଯୋଜନା ହେଉଛି, ତାହାର ପ୍ରୟୋଜନୀୟତା ଏହିଠାରେ । ସୁଚିନ୍ତିତ ଭାବରେ ଏ ଦିଗରେ କାର୍ଯ୍ୟକାରୀ ହେଲେ ଆମ ଦେଶ ମଧ୍ୟ ପ୍ରଗତିପଥରେ ଅଗ୍ରସର ହୋଇ ଅନ୍ୟ ଦେଶମାନଙ୍କର ସମକକ୍ଷ ହେବ ।

---

ମୁଦ୍ରାକର—ଶ୍ରୀ ଲକ୍ଷ୍ମୀଧର ରଥବନ୍ଧୁ, ଶ୍ରୀରାଧାରମଣ ପ୍ରେସ, କଟକ—୧୯୪୭

# ସାମାଜିକ ସମସ୍ୟା

## ପ୍ରଥମ ଖଣ୍ଡ

# ପୁଞ୍ଜିବାଦ ଓ ସାମ୍ୟବାଦ

ମୂଲ୍ୟ ଟ ୧୯

**ଏହା ପରେ ପ୍ରକାଶିତ ହେବ—**

ଗଣତନ୍ତ୍ର

ସାମ୍ରାଜ୍ୟବାଦ

ଅନ୍ତର୍ଜାତିକ ଶୃଙ୍ଖଳା

—ଇତ୍ୟାଦି

ଓଡ଼ିଆରେ ସାଧାରଣ ଜନ ଥିବା ଲୋକେ ବୁଝି ପାରିବା ଭଳି ଭାଷାରେ ଏ ଯୁଗର ଅର୍ଥନୈତିକ ଓ ରାଜନୈତିକ ଭାବଧାରାର ସଙ୍କଳନ ଏ ଗ୍ରନ୍ଥମାଳାର ଉଦ୍ଦେଶ୍ୟ । ଗ୍ରନ୍ଥମାଳାର ଲେଖକ ଅର୍ଥନୀତିର ବିଶେଷଜ୍ଞ ହିସାବରେ ସୁପରିଚିତ । ତାଙ୍କ ପ୍ରଣୀତ ଭାରତୀୟ ଅର୍ଥନୀତି ସମ୍ବନ୍ଧୀୟ ପୁସ୍ତକ ସାରା ଭାରତ ତଥା ସୁଦୂର ଇଂଲଣ୍ଡ ଓ ଆମେରିକାରେ ଉଚ୍ଚ ପ୍ରଶଂସିତ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ କାବ୍ୟ ଓ ଉପନ୍ୟାସ ଲେଖକ ହିସାବରେ ତାଙ୍କର ସୁଖ୍ୟାତି ଅଛି । ତେଣୁ ଓଡ଼ିଆରେ ତାଙ୍କ ପ୍ରଣୀତ ଏ ଧରଣର ପୁସ୍ତକ ଉତ୍ସାହୀ ପାଠକମାନଙ୍କର ଦୃଷ୍ଟି ଏଡ଼ିଯିବ ନାହିଁ ବୋଲି ଆଶା ।

**ଷ୍ଟାଣ୍ଡାର୍ଡ ବୁକ୍ ମାର୍ଟ**

ବାଲୁବଜାର, କଟକ